

ସ୍ୱର୍ଣ୍ଣ ରତ୍ନତ୍ରୟ ଅର୍ଘ୍ୟ—

# ଅ-ପ-ହୃ-ତା

## ଡିଟେକ୍‌ଟିଭ୍ ଉପନ୍ୟାସ

ଅପହୃତା

କଲିକତା-୧୨

ନାରୀର ପ୍ରେମକୁ କେନ୍ଦ୍ରକରି ଦିନେ ଯେଉଁ ଝଞ୍ଜା
ବୋହିଥିଲା—ତହିଁର ଏ ଜ୍ୱଳନ୍ତ ଆଲେଖ୍ୟ

ଶ୍ରୀ ଡ଼, ପୃଷ୍ଟି ବ, ଏସ୍, ସି,

ଲେଖିଛନ୍ତି—

ଶ୍ରୀ ଡ, ପୃଷ୍ଟି, ବିଏ, ଏସ, ସି,

✻

ପ୍ରଚ୍ଛଦପଟ ଅଙ୍କନ କରିଛନ୍ତି—

**Jaysree Art Studio, Cal-12**

✻

ଛାପିଛନ୍ତି—

ଯଦୁମଣି ପରିଜା

କୋଣାର୍କ ପ୍ରେସ, ୨୧୨ଏ, ପ୍ରେମଚାନ୍ଦ ବରାଳ ଷ୍ଟ୍ରୀଟ,

କଲିକତା-୧୨

✻

ପ୍ରକାଶ କରିଛନ୍ତି—

ମହାପାତ୍ର ରାଜେନ୍ଦ୍ର ପ୍ରସାଦ

ଜୟଶ୍ରୀ ପ୍ରକାଶନୀ

୨୧୧ଏ, ପ୍ରେମଚାନ୍ଦ ବରାଳ ଷ୍ଟ୍ରୀଟ

✻

ପରିବେଷଣ କରିଛନ୍ତି—

ଜୟଶ୍ରୀ ପରିବେଷକ, କଲିକତା-୧୨

✻

ପ୍ରଯୋଜନା କରିଛନ୍ତି—

ଉତ୍କଳ କଳା ପ୍ରତିଷ୍ଠାନ (ସାହିତ୍ୟ ବିଭାଗ)

ହାଇକୋର୍ଟ ଷ୍ଟ୍ରୀଟ, କଟକ-୨

✻

ମୂଲ୍ୟ—ଏକଟଙ୍କା ମାତ୍ର

# କୃ ତା ଞ୍ଜ ଳି

'ଅ-ପ-ହୃ-ତା' ର
ସଂକଳନ ଦଗରେ
ଉତ୍କଳର ବଶିଷ୍ଟ କଥାକାର
ଶ୍ରୀ ଲକ୍ଷ୍ମୀନାରାୟଣ ମହାନ୍ତି,
ଶ୍ରୀ ଅଜୟକୁମାର ମହାପାତ୍ର ବ, ଏ,
ଏଲ, ଏଲ, ବ, ଏବଂ ମହାପାତ୍ର ରାଜେନ୍ଦ୍ର
ପ୍ରସାଦଙ୍କଠାରୁ ଯଥେଷ୍ଟ ଉତ୍ସାହ, ପ୍ରେରଣା ଓ
ସାହାଯ୍ୟ ପାଇଥିବାରୁ ସେମାନଙ୍କର ନକଟରେ
କୃତାଞ୍ଜଳ ଅର୍ପଣ କରୁଛି—

ରଚଇତା

ନଂ ୦/୬୫୮୦
ତା ............

# ପଦେ ଅଧେ

ଯୁଗଯୁଗଧରି ପୁରୁଷ ଆଗରେ ନାରୀ ରହସ୍ୟମୟୀ । ଛଳନାମୟୀ ନାରୀ କେତେବେଳେ ଯେ କେଉଁ ରୂପ ଧରେ, ତାହା ପୁରୁଷର ବୋଧଶକ୍ତିର ବାହାରେ । ପୁରୁଷ ଆଗରେ ନାରୀ ଆଜି ଗୋଟାଏ ଧନ୍ଦା—ଏକ ବିରାଟ ସମସ୍ୟା । ତାକୁ ବୁଝିପାରିବାର ସଙ୍କେତ ପୁରୁଷ ଏ ପର୍ଯ୍ୟନ୍ତ ପାଇ ପାରିନାହିଁ ।

ପ୍ରେମ ବଡ଼ଲୋକ ଛୋଟଲୋକ ବାଛେନା । ଯୌବନର ଉଚ୍ଛୃଙ୍ଖଳତା ଓ ପ୍ରେମର ପାଗଳାମି ଆଗରେ ବଡ଼ଲୋକ ଛୋଟଲୋକ, ଧନୀ ଦରିଦ୍ର ସଭିଏଁ ସମାନ । ପ୍ରେମପାଇଁ ଭଲ ମଣିଷ କି ରାକ୍ଷସ ପାଲଟେ ? ତେଣୁ କେବଳ ବାହ୍ୟ ଆବରଣ ଓ ଆଡ଼ମ୍ବର ଦ୍ୱାରା ପ୍ରକୃତ ମଣିଷ ଚିହ୍ନି ହୁଏନା, ହୃଦୟ ତଳେ ଏବେ ସେ ଆଦିମ ପ୍ରବୃତ୍ତି ଲୁଚି ରହିଛି—ଅବଶ୍ୟ ବିଭିନ୍ନ ଅନୁପାତରେ । କାହାର ନିହାତି କମ୍, କାହାର ହୁଏତ ବର୍ବରତାର ଶେଷ ସୀମାରେ । ତେଣୁ ମଣିଷର ଭିତର ଚିହ୍ନି ପ୍ରକୃତ ଲୋକ ଚିହ୍ନାଯାଏ ।

ଏତିକିବେଳୁ ଏମିତି ଭାଙ୍ଗି ପଡ଼ନା । ଏହା ଭଗବାନଙ୍କର କୋପ ଦୃଷ୍ଟି ନୁହେଁ, ଏହା ତାଙ୍କର ପରୀକ୍ଷା । ଏତେବେଳେ ହଟିଯାଅ ନାହିଁ । ପ୍ରେମ କଷଣ ବରଣ କରିବ । ଯେଉଁଠି ପ୍ରେମ, ସେଇଠି ଭଗବାନ ।

ପ୍ରକୃତ ପ୍ରେମ କାହାକୁ କହନ୍ତି ତାହା ବୋଧେ ତୁମେ ଜାଣିନ । ତୁମେ ଯେଉଁମାନଙ୍କୁ ପ୍ରେମ କରିଛ ବୋଲି ଦାବୀ କର, ସେମାନଙ୍କୁ ପ୍ରକୃତରେ ତୁମେ ଭଲ ପାଅ ନାହିଁ । ସେମାନେ ବରଂ ଭଲ ପାଉଛନ୍ତି ତୁମର ଟଙ୍କାକୁ । ଟଙ୍କା ବଳରେ ପ୍ରେମର ନାଁରେ ତୁମେ ପ୍ରେମ ପ୍ରତି ଅତ୍ୟାଚାର କରିଛ । ନୋହିଲେ, ଏହା ତୁମକୁ ଜଣା ନଥାନ୍ତା ଯେ ପ୍ରେମ ଧନୀ ଦରିଦ୍ର ବାଛେନା । ଏହାର ସ୍ରୋତରେ ସଭିଏଁ ସମାନ ଭାବରେ ଭାସି ବୁଲନ୍ତି । ଏହା ଗୋଟିଏ ହୃଦୟର ଅନ୍ୟ ହୃଦୟ ସହିତ ପବିତ୍ର ମିଳନର ଆକାଂକ୍ଷା ।

ରେଲୱେ ଷ୍ଟେସନ ଲେବଲ୍ କ୍ରସିଂ ବ୍ରିଜ୍—

ରିଷ୍ଟୱାଚକୁ ଗୁହାଁ ଦେଇ ବ୍ୟସ୍ତ ହୋଇ ଉଠିଲା ଯୁବକଟି । ପାଖରେ ଠିଆ ହୋଇଥିବା ଯୁବତୀଟିକୁ କହିଲା, "ଏଇ ପାଞ୍ଚଟା ବାଜି ପଇଁତିରିଶ ମିନଟ ହେଲା । ଆସ ମନ୍ଦିରା, ଚାଲିଆସ ମୋ ସାଥିରେ ।"

—"କିନ୍ତୁ......"

—"ପ୍ରତିବାଦ କରିବା ସମୟ ଏ ନୁହେଁ, ମନ୍ଦିରା । ଦଅ ଚଞ୍ଚଳ ବାହାର ଆସ ମୋ ସାଙ୍ଗରେ ।"

—"କିନ୍ତୁ କାହିଁକି ?"

ଯୁବକଟି ବିରକ୍ତ ହୋଇ କହି ଉଠିଲା । "ଓଃ, ପୁଣି କିନ୍ତୁ କରିବସିଲ ? ସବୁବେଳେ ତୁମର ଯୁକ୍ତି କରିବାର ଏ ଢଙ୍ଗକୁ ମୁଁ ପସନ୍ଦ କରେ ନା, ମନ୍ଦିରା । ତର୍କହାସ ସମୟ ଏ ନୁହେଁ । ଏଇ ପ୍ରଥମ ଘଣ୍ଟି ବାଜିଲାଣି । ଟାଞ୍ଚ ବର୍ତ୍ତିମାନ ଛାଡ଼ିବ । ଆସ, ଆସ ...ବ ।" ଯୁବକଟି ଯୁବତୀର ହାତ ଧରି ପ୍ଲାଟଫର୍ମ ଆଡ଼କୁ ଟାଣିଲା ।

ଯୁବତୀଟି ଯୁବକଠାରୁ ଏପରି ଅପ୍ରତ୍ୟାଶିତ ବ୍ୟବହାର କେବେହେଲେ ଆଶା କରି ନଥିଲା । ବତୀଖୁଣ୍ଟି ଅଗରେ ଜଳୁଥିବା ଆଲୋକର କ୍ଷୀଣ ରଶ୍ମିରେ ଯୁବକର ମୁହଁରେ ଅଙ୍କିତ ପିଶାଚର ନଗ୍ନରୂପକୁ ଦେଖି ସେ ଶିହରି ଉଠିଥିଲା । ଯୁବକର ହାତ ମୁଠାରୁ ନିଜକୁ ମୁକୁଳାଇ ଆଣି ପଚାରିଲା, "କୁଆଡ଼କୁ ନେଉଛ ମୋତେ ?"

—"ମନ୍ଦିରା, କଲିକତା ଯିବି ବୋଲି କହୁଥିଲ ପରା ସେ ଦିନ ?

—କିନ୍ତୁ ମତେ ସେ କଥା ଆଗରୁ କହିଲ ନାହିଁ ? ଘରେ ବାପାଙ୍କୁ କହି ମୁଁ ଆସି ପାରି ଥାଆନ୍ତି ।

—"ବାପାଙ୍କୁ ପଚାରିବାର ଆବଶ୍ୟକତା କ'ଣ, ମନ୍ଦିରା ? ମୁଁ କେବଳ ଚାହେଁ ତୁମକୁ । ତୁମକୁ ନେଇ ମୁଁ ମୋର ଭବିଷ୍ୟତ ଗଢ଼ିବାକୁ ଚାହେଁ, ମ-ନ୍ଦି-ରା ।"—ଥରିଲା କଣ୍ଠରେ କହି କହି ଯୁବକଟି ଯୁବତୀ ପାଖକୁ ଲାଗି ଆସିଲା ।

ଭୟରେ ଚିତ୍କାର କରି ଯୁବତୀ ପଛକୁ ଘୁଞ୍ଚିଗଲା । ଯୁବକର ଏଇ ପଦକ କଥାରେ ସେ ହୃଦୟରେ ଭୀଷଣ ଆଘାତ ପାଇଥିଲା । ଆଜିକୁ ଦୀର୍ଘ ତିନି ବର୍ଷର ପରିଚୟ ମଧ୍ୟରେ ସେ କେବେ ହେଲେ ଏଇ ଯୁବକଟିକୁ ଭଲ ପାଇନାହିଁ । ବରଂ ତାର ଏଭଳି ମନ୍ଦ ବ୍ୟବହାର ଯୋଗୁଁ ତାକୁ ତିରସ୍କାର କରିଛି । ଯୁବକଟି ଟିକେ ଶଙ୍କିଗଲା । ଅଟକିଗ କଣ୍ଠରେ କହିଲା, 'ମନ୍ଦିରା, ସତେ କଣ ତେବେ ମତେ ନିରାଶ କରିବ ?

ତୀବ୍ର କଣ୍ଠରେ ଯୁବତୀ ଜବାବ ଦେଲା, ଯଦି ତାହାହିଁ ହୁଏ ।'

—'ମନ୍ଦିରା, ମୋ କଥା ଥରେ ଶୁଣ । କୁବେରର ସନ୍ତାନ ପାଖରେ ରହିଲେ ତୁମର ଆଉ କିଛି ଅଭାବ ରହିବନି ହୁ ।

ହୁଗୁଳି କୂଳର ନଭଚୁମ୍ବୀ ବିଜୁଳି ପ୍ରାସାଦ ହେବ ତୁମର ବାସ ଭବନ । ଅସଂଖ୍ୟ ଦାସଦାସୀ ସର୍ବଦା ଖଟିବେ ତୁମ ପାଦତଳେ

ମୋତ ସାହିତ୍ୟ ଜଗତର ଅଳଙ୍କାର ଭୂଷିତ ହେବ, ତୁମର କଳଙ୍କ । ଅଙ୍କ କ'ଣ ଶୁଣୁଛ ? ଭାବ ଦେଖ, ତୁମର ଅଙ୍ଗ କଳଙ୍କ ଅଙ୍କିତ ରହିବ ନାହିଁ ।'

ଯୁବତୀଟି ଏପ୍ରକାର ହୀନ ପ୍ରସ୍ତାବ ଶୁଣି ରାଗରେ ଜଳି ଉଠିଲା । ଲେବଲ୍ କପିଂ ସ୍ଲେଭର ସେ ଅନ୍ଧାରଅ ମୋଡ଼ ଥାଏ ଯୁବକଟି ତୁ ଏତ ଲକ୍ଷ୍ୟ କରି ପାରିନାହିଁ କମରି ତାର ଏ ହୀନ ମନୋବୃତ୍ତି ବନ୍ଧୁତାରେ ଯୁବତୀର ଅଖିରୁ ଦପ୍ ଦପ୍ ହୋଇ ନିଆଁ ସଣ୍ଡା ଝର ପଡ଼ିଲା । ସାଗରେ ସେ ଚକ୍ର ଭରି ଉଠିଲା, 'ଛିଃ ସେତିକି ଥାଉ, ବନ୍ଦକର ତୁମର ଏ ନିର୍ଲଜ୍ଜ କଥା । ମୁଁ ଅଜ ଶୁଣି ପାରୁନାହିଁ । ତୁମେ ଭଣ ଭାବିଛ ଅର୍ଥର ମୋହ ଦେଖାଇ ମେର ନାରୀ ମନକୁ ଭୁଲାଇ ଦେଇ ପାରିବ ?'

—'ମତେ ଭୁଲ ବୁଝନା, ମଧୁସ୍ମି ! ମୁଁ ତୁମ ଭଲ ପାଇଁ ଏପରି କହୁଛି'—

କୋମଳ କଣ୍ଠରେ ଯୁବକଟି ଉତ୍ତର ଦେଲା ।

ଯୁବତୀର ଓଠ ଥର ଉଠିଲା । ମୁହଁରେ ତାଚ୍ଛଲ୍ୟ ଭାବ ଫୁଟାଇ କହିଲା, "ଯା'ହେଉ, ମୋ ଭଲପାଇଁ ପୁଣି ଏପରି କହିଲ ! ସେଥିପାଇଁ ବହୁତ ଧନ୍ୟବାଦ," କିନ୍ତୁ ତୁମର ଏ ପ୍ରକାର ହୀନ ପ୍ରସ୍ତାବରେ ସମ୍ମତ ହୋଇ ମୋର ପବିତ୍ର ବଂଶମୁଖରେ କଦାପି କଳଙ୍କ-ଲେପି ପାରିବ ନାହିଁ ।" କ୍ଷଣେ ନୀରବ ରହି ପୁଣି କହିଲା, "ତୁମେ ମତେ ଭୁଲେଇ ସ୍ନେହର ଅତଳ ଜଳଧିରୁ ଭାସି ଆଣିଥିଲ କ'ଣ ଏଥିପାଇଁ ? ଜୁ—ଜୁ—ମୁଁ ଯଦି ଜାଣିଥାନ୍ତି ତୁମର ଏ ପ୍ରକାର ହୀନ ପ୍ରସ୍ତାବ ଜାଣିଥାନ୍ତି.....

ଦପି ଦପି ଯୁବକଟି ଯେତେବେଳେ ତେବେ କଣ କହୁଥିଲା ଶୁଣୁଛି ।

ଯୁବତୀଟି ଯୁବକଠାରୁ ଏପରି ଅପ୍ରତ୍ୟାଶିତ ବ୍ୟବହାର କେବେହେଲେ ଆଶା କରି ନଥିଲା । ବତୀଖୁଣ୍ଟ ଅଗରେ ଜଳୁଥିବା ଆଲୋକର କ୍ଷୀଣ ରଶ୍ମିରେ ଯୁବକର ମୁହଁରେ ଆଜି ପିଶାଚର ନଗ୍ନରୂପକୁ ଦେଖି ସେ ଶିହରି ଉଠିଥିଲା । ଯୁବକର ହାତ ମୁଠାରୁ ନିଜକୁ ମୁକୁଳାଇ ଆଣି ପଚାରିଲା, "କୁଆଡ଼କୁ ନେଉଛ ମୋତେ ?"

—"ମନ୍ଦିରା, କଲିକତା ଯିବି ବୋଲି କହୁଥିଲ ପରା ସେ ଦିନ ?

—କିନ୍ତୁ ମତେ ସେ କଥା ଆଗରୁ କହିଲ ନାହିଁ ? ଘରେ ବାପାଙ୍କୁ କହି ମୁଁ ଆସି ପାରି ଥାଆନ୍ତି ।

—"ବାପାଙ୍କୁ ପଚାରିବାର ଆବଶ୍ୟକତା କ'ଣ, ମନ୍ଦିରା ? ମୁଁ କେବଳ ଚାହେଁ ତୁମକୁ । ତୁମକୁ ନେଇ ମୁଁ ମୋର ଭବିଷ୍ୟତ ଗଢିବାକୁ ଚାହେଁ, ମ-ନ୍ଦି-ରା ।"—ଥରିଲା କଣ୍ଠରେ କହୁ କହୁ ଯୁବକଟି ଯୁବତୀ ପାଖକୁ ଲାଗି ଆସିଲା ।

ଭୟରେ ଚିତ୍କାର କରି ଯୁବତୀ ପଛକୁ ଘୁଞ୍ଚିଗଲା । ଯୁବକର ଏଇ ପଦକ କଥାରେ ସେ ହୁଏତ ଭୀଷଣ ଆଘାତ ପାଇଥିଲା । ଆଜିକୁ ଦୀର୍ଘ ତିନି ବର୍ଷର ପରିଚୟ ମଧ୍ୟରେ ସେ କେବେ ହେଲେ ଏଇ ଯୁବକଟିକୁ ଭଲ ପାଇନାହିଁ । ବରଂ ତାର ଏଭଳି ମନ୍ଦ ବ୍ୟବହାର ଯୋଗୁଁ ତାକୁ ତିରସ୍କାର କରିଛି । ଯୁବକଟି ଟିକେ ଶଙ୍କିଗଲା । ଆତୁର କଣ୍ଠରେ କହିଲା, 'ମନ୍ଦିରା, ସତେ କଣ ତେବେ ମତେ ନିରାଶ କରିବ ?

ଦୃଢ଼ କଣ୍ଠରେ ଯୁବତୀ ଜବାବ ଦେଲା, ଯଦି ତାହାହିଁ ହୁଏ ।

—'ମନ୍ଦିରା, ମୋ କଥା ଥରେ ଶୁଣ । କୁବେରର ସନ୍ତାନ ପାଖରେ ରହିଲେ ତୁମର ଆଉ କିଛି ଅଭାବ ରହିବ ନାହିଁ ।

ହୁଗୁଳି କୂଳର ନଭଚୁମ୍ବୀ ତିନି ମହଲା ପ୍ରାସାଦ ହେବ ତୁମର ବାସ ଭବନ । ଅସଂଖ୍ୟ ଦାସଦାସୀ ସର୍ବଦା ଖଟିବେ ତୁମ ପାଦତଳେ ।

ମୋତି ମାଣିକ୍ୟ ଖଚିତ ଅଳଙ୍କାର ଭୂଷିତ ହେବ ତୁମର ତନୁଶ୍ରୀ । ଆଉ କ'ଣ ଚାହଁ ? ଭାବ ଦେଖ, ତୁମର ଆଉ କିଛି ଅଭାବ ରହିବ ନାହିଁ ।'—

ଯୁବତୀଟି ଏପ୍ରକାର ହୀନ ପ୍ରସ୍ତାବ ଶୁଣି ରାଗରେ ଥରି ଉଠିଲା । ଲେବଲ୍ କ୍ରସିଂ ରୋଡ଼ର ସେ ଅନ୍ଧାରିଆ ମୋଡ଼ ପାଖେ ଯୁବକଟି ହୁଏତ ଲକ୍ଷ୍ୟ କରି ପାରିନାହିଁ କିନ୍ତୁ ତାର ଏ ହୀନ ମନୋବୃତ୍ତି ବିରୁଦ୍ଧରେ ଯୁବତୀର ଆଖିରୁ ଦପ୍‌ଦପ୍ ହୋଇ ନିଆଁ ମଣ୍ଡା ଝରି ପଡ଼ିଲା । ରାଗରେ ସେ ଚିତ୍କାର କରି ଉଠିଲା, 'ଓଃ ସେତିକି ଥାଉ, ବନ୍ଦକର ତୁମର ଏ ନିର୍ଲଜ କଥା । ମୁଁ ଆଉ ଶୁଣି ପାରୁନାହିଁ । ତୁମେ କଣ ଭାବିଛ ଅର୍ଥର ମୋହ ଦେଖାଇ ମୋର ନାରୀ ମନକୁ ଭୁଲାଇ ଦେଇ ପାରିବ ?'

—'ମତେ ଭୁଲ ବୁଝନା, ମହାଶୟା । ମୁଁ ତୁମ ଭଲ ପାଇଁ ଏତିକି କହୁଛି'—

କୋମଳ କଣ୍ଠରେ ଯୁବକଟି ଉତ୍ତର ଦେଲା ।

ଯୁବତୀର ଓଠ ଥରି ଉଠିଲା । ମୁହଁରେ ତାଚ୍ଛଲ୍ୟ ଭାବ ଫୁଟାଇ କହିଲା, "ଯା'ହେଉ. ମୋ ଭଲପାଇଁ ପୁଣି ଏତିକି କହିଲ ; ସେଥିପାଇଁ ବହୁତ ଧନ୍ୟବାଦ," କିନ୍ତୁ ତୁମର ଏ ପ୍ରକାର ହୀନ ପ୍ରସ୍ତାବରେ ସମ୍ମତ ହୋଇ ମୋର ପବିତ୍ର ବଂଶମୁଖରେ କଦାପି କଳଙ୍କ ଲେପି ପାରିବ ନାହିଁ ।" କ୍ଷଣେ ନୀରବ ରହି ପୁଣି କହିଲା, "ତୁମେ ମତେ ଭୁଲେଇ ଷ୍ଟେସନ ଆଡ଼କୁ ବୁଲିଯିବାକୁ ଡାକି ଆଣିଥିଲ କ'ଣ ଏଥିପାଇଁ ? ଛି—ଛି—ମୁଁ ଯଦି ପୂର୍ବରୁ ତୁମର ଏ ପ୍ରକାର ହୀନ ପ୍ରସ୍ତାବ ଜାଣିଥାନ୍ତି………

ହସି ହସି ଯୁବକଟି ପଚାରିଲେ ତେବେ କଣ କରିଥାନ୍ତ ଶୁଣେ ?

ଦୃଢ଼ କଣ୍ଠରେ ଯୁବତୀ ଉତ୍ତର ଦେଲା, "ତା'ହେଲେ ବର୍ତ୍ତମାନ ହୁଏତ ବନ୍ଦୀଶାଳାର କେଉଁ ଏକ ନିର୍ଜ୍ଜନ ଅନ୍ଧକାର କୋଣ ମଧ୍ୟରେ......

ଅବଶିଷ୍ଟ ପଦଟିକ ପୂରଣ କରି ଯୁବକ ଜଣକ ସଙ୍ଗେ ସଙ୍ଗେ ଉତ୍ତର ଦେଲା, "ମତେ ହାତକଡ଼ି ପିନ୍ଧି ପଡ଼ିଥିବାର ଦେଖିଥାନ୍ତ— ନା କ'ଣ ?"—ଠୋ ଠୋ ହୋଇ ଯୁବକଟି ହସି ଉଠିଲା ।

ଯୁବତୀଟି ସାହସ ବାନ୍ଧି କହି ଉଠିଲା, "ଲଜ୍ଜ୍ୟା ଲାଗେନା ? ଏଇ ତୁମର ଶିକ୍ଷାର କାରାମତି ? ଉପରେ ସଭ୍ୟତାର ସାଜ ପିନ୍ଧି ନିଜକୁ ଶିକ୍ଷିତ ବୋଲି ପରିଚୟ ଦିଅ ଏଇଥିପାଇଁ ପରା ?"

—"ମ—ଧୁ—ରି"

—'କାହାଯୋଗୁ—କାହାଯୋଗୁ ଆଜି ସୁପ୍ରଭା, ଛଇଲା, ଗୀତା— ଏମାନଙ୍କର ସର୍ବନାଶ ହୋଇଛି ? କାହାଯୋଗୁ ଆଜି ସେମାନେ ଅପବାଦର ବୋଝ ମୁଣ୍ଡରେ ମୁଣ୍ଡେଇଛନ୍ତି ? ଛି—ଛି— ଏଡ଼େ ହୀନବୁଦ୍ଧି ତୁମର ! ମଧୁର କଥାରେ ନାରୀକୁ ଭୁଲାଇ ତା'ର ସର୍ବନାଶ କରିବାରେ...କୁହ ଦେଖି, କି ଅଧିକାର ତୁମର ଅଛି ? ତୁମଭଳି ଜଣେ ଜଣେ ପାଷାଣ୍ଡ, ଲମ୍ପଟ........"ଯୁବତୀର କଣ୍ଠ ବାଷ୍ପରୁଦ୍ଧ ହୋଇ ଆସିଲା ।

—"ମଧୁରି"—କମ୍ପି ଉଠିଲା ଯୁବକ ।

ଯୁବତୀଟି ଯୁବକର କଥା ନଶୁଣିଲା ଭଳି କହି ଚାଲିଥାଏ, "ସମାଜ ଆମର ତୁମ ଭଳି ରାକ୍ଷସ, ପିଶାଚ, ଯୋଗୁଁ ସର୍ବନାଶ ହୋଇଛି । ତୁମଭଳି ଲୋକମାନଙ୍କ ଯୋଗୁଁ ଆଜି କେତେ ନାରୀ ସମାଜଚ୍ୟୁତା, କେତେ ଶୋକାତୁରା । ସୁଖର ସଂସାର ଭାଙ୍ଗି ଯାଇଛି । ସରଳମନା ନାରୀଙ୍କୁ ଭୁଲାଇ, ତାଙ୍କର ସର୍ବସ୍ୱ ଲୁଟି କରି ଶେଷରେ ତାଙ୍କରି ନାମରେ କଳଙ୍କର ଡିଣ୍ଡିମ ବଜାଇବା— ଏଇତ ଭଲ ପାଇବାର ଶେଷ କଥା—ନା ଆଉ କ'ଣ ?

—"ଚୁପ୍ କର, ମନ୍ଦିରା । କ'ଣ ଗୁଡ଼ାଏ ଏମିତି କହି ଯାଉଛ ? ସଙ୍କୁଚିତ ହୋଇ କଥାବାର୍ତ୍ତା କରନ୍ତୁ ନୋହିଲେ…… ତୁମକୁ ଜାଣି ରଖିବାକୁ ହେବ ତୁମେ କାହା ସହିତ କଥାବାର୍ତ୍ତା କରୁଛ । ହୁଁ ! ସମାଜ ସମାଜର ଦୁହାଇ ଦେଖାଉଛ । ଜାଣ, ଟଙ୍କା ବଳରେ ଏମିତି କେତେ ସମାଜକୁ ମୁଁ ଗଢ଼ିପାରେ, ପୁଣି ଭାଙ୍ଗିପାରେ ।"

ଯୁବକ ନିକଟରେ ନିଜର ଅସହାୟ ଅବସ୍ଥା ଭାବି ଯୁବତୀ ଜଣକ ମନେ ମନେ ଭୟଭୀତା ହେବାକୁ ଲାଗିଲା ।

ଅନ୍ୟମନସ୍କଭାବେ ଯୁବକଟି କହି ଚାଲିଥାଏ, "ମନ୍ଦିରା, ନିଶ୍ଚୟ ମନେଥିବ ତୁମର ସେ ଦିନର କଥା । ସେଦିନ ମୁଁ ତୁମ ନିକଟରେ ମୋର ପ୍ରାଣର ନିବେଦନ ଶୁଣାଇଥିଲି । ଅନ୍ତରର ଅକୁହା କାହାଣୀ କହିଥିଲି ତୁମର ସହାନୁଭୂତିର ଭାଷାରେ । କି—ନ୍ତୁ—କିନ୍ତୁ ତୁମେ ମତେ ଫେରାଇ ଦେଲ । ମତେ ନିଷ୍ଠୁର ତିରସ୍କାର କରି ପ୍ରତ୍ୟାଖ୍ୟାନ କଲ । ମନ୍ଦିରା, ତୁମେ ମୋର ପ୍ରେମକୁ ଧିକ୍କାର କରିଛ—ପଦାଘାତ କରିଛ……" ଯୁବକର ଆର୍ଦ୍ର କଣ୍ଠ ଅସ୍ପଷ୍ଟ ସ୍ୱରରେ ଥରି ଉଠିଲା । କ୍ଷଣକ ମଧ୍ୟରେ ଆଖିରେ ତା'ର ନାଚି ଉଠିଲା ପ୍ରତିଶୋଧର ବହ୍ନିଶିଖା । ଶୂନ୍ୟ କକ୍ଷ ତା'ର ଥରି ଉଠିଲା । ଉତ୍ତେଜିତ ହୋଇ କହି ଉଠିଲା, "ସେଇଦିନୁ— ମୋ ଅନ୍ତର ଜଳି ଯାଉଛି, ମନ୍ଦିରା । ଜଳି ପାଉଁଶ ହୋଇଯାଉଛି । ମୋ ହୃଦୟରେ ସେହି ଯେଉଁ ନିଆଁ ତୁମେ ଜାଳି ଦେଇଛ, ତାହା ଏ ପର୍ଯ୍ୟନ୍ତ ଲିଭିନାହିଁ—ତାହା ଏ ପର୍ଯ୍ୟନ୍ତ ଲିଭି ପାରିନାହିଁ । ସେହି ନିଆଁରେ ମୁଁ ତୁମକୁ ଜାଳି ଦେବାକୁ ଚାହେଁ । ଚାହେଁ, ତୁମର ସଂସାର ଗଢ଼ିବାର କଳ୍ପନାକୁ ଭାଙ୍ଗିଚୁରି ଛାରଖାର କରି ଦେବାକୁ । ମୁଁ ଚାହେଁ ପ୍ର—ତି—ଶୋ—ଧ ।"

"ପ୍ରତିଶୋଧ !"—ଶଙ୍କିତ ଚିତ୍ତେ ମନ୍ଦିରା ଚମକି ଉଠିଲା ।

ଦୃଢ଼ କଣ୍ଠରେ ଯୁବତୀ ଉତ୍ତର ଦେଲା, "ତା'ହେଲେ ବର୍ତ୍ତମାନ ହୁଏତ ବନ୍ଦୀଶାଳାର କେଉଁ ଏକ ନିର୍ଜ୍ଜନ ଅନ୍ଧକାର କୋଣ ମଧ୍ୟରେ......

ଅବଶିଷ୍ଟ ପଦତକ ପୂରଣ କରି ଯୁବକ କ୍ଷଣକ ସଙ୍ଗେ ସଙ୍ଗେ ଉତ୍ତର ଦେଲା, "ମତେ ହାତକଡ଼ି ପିନ୍ଧି ପଡ଼ିଥିବାର ଦେଖିଆନ୍ତ—ନା କ'ଣ ?"—ଠୋ ଠୋ ହୋଇ ଯୁବକଟି ହସି ଉଠିଲା ।

ଯୁବତୀଟି ସାହସ ବାନ୍ଧି କହି ଉଠିଲା, "ଲଜ୍ଜ୍ୟା ଲାଗେନା ? ଏଇ ତୁମର ଶିକ୍ଷାର କାରିମତି ? ଉପରେ ସଭ୍ୟତାର ସାଜ ପିନ୍ଧି ନିଜକୁ ଶିକ୍ଷିତ ବୋଲି ପରିଚୟ ଦିଅ ଏଇଥିପାଇଁ ପରା ?"

—"ମ—ନ୍ଧ—ରି"

—'କାହାଯୋଗୁ—କାହାଯୋଗୁ ଆଜି ସୁପ୍ରଭା, ଛବିଳା, ଗୀତା—ଏମାନଙ୍କର ସର୍ବନାଶ ହୋଇଛି ? କାହାଯୋଗୁ ଆଜି ସେମାନେ ଅପବାଦର ବୋଝ ମୁଣ୍ଡରେ ମୁଣ୍ଡେଇଛନ୍ତି ? ଛି—ଛି— ଏଡ଼େ ହୀନବୁଦ୍ଧି ତୁମର ! ମଧୁର କଥାରେ ନାରୀକୁ ଭୁଲାଇ ତା'ର ସର୍ବନାଶ କରିବାରେ...କୁହ ଦେଖି, କି ଅଧିକାର ତୁମର ଅଛି ? ତୁମଭଳି ଜଣେ ଜଣେ ପାଷାଣ୍ଡ, ଲମ୍ପଟ.........."ଯୁବତୀର କଣ୍ଠ ବାଷ୍ପରୁଦ୍ଧ ହୋଇ ଆସିଲା ।

—"ମନ୍ଧରି"—କମ୍ପି ଉଠିଲା ଯୁବକ ।

ଯୁବତୀଟି ଯୁବକର କଥା ନଶୁଣିଲା ଭଳି କହି ଚାଲିଥାଏ, "ସମାଜ ଆମର ତୁମ ଭଳି ସ୍ୱାର୍ଥୀ, ପିଶାଚ, ଯୋଗୁଁ ସର୍ବନାଶ ହୋଇଛି । ତୁମଭଳି କାମାନ୍ଧଙ୍କ ଯୋଗୁଁ ଆଜି କେତେ ନାରୀ ସମାଜଚ୍ୟୁତା, କେତେ ଶୋକାତୁରା । ସୁଖର ସଂସାର ଭାଙ୍ଗି ଯାଉଛି । ସରଳମନା ନାରୀଙ୍କୁ ଭୁଲାଇ, ତାଙ୍କର ସର୍ବସ୍ୱ ଲୁଟି କର ଶେଷରେ ତାଙ୍କର ନାମରେ କଳଙ୍କର ଡିଣ୍ଡିମ ବଜାଇବା—ଏଇତ ଭଲ ପାଇବାର ଶେଷ କଥା—ନା ଆଉ କ'ଣ ?

—"ଚୁପ୍ କର, ମନ୍ଦିରା । ଭଣ୍ ଗୁଡ଼ାଏ ଏମିତି କହି ଯାଉଛ !
ସଞ୍ଜିତ ହୋଇ କଥାବାର୍ତ୍ତା କରନ୍ତୁ ନୋହିଲେ······ତୁମକୁ
ଜାଣି ରଖିବାକୁ ହେବ ତୁମେ କାହା ସହିତ କଥାବାର୍ତ୍ତା କରୁଛ ।
ନୁଁ ! ସମାଜ ସମାଜର ଦୁହାଇ ଦେଖାଉଛ ? ଜାଣ, ଟଙ୍କା ବଳରେ
ଏମିତି କେତେ ସମାଜକୁ ମୁଁ ଗଢ଼ିପାରେ ପୁଣି ଭାଙ୍ଗିପାରେ ।"

ଯୁବକ ନିକଟରେ ନିଜର ଅସହାୟ ଅବସ୍ଥା ଭାବି ଯୁବତୀ ଜଣିକ ମନେ ମନେ ଅନୁତପ୍ତା ହେବାକୁ ଲାଗିଲା ।

ଅନ୍ୟମନସ୍କ ଭାବେ ଯୁବକଟି କହି ଚାଲିଥାଏ, "ମନ୍ଦିରା, ନିଶ୍ଚୟ ମନେଥିବ ତୁମର ସେ ଦିନର କଥା । ସେଦିନ ମୁଁ ତୁମ ନିକଟରେ ମୋର ପ୍ରାଣର ନିବେଦନ ଶୁଣାଇଥିଲି । ହୃଦୟର ଅକୁହା କାହାଣୀ କହିଥିଲି ତୁମର ସମ୍ମୁଖରେ ପ୍ରତ୍ୟାଶାରେ । କି—ନ୍ତୁ—କିନ୍ତୁ ତୁମେ ମତେ ଫେରାଇ ଦେଲ । ମତେ ନିଷ୍ଠୁର ତିରସ୍କାର କରି ପ୍ରତ୍ୟାଖାନ କଲ । ମନ୍ଦିରା, ତୁମେ ମୋର ପ୍ରେମକୁ ଅସ୍ୱୀକାର କରୁଛ—ପଦାଘାତ କରୁଛ······"ଯୁବକର ଅର୍ଦ୍ଧକଣ୍ଠ ଅସ୍ପଷ୍ଟ ସ୍ୱରରେ ଥରି ଉଠିଲା । କ୍ଷଣକ ମଧ୍ୟରେ ଆଖିରେ ତା'ର ନାଚି ଉଠିଲା ପ୍ରତିଶୋଧର ବହ୍ନିଶିଖା । ଶୂନ୍ୟ ବକ୍ଷ ତା'ର ଥରି ଉଠିଲା । ଉତ୍ତେଜିତ ହୋଇ କହି ଉଠିଲା, "ସେଇଦିନୁ—ମୋ ଅନ୍ତର ଜଳି ଯାଉଛି, ମନ୍ଦିରା । ଜଳି ପାଉଁଶ ହୋଇଯାଉଛି । ମୋ ହୃଦୟରେ ସେହି ଯେଉଁ ନିଆଁ ତୁମେ ଜାଳି ଦେଇଛ, ତାହା ଏ ପର୍ଯ୍ୟନ୍ତ ଲିଭିନାହିଁ—ତାହା ଏ ପର୍ଯ୍ୟନ୍ତ ଲିଭି ପାରିନାହିଁ । ସେହି ନିଆଁରେ ମୁଁ ତୁମକୁ ଜାଳି ଦେବାକୁ ଚାହେଁ । ଚାହେଁ, ତୁମର ସଂସାର ଗଢ଼ିବାର କଳ୍ପନାକୁ ଭାଙ୍ଗିଚୁର ଛାରଖାର କରି ଦେବାକୁ । ମୁଁ ଚାହେଁ ପ୍ର—ତି—ଶୋ—ଧ ।"

"ପ୍ରତିଶୋଧ !"—ସଶଙ୍କ ଚିତ୍ତେ ମନ୍ଦିରା ଚମକି ଉଠିଲା ।

—"ହଁ, ହଁ, ପ୍ରତିଶୋଧ । ଯେହ୍ନୁ ପ୍ରତିଶୋଧ ନେବାପାଇଁ ମୁଁ ଆଜି ପାଗଳ । ଏତେଦିନ ଯାଏ ଉପଯୁକ୍ତ ସୁଯୋଗ ପାଇ ପାରି ନଥିଲି । ସୌଭାଗ୍ୟକୁ ଆଜି..........

ମନ୍ଦିରା ମିନତିଭରା ସ୍ୱରେ କହିଲା । "ତୁମେ ମତେ ଛାଡିଦିଅ । ସାମାନ୍ୟ ଜଣେ ଅବଳା ପ୍ରତି ଅତ୍ୟାଚାର କଲେ ତୁମେ କ'ଣ ନିଜକୁ ଗୌରବାନ୍ୱିତ ମନେ କରିବ ?"

ଯୁବକଟି ହସିବାକୁ ଚେଷ୍ଟା କଲା । କହିଲା, "ନିଜକୁ ଏତେ ଦୁର୍ବଳ ମନେ କରନା, ମନ୍ଦିରା । ଯୁଗ ଯୁଗ ଧରି ପୁରୁଷ ଆଗରେ ନାରୀ ରହସ୍ୟମୟୀ । ଛଳନାମୟୀ ନାରୀ କେତେବେଳେ ଯେ କେଉଁ ରୂପ ଧରେ, ତାହା ପୁରୁଷର ବୋଧଶକ୍ତିର ବାହାରେ । ପୁରୁଷ ଆଗରେ ନାରୀ ଆଜି ଗୋଟିଏ ଧନ୍ଦା, ଏକ ବିରାଟ ସମସ୍ୟା । ତାକୁ ବୁଝି ପାରିବାର ସଙ୍କେତ ପୁରୁଷ ଏ ପର୍ଯ୍ୟନ୍ତ ପାଇ ପାରିନାହିଁ । ତୁମେ ବି ସେହିମାନଙ୍କ ମଧ୍ୟରୁ ଜଣେ । ତୁମର ଏ ମିନତି କୁମ୍ଭୀର ଅଶ୍ରୁର ଲୁହପରି ଛଳନାପୂର୍ଣ୍ଣ ନୁହେଁ ତ ? ତୁମ ଆଖିର ଏ ଲୁହ ନିଅଁ ନୁହେଁ ତ ? ନା—ନା—ମୁଁ ଜାଣେ, ତୁମେ ଏଠାରୁ ଖସି ଚାଲିଗଲେ ମୋର ସମସ୍ତ ଚକ୍ରାନ୍ତ ପଦାରେ ପକାଇ ଦେବ । ଫଳରେ ମୁଁ କଠିନ ଦଣ୍ଡ ଭୋଗ କରିବି । ଆଉ ତୁମେ ହସି ହସି ମୋ ଅବସ୍ଥା ଦେଖୁଥିବ । ନା—ମୁଁ ତୁମକୁ ଛାଡ଼ିବି ନାହିଁ । ମୁଁ ଏତେ ବୋକା ନୁହେଁ ଯେ ଏତେଦିନକେ ହାତରେ ପାଇ ତୁମକୁ ଛାଡ଼ିଦେବି । ମୋର ଉଦ୍ଦେଶ୍ୟ ଏଥର ନିଶ୍ଚୟ ସିଦ୍ଧି ହେବ ।

"ଯୁବକର କପାଳରେ ଅଙ୍କି ହୋଇଗଲା ସୁଦୀର୍ଘ ତିନୋଟି ରେଖା । ବିକଟ ମୁଖଭଙ୍ଗୀ କରି କହିଲା, "ତା' ନ ହୋଇଥିଲେ ତୁମ ପଛେ ପଛେ ମୁଁ ପାଗଳ ପରି ଧାଇଁ ଆଜି ଏମିତି ହୋଇନଥାନ୍ତି ।" କଥାର ସୁଅରେ ସଁ ସଁ ହେବାକୁ ଲାଗିଲା ସେ ।

ମନ୍ଦସା କାନ୍ଦି ଉଠିଲା । ତା'ର ସେଇ ଲୁହ ଭିତରେ ଯୁବକ ଶୁଣିଲା କେତେ ମିନତି, କେତେ ଆକୁଳ ପ୍ରାର୍ଥନା । କିନ୍ତୁ ସବୁ ବ୍ୟର୍ଥ ହେଲା । ଯୁବକ ତା' ପଥରୁ ତିଳେ ମାତ୍ର ଟଳିଲା ନାହିଁ । ବଜ୍ରଗମ୍ଭୀର ସ୍ୱରରେ କହିବାକୁ ଲାଗିଲା,"ମନ୍ଦସା, ଭାବିଛ ଏମିତି କାନ୍ଦାକଟା କରି ମୋ ମନକୁ ତରଳାଇ ଦେଇ ପାରିବ, ନା କ'ଣ ? କିନ୍ତୁ—ବୃଥା ସେ ସବୁ । ଏ ହୃଦୟ ପଥରରେ—ନା, ନା, ଲୁହାରେ—ତିଆରି ବଳି କଠିନ ଇସ୍ପାତରେ ଢଳା । ନାରୀର ଅମୋଘ ଶକ୍ତି ଲୁହାକୁ ଆଜି ମୋ ଆଗରେ ହାରି ମାନିବାକୁ ପଡ଼ିବ ।" କ୍ଷଣେ ନୀରବ ରହି ପୁଣି କହିଲା, "ଜାଣେ ମନ୍ଦସା, ଆଜି ମୁଁ ପଶୁଠାରୁ ହୀନ । ଆଜି ସମାଜ ମତେ କହିବ ଉଚ୍ଛୃଙ୍ଖଳ, ସ୍ୱେଚ୍ଛାଚାରୀ, ଡକାୟତ ବୋଲି । ଲୋକେ କହିବେ ତାକୁ ସର୍ଦ୍ଦାର । ତୁମେ ବି କହିବ । କୁହ । କ୍ଷତି କଣ ? କିନ୍ତୁ ମୋର କାମନା ଆଜି ସଫଳ ହେବ । ତୁମକୁ ଯିବାକୁ ହେବ ମୋ ସାଙ୍ଗରେ ।" ଯୁବକଟି ଯୁବତୀର କୋମଳ ପାପୁଲିକୁ ନିଜ ହାତ ମୁଠାରେ ଚପି ଧରି ଆଉଜାଇ ଆଣିଲା ନିଜ ଆଡ଼କୁ ।

ଭାବି ଆଶଙ୍କାରେ ଯୁବତୀ ଚିତ୍କାର କରି ଉଠିଲା । ଭୟଭୀତ ଚଞ୍ଚଳା ହରିଣୀ ଭଳି ତା'ର ଅଙ୍ଗ ଥରିଲା ଶିହରି ଉଠିଲା ।

"ଓଃ, ମୋ ପାଖରୁ ଘୁଞ୍ଚିଯାଅ, ପାଷାଣ୍ଡ । ପାପୀର ପ୍ରଶ୍ୱାସର ଏ ବିଷାକ୍ତ ପବନ......" ଯୁବକର ଛାତିକୁ ଠେଲି ଦେଇ ଯୁବତୀଟି ରକ୍ଷା ପାଇବାକୁ ଚେଷ୍ଟା କଲା । କିନ୍ତୁ ଯୁବକର ବଜ୍ର ହସ୍ତ ମୁଠାରୁ ନିଜକୁ ମୁକୁଳାଇ ପାରିଲା ନାହିଁ । ଯୁବକର କରଗତ ହୋଇ କେବଳ ଛଟପଟ ହେବାକୁ ଲାଗିଲା ।

ହୋ, ହୋ, ହୋଇ ହସି ଉଠିଲା ଯୁବକ ଜଣକ । ଯୁବତୀଟି ପୁଣି ପାରିଲା, ସେଇ ପୈଶାଚିକ ହସର ଅନ୍ତରାଳେ ଲୁକାୟିତ

ହୋଇ ଖେଳ ବୁଲୁଛି ଯେମିତି ଗୋଟାଏ ହୀନ ଲାଳସା ତାହାର ଉଦ୍ଦେଶ୍ୟରେ ।

ଯୁବତୀ ମନେ ମନେ ପ୍ରମାଦ ଗଣିଲା ।

—"ଯେତେ ଲମ୍ଫ ଝମ୍ପ କରିବାର କରିନିଅ, ମନ୍ଦିରା । ହୁଏତ ଆଉ ସମୟ ପାଇବ ନାହିଁ । କିନ୍ତୁ ତୁମକୁ ଯିବାକୁ ହେବ ।" ଯୁବକଟି ଆହୁରି ଜୋରରେ ହସି ଉଠିଲା । ଯୁବତୀ ଜଣକ ଅନୁଭବ କରିବାକୁ ଲାଗିଲା, ସେହି ହସର ତାଳେ ତାଳେ ତା'ର ଜୀବନ ଭାଙ୍ଗି ମିଳେଇ ଯାଉଛି ଯେମିତି । ତଥାପି ସାହସ ବାନ୍ଧି କହିଲା, "କଦାପି ନୁହେଁ । ଜୀବନରେ ଥିବା ଯାଏ ମୁଁ କଦାପି ଆଉ ଜଣକୁ ଭଲ ପାଇ ପାରିବି ନାହିଁ ।"

—"ହଁ, ହଁ, ଅଲବତ୍—ଅଲବତ୍ ପାଇବାକୁ ହେବ—ପାଇବାକୁ ହେବ ।" —ଯୁବକଟି ପୁଣି ହସି ଉଠି ଯୁବତୀକୁ ନିଜ ଛାତି ଉପରେ ଭିଡ଼ି ଧରିଲା । ଅବଳା ଯୁବତୀଟି ଅସହାୟା ଅବସ୍ଥାରେ ଯୁବକର ପ୍ରଶସ୍ତ ଛାତି ଉପରେ ଥାଇ ଚିତ୍କାର କରିବାକୁ ଯାଉଥିବା-ବେଳେ ଯୁବକଟି ହଠାତ୍ ପକେଟରୁ ଖଣ୍ଡେ ରୁମାଲ୍ କାଢ଼ି ତା' ପାଟି ଉପରେ ଭିଡି ଧରିଲା । ସଙ୍ଗେ ସଙ୍ଗେ ଯୁବତୀର ଅବଶ ଦେହ ଯୁବକ ଉପରେ ଲୋଟି ପଡ଼ିଲା ।

ଏତିକିବେଳେ ଦୁଇଜଣ ଲାଇନ୍‌ମ୍ୟାନ୍ ଲାଲରଙ୍ଗର ବତୀ ଧରି ରାସ୍ତା ଆଡ଼କୁ ଆଗେଇ ଆସୁଥିଲେ । କେହି ତେଣିକି ଆସୁଥିବାର ଦେଖି ଯୁବକଟି ଶୀଘ୍ର ଯୁବତୀଟିକୁ କାନ୍ଧ ଉପରେ ପକେଇ ନିକଟସ୍ଥ ବୁଦା ନିକଟରେ ଅପେକ୍ଷା କରିଥିବା କଳା ରଙ୍ଗର ଗାଡ଼ି ଆଡ଼କୁ ଦ୍ରୁତ ପଦକ୍ଷେପରେ ଆଗେଇଗଲା ।

* ରାତି ଏକ୍ସପ୍ରେସ୍ ଷ୍ଟେସନ ଛାଡି ଚାଲି ଯାଇଛି ।

* ହାଇଟ୍ରଙ୍କରୋଡ୍ ଉପରେ କଳାରଙ୍ଗର ଗାଡ଼ିଟେ ତୀର-ବେଗରେ ଛୁଟି ଚାଲିଛି !!

* ଲେବଲ୍‌କ୍ରସିଂ ରୋଡ୍ ପାଖରେ ପଡ଼ି ରହିଛି କ୍ଲୋରୋଫର୍ମରେ ବୁଡ଼ା ହୋଇଥିବା ଖଣ୍ଡିଏ ରୁମାଲ୍ !!!

—ଦୁଇ—

ରାତି ଅାଠ ଦଶଟା ବାଜିଲାଣି ତଥାପି ମନ୍ଦିରା ଏ ପର୍ଯ୍ୟନ୍ତ ଫେରିନାହିଁ । କୁଆଡ଼େ ଗଲା ଏତେବେଳ ଯାଏ ! ଶ୍ରୀକାନ୍ତ ବାବୁ ଅସ୍ଥିର ହୋଇ ପଡ଼ିଲେ ।

ଶ୍ରୀକାନ୍ତ ବାବୁ ଜଣେ ସମ୍ଭ୍ରାନ୍ତବଂଶୀୟ ଜମିଦାର । ବେଶ୍ ଧନୀ । ଅଭ, ମନ୍ଦିରା ତାଙ୍କର ଏକମାତ୍ର କନ୍ୟା—ଶ୍ରୀକାନ୍ତ ବାବୁଙ୍କର ବିଶାଳ ସମ୍ପତ୍ତିର ଏକମାତ୍ର ଉତ୍ତରାଧିକାରିଣୀ । ପିତାଙ୍କର ଏକମାତ୍ର ସନ୍ତାନ ହିସାବରେ ସେ ତାଙ୍କର ଏକାନ୍ତ ଆଦରଣୀୟା ଥିଲା । ଶ୍ରୀକାନ୍ତ ବାବୁ ତାକୁ ଅତ୍ୟଧିକ ସ୍ନେହ କରୁଥିଲେ । କେବେହେଲେ ତାକୁ ବେଶୀ ସମୟ ପାଇଁ ନିଜ ପାଖରୁ ଛାଡ଼

ନ ଥିଲେ । ଆଜି କିନ୍ତୁ ତାଙ୍କର ଅନୁପସ୍ଥିତିରେ ସେ କୁଆଡ଼େ ଯାଇଛନ୍ତି ଯେ ଏ ପର୍ଯ୍ୟନ୍ତ ଫେରିନାହାନ୍ତି । ଶ୍ରୀକାନ୍ତ ବାବୁ ବ୍ୟସ୍ତ ହୋଇ ଉଠିଲେ ।

ପାଖ ଟେବୁଲ ଆଡ଼କୁ ବ୍ୟସ୍ତଭାବରେ ଧାଇଁ ଯାଇ ବୈଦ୍ୟୁତିକ ଘଣ୍ଟିର ବୋତାମକୁ ଚାପି ଧରିଲେ । କିଛିକ୍ଷଣ ପରେ ଶ୍ରୀକାନ୍ତବାବୁଙ୍କ କୋଠରୀ ଭିତରକୁ ପ୍ରବେଶ କଲା ଭୃତ୍ୟ ଦୀନା ।
ଚୌକୀ ଉପରେ ବସି ପଡ଼ି ପଡ଼ି ଶ୍ରୀକାନ୍ତ ବାବୁ ଦୀନାକୁ ବ୍ୟସ୍ତଭାବେ ପଚାରିଲେ, "ମନ୍ଦିରା ଏ ପର୍ଯ୍ୟନ୍ତ କୁଆଡ଼େ ଯାଇଛନ୍ତି, ଦୀନା ?"

ଦୀନା ଆଶ୍ଚର୍ଯ୍ୟ ହୋଇ ଶ୍ରୀକାନ୍ତ ବାବୁଙ୍କ ଆଡ଼କୁ ଚାହିଁରହି । କହିଲା, "ଦେଇ ଏ ଯାଏ ଫେରିନାହାନ୍ତି ? ଅଧଘଣ୍ଟାକ ଭିତରେ ଆସିବେ ବୋଲି କହି ଯାଇଥିଲେ !" ଶ୍ରୀକାନ୍ତବାବୁ ମନେ ମନେ ପ୍ରମାଦ ଗଣିଲେ । ପଚାରିଲେ, "କେତେବେଳେ କାହା ସଙ୍ଗରେ ଯାଇଛନ୍ତି ?" କଣ୍ଠରେ ତାଙ୍କର ଅଜଣା ଆଶଙ୍କାର ଇଙ୍ଗିତ ।

ଦୀନା ଶ୍ରୀକାନ୍ତ ବାବୁଙ୍କ ଅସ୍ଥିରତା ଲକ୍ଷ୍ୟ କରି ବିଚଳିତ ହୋଇ ପଡ଼ିଲା । ଥର ଥର କଣ୍ଠରେ କହିଲା, "ବାବୁ, ଦେଇ ତ ସନ୍ଧ୍ୟାବେଳେ ଏକୁଟିଆ ଗଲେ ।"

—"କୁଆଡ଼କୁ ?"

—"କହି ପାରିବି ନାହିଁ, ଆଜ୍ଞା—"

ଶ୍ରୀକାନ୍ତ ବାବୁଙ୍କ ମୁଖ ମଳିନ ପଡ଼ି ଆସିଲା ! ସେ ଚୌକିରୁ ଉଠିପଡ଼ି ଅସ୍ଥିର ଭାବେ ପଚାରିଲେ ? ତା' ଆଗରୁ ଆଉ କିଏ ଆସିଥିଲେ ?"

ଦୀନା ମନେ ମନେ ବହୁତ ଭାବିଲା । ନାହିଁ, ବାବୁ ଗଲାପରେ କେହିତ ଆଉ ଆସିନାହାନ୍ତି ! ପୁଣି ଭାବିବାକୁ ଲାଗିଲା । ହଁ, ହଁ, ସୁରବାବୁ ତ ଆସିଥିଲେ ତା ଆଗରୁ ଦେଇଙ୍କ ପାଖକୁ । କେବେ—

ତେବେ—ସେ କ'ଣ…ଧାନା ଆଉ ଭାବି ପାରିଲା ନାହିଁ । ମୁହଁଟେକି ଶ୍ରୀକାନ୍ତ ବାବୁଙ୍କ ଆଡକୁ ଚାହିଁଲା । ଦେଖିଲା, ଶ୍ରୀକାନ୍ତବାବୁ ଉତ୍ତର ପ୍ରତ୍ୟାଶାରେ ତା'ଆଡକୁ ଜିଜ୍ଞାସୁ ନୟନରେ ଅନାଇ ରହିଛନ୍ତି । ଏଥର ଧାନାକୁ ପୁନର୍ବାର ପ୍ରଶ୍ନ କଲେ, "କ'ଣ, କେହି ଆଉ ଆସିଥିଲେ ?"

ଧାନାର ଛାତି ଖଣ୍ଡା ମାରିଲା । ବହୁ କଷ୍ଟରେ ଦରଦର କଣ୍ଠରେ କହିଲା, "ବାବୁ, ତା'ଆଗରୁ ତ ସୁରବାବୁ ଆସିଥିଲେ ।"

"ସୁର ଆସିଥିଲା !" ଶ୍ରୀକାନ୍ତବାବୁ ଚମକି ଉଠିଲେ । ମନେମନେ ଗୁଣି ହେଲେ ସୁର ଆସିଥିଲା—ସୁର ଆସିଥିଲା । ତେବେ—ତେବେ—ସୁର କ'ଣ ଆଉ…ମୁଣ୍ଡ ଭିତରେ ତାଙ୍କର ସବୁ ଯେମିତି କିଛି ଗୋଳମାଳ ହୋଇଗଲା । ସେ ଗମ୍ଭୀର ମୁହଁରେ କୋଠରୀ ମଧ୍ୟରେ ପଦଚାରଣା କରିବାକୁ ଲାଗିଲେ । ଗଭୀର ଚିନ୍ତାରେ ତାଙ୍କର ମସ୍ତିଷ୍କ ଭାରାକ୍ରାନ୍ତ ହୋଇ ତଳକୁ ନୋଇଁ ପଡିଲା । କିଛିକ୍ଷଣ ପରେ ନୀରବତା ଭଙ୍ଗକରି ଶ୍ରୀକାନ୍ତବାବୁ ହଠାତ୍ ଧାନାକୁ କହିଲେ, "ଧାନା, ଦଉଡି ଯିବୁଟି ସୁରକୁ ଡାକି ଆଣିବୁ !" ପ୍ରଭୁର ଆଦେଶ ପାଳନ କରିବାକୁ ଧାନା ଥରଥର ପାଦରେ ଚାଲିଗଲା । ଶ୍ରୀକାନ୍ତବାବୁ ପୁନର୍ବାର ଚଉକି ଅଧିକାର କଲେ । ସ୍ଥିର ନିଷ୍ପଲ ଦୃଷ୍ଟିରେ ସେ ଝରକା ବାଟେ ଚାହିଁ ରହିଲେ ଦୂରକୁ—। ମନେମନେ ସେ ଭାବି ଯାଉଛନ୍ତି କେତେ କଣ—ଅକାଶ ପାତାଳ । ଚଳଚ୍ଚିତ୍ର ପରି ଆଖିଆଗରେ ତାଙ୍କର ଭାସି ଯାଉଛି ଅତୀତ ଦିନ ଗୁଡ଼ିକର କଥା ତାଲିକା ପରି ଆଖିଆଗରେ ନାଚି ଉଠିଲା ମନ୍ଦିରା ବୋଉର ମୃତ୍ୟୁଶଯ୍ୟାର ଦୃଶ୍ୟ । ଅନ୍ତିମ ଶଯ୍ୟା ଉପରୁ କିପରି ସେ ତାଙ୍କର ହାତରେ ମନ୍ଦିରାକୁ ଟେକି ଦେଇ ଯାଇଛନ୍ତି । ତାଙ୍କର ସେ ଅନ୍ତିମ ଅନୁରୋଧ, ମୋ ମନ୍ଦିରାକୁ କେବେହେଲେ, ଅବହେଳା କରିବ ନାହିଁ ।

ଆଜିଠାରୁ ସେ ମା' ହେଲେ...। ଦୁଇ ବିନ୍ଦୁ ନୀରବ ତପ୍ତ ଅଶ୍ରୁ ଢ଼ାଳି ସେ ଶିଶୁଟିକୁ କୋଳକୁ ନେଇନେଲେ। ସେଇଦିନୁ ମନ୍ଦିରା ତାଙ୍କର ଏକମାତ୍ର ନୟନ ମଣି। କେବେହେଲେ ସେ ତାକୁ ପାଖରୁ ଅନ୍ତର କରନ୍ତି ନାହିଁ। ଝିଅକୁ ଖୁସି କରେଇବା ପାଇଁ ସେ ସଦା ସର୍ବଦା ତତ୍ପରଥାନ୍ତି। ମନ୍ଦିରାର ଯେତେବେଳେ ଯାହା ଆବଶ୍ୟକ ହୁଏ, ତାହା ତତ୍‌କ୍ଷଣାତ୍ ଅକୁଣ୍ଠିତ ଚିତ୍ତରେ ଯୋଗାଇ ଦିଅନ୍ତି। ମନ୍ଦିରାକୁ ସାଥିରେ ସେ ବେଳେବେଳେ ବୁଲି ଯାଆନ୍ତି। ଦିନେଦିନେ ଶ୍ମଶାନ ପଥ ଅତିକ୍ରମ କରି ଯାଉଁଯାଉଁ ତାଙ୍କ ସ୍ତ୍ରୀଙ୍କ ସମାଧି ଆଗରେ ମନ୍ଦିରାକୁ ବୁକୁ ଉପରେ ଭିଡ଼ିଧରି ବହୁତ କାନ୍ଦନ୍ତି। ଏମିତି କେତେ—। ଶ୍ରୀକାନ୍ତ ବାବୁଙ୍କର ଭାବନାର ଝିଅ ଭିଡ଼ି ଭିଡ଼ି ଚାଲିଛି।

ଦୀନା ପ୍ରବେଶକଲା। ଶ୍ରୀକାନ୍ତ ବାବୁଙ୍କୁ ଦେଖି ସେ ଦୁଆରବନ୍ଧ ଉପରେ ଧକାମାରି ଠିଆ ହୋଇଗଲା। ବାବୁଙ୍କ ଆଖିରେ ଅଜାଡ଼ି ଲୁହ !

ପଦ ଶବ୍ଦ ଶୁଣି ଶ୍ରୀକାନ୍ତବାବୁ ମୁହଁ ଫେରାଇଲେ। ଦେଖିଲେ ଆଗରେ ଦୀନା ଦଣ୍ଡାୟମାନ। ଦୀନା—ବୃଦ୍ଧ, ବଡ଼ ବିଶ୍ବସ୍ତ। ପିଲାଟି ଦିନରୁ ସେ ଏ ଘରେ ରହି ଆସିଛି ଶ୍ରୀକାନ୍ତ ବାବୁଙ୍କ ବାପ ଅମଳରୁ। ତା'ର ହାତରେ ସେ ମନ୍ଦିରାକୁ କେତେ ଯତ୍ନରେ ବଢେଇଛି କୁଢ଼େଇଛି। ଶ୍ରୀକାନ୍ତବାବୁ ଆଖିରୁ ଲୁହ ପୋଛିଲେ। ଦୀନା ମୂକଭଳି ତାଙ୍କ ଆଗରେ ଠିଆହୋଇ ବଲ୍‌ବଲ୍ କରି ତାଙ୍କୁ କେବଳ ଚାହିଁ ରହିଲା।

ଶ୍ରୀକାନ୍ତବାବୁ ଆତ୍ମସମ୍ବରଣ କରି ଦୀନାକୁ ପଚାରିଲେ, "କ'ଣ ବୁଝି ଆସିଲୁ ?"

ବାବୁଙ୍କ ଆଗରେ ଦୀନା କାନ୍ଦୁ ପଥର ପାଲଟି ଯାଇଛି। ତା'

ପାଣିରେ ଭସାନାହିଁ । ବନ୍ଧୁଙ୍କର ପ୍ରଶ୍ନଭାରେ ସେ ଥରଥର କଣ୍ଠରେ ଜବାବ ଦେଲା, "ବାବୁ, ସୁରବାବୁଙ୍କ ଏଯାଏ ଘରକୁ ଫେରି ନାହାଁନ୍ତି !"

ଫେରି ନାହାନ୍ତି ?—ଶ୍ରୀକାନ୍ତବାବୁଙ୍କୁ ଗୁରୁଆଡ଼େ ଅନ୍ଧକାର ଦିଶିଲା । ସେ ଅନୁଭବ କରିବାକୁ ଲାଗିଲେ ସତେ ଯେପରି ତାଙ୍କୁ କେନ୍ଦ୍ର କରି ଏ ପୃଥିବୀ ତାଙ୍କୁ ଗୁରୁପଟେ ଖୁବ୍ ଜୋର୍‌ରେ ଘୂରିବାକୁ ଲାଗିଛି । ତାଙ୍କର ମୁଣ୍ଡ ଘୂରିଗଲା । ପାଖରେ ଠିଆହୋଇ ଦୀନା ତାଙ୍କୁ ଧରି ନ ପକାଇଥିଲେ ସେ ନିଶ୍ଚୟ ତଳେ କଚୁଡ଼ି ହୋଇ ପଡ଼ିଯାଇଥାନ୍ତେ ।

କାନ୍ଥ ଉପରେ ଝୁଙ୍ଗା ହୋଇଥିବା ବୃହତ୍ ବେନ୍ ଘଣ୍ଟାକୁ ସଜଳ ନୟନରେ ଗୁହିଁଲେ । ଘଣ୍ଟା ଆଉ ମିନିଟ କଣ୍ଟା ଘୁରିଘୁରି ଯାଇ ଠିକ୍ ବାର ଉପରେ । ଶ୍ରୀକାନ୍ତବାବୁ ଅଜଣା ଭୟରେ ଆର୍ତ୍ତନାଦ କଲେ । ଝଡବେଗରେ ପାଗଳଙ୍କ ଭଳି ଟେବୁଲ୍ ପାଖକୁ ଫୋନ୍ ରିସିଭର୍‌କୁ ଉଠାଇ କାନ୍ଦକାନ୍ଦ ସ୍ୱରରେ ଚିତ୍କାର କରି ଉଠିଲେ 'ସିକ୍ସ ଥ୍ରୀ ଫୁଜ୍' ।

—ତିନି—

ସହରରେ ଆଜି ଏକ ବିରାଟ ଚାଞ୍ଚଲ୍ୟ ଖେଳି ଯାଉଛି । ଗଳିଗଳି ହାଟ ବଜାର, ଛୁଟ ପୋଖରୀ ସବୁଠି ଆଜି ମନ୍ଦିରାର ସହସା ଅନ୍ତର୍ଦ୍ଧାନ ବିଷୟରେ ତୁମୁଳ ଆଲୋଚନା ଚାଲିଛି । ସମ୍ବାଦପତ୍ର ଗୁଡ଼ିକର ପ୍ରଭାତୀୟ ସଂସ୍କରଣରେ ମନ୍ଦିରାର ଫଟୋ ସହ ତା'ର ହରଣ ଚାଲିଛି ବିଷୟ ପ୍ରଥମ ପୃଷ୍ଠାରେ ବଡ଼ବଡ଼ ମୋଟା ଅକ୍ଷରରେ ଛପା ଯାଇଅଛି । କାହାରିକୁ ଗଲେ, ଆଜି ସମଗ୍ର ସହରଟାରେ ମନ୍ଦିରାର ହରଣ ଚାଲିଛି ଏକମାତ୍ର ଆଲୋଚ୍ୟ ବିଷୟ ।

ଶ୍ରୀକାନ୍ତବାବୁଙ୍କ ଗୃହ ସମ୍ମୁଖରେ ଯାତ୍ରା ଦେଖିଲା ଭଳି ଅସମ୍ଭବ ରକମର ଭିଡ଼ ହୋଇଛି । ଉପସ୍ଥିତ ଜନତା ମଧ୍ୟରୁ ଅନେକ ମନ୍ଦିରାର ଅନ୍ତର୍ଦ୍ଧାନ ବିଷୟରେ ନାନା କଳ୍ପନା ଜଳ୍ପନା, ନାନା କପୋଳ କଳ୍ପିତ ଗଳ୍ପମାନ କହିବାରେ ଲାଗିଛନ୍ତି । ନିକଟରେ ଠିଆହୋଇଥିବା ଶ୍ରୋତୃବର୍ଗ ଆଗ୍ରହରେ କାନପାତି ତାହା ଶୁଣୁଛନ୍ତି । ଖବରକାଗଜ ବିକାଳି ଟୋକାମାନେ ସେମାନଙ୍କର ଗଳାର ସ୍ୱର ସପ୍ତମକୁ ଚଢ଼ାଇ ଦେଇ ଚିତ୍କାର କରିବାରେ ଲାଗିଛନ୍ତି । ଜମିଦାର ଶ୍ରୀକାନ୍ତବାବୁଙ୍କ କନ୍ୟା ଅନ୍ତର୍ଦ୍ଧାନ । କଟକ କଲେଜର ଦ୍ୱିତୀୟ ବାର୍ଷିକ ଶ୍ରେଣୀର ଛାତ୍ରୀ କୁମାରୀ ମନ୍ଦିରା ଦେବୀଙ୍କୁ କାଲି ରାତିରେ

କିଏ ହରଣଚାଳ କରି ନେଇଛନ୍ତି, ଇତ୍ୟାଦି, ଇତ୍ୟାଦି, କାଗଜ ବିକିବାରେ ଲାଗିଛନ୍ତି । ଅଧିକାଂଶ ପାଠକ ମାନେ ମଧ୍ୟ ପ୍ରକୃତ ବିଷୟ କଣ ଜାଣିବାପାଇଁ କୌତୁହଳ ବଶବର୍ତ୍ତୀ ହୋଇ ପକେଟରୁ ଅଣି ଅଣ୍ଡାଳୁଛନ୍ତି । ଆଜି କାଗଜର କାଟ୍‌ତି ବହୁତ ବେଶୀ ।

'ଟେଁ'—ହଠାତ୍ ବ୍ରେକ ଦେଇ ଜିପ୍ ଗାଡ଼ିଟେ ଆସି ଠିଆ ହୋଇଗଲା ଶ୍ରୀକାନ୍ତ ବାବୁଙ୍କ ଫାଟକର କିଛି ଦୂରରେ । ଜନତା ବାହୁଲ୍ୟ ଯେ ଅତ୍ୟଧିକ ଭିଡ଼ ହେତୁ ଗାଡ଼ିଟି ଶ୍ରୀକାନ୍ତ ବାବୁଙ୍କ ଫାଟକ ପାଖକୁ ଆସି ପାରିଲା ନାହିଁ । ଗାଡ଼ିର ଦୁଆର ଫିଟାଇ ବାହାରି ପଡ଼ିଲେ ପ୍ରାଇଭେଟ ଡିଟେକଟିଭ୍ ଅଶୋକ ବାବୁ ଏବଂ ତାଙ୍କର ସହକାରୀ ଅଜୟ । ଦୁହେଁ ବହୁ କଷ୍ଟରେ ଭିଡ଼ ମଧ୍ୟରେ ଠେଲି ପେଲି ହୋଇ ସଦର ଫାଟକ ପାଖରେ ପହଞ୍ଚିଲେ । ଫାଟକ ପାଖରେ ଜଗୁଆଳ ଥିବା କନେଷ୍ଟବଲଟି ଉପରସ୍ଥ ହାକିମଙ୍କ କଡ଼ା ହୁକୁମ ମୁତାବକ କାହାରିକୁ ଭିତରକୁ ଛାଡ଼ି ଦେଉ ନାହିଁ । କିନ୍ତୁ ଅଶୋକବାବୁ ଓ ଅଜୟ ଦୁହେଁ ଫାଟକ ପାଖକୁ ଅଗେଇ ଯିବା ସଙ୍ଗେ ଜଗୁଆଳ କନେଷ୍ଟବଲଟି ଅଶୋକବାବୁଙ୍କ ଉଦ୍ଦେଶ୍ୟରେ ଅଭିବାଦନ ଜଣାଇ ସେମାନଙ୍କୁ ଭିତରକୁ ଛାଡ଼ିଦେଲା । କାରଣ ପୋଲିସ ବିଭାଗରେ ଅଶୋକ ବାବୁ ବେଶ୍ ଜଣା ଶୁଣା । ଅଶୋକ ବାବୁ ଉକ୍ତ କନେଷ୍ଟବଲଙ୍କୁ ପଚାରି ବୁଝିଲେ ଯେ ଥାନା ଇନ୍‌ସ-ପେକ୍ଟର ଦିବାକରବାବୁ ଆସି ଅନୁସନ୍ଧାନ ଚଳାଉଛନ୍ତି । ଜଗୁଆଳକୁ ଆଉ କିଛି ନପଚାରି ଅଶୋକ ବାବୁ ଓ ଅଜୟ ଦୁହେଁ ଶ୍ରୀକାନ୍ତ ବାବୁଙ୍କ ହତା ଭିତରକୁ ପଶିଲେ ।

ଅଶୋକ ବାବୁ ଓ ଅଜୟ ଦୁହେଁ ଶ୍ରୀକାନ୍ତ ବାବୁଙ୍କ ଘର ମଧ୍ୟରେ ପ୍ରବେଶ କରି ଦେଖିଲେ, ଥାନା ଇନ୍‌ସପେକ୍ଟର ଦିବାକର ବାବୁ ଓ ସବ୍‌ଇନ୍‌ସପେକ୍ଟର ସଦାନନ୍ଦ ବାବୁ ବସି ଶ୍ରୀକାନ୍ତ ବାବୁଙ୍କ

ଏଣୁ ତେଣୁ ନାନା ପ୍ରଶ୍ନ ପଚାରୁଛନ୍ତି । ଶ୍ରୀକାନ୍ତ ବାବୁ ଏତେ ଭୟ ବିହ୍ୱଳିତ ହୋଇ ଯାଇଛନ୍ତି ଯେ କେଉଁ ପ୍ରଶ୍ନ ଗୁଡ଼ିକର କ'ଣ ଉତ୍ତର ଦେଉଛନ୍ତି ସେଥିପ୍ରତି ତାଙ୍କର ମୋଟେ ଦୃଷ୍ଟି ନାହିଁ । ଅଶୋକ ବାବୁ ଓ ଅଜୟଙ୍କୁ ପ୍ରବେଶ କରିବାର ଦେଖି ଦିବାକର ବାବୁ ଅଶୋକ ବାବୁଙ୍କ ଉଦ୍ଦେଶ୍ୟରେ ହସି ହସି କହିଲେ, "ଆପଣ କୁଆଡେ ।"

ଅଶୋକ ବାବୁ ମୃଦୁ ହସି ଉତ୍ତର ଦେଲେ, "ଆପଣ ଯୁଆଡ଼େ ।"

ଶ୍ରୀକାନ୍ତ ବାବୁ ନୂତନ ଆଗନ୍ତୁକଙ୍କ ପାଇଁ ଚୌକି ଆଣିବାକୁ ଦୀନକୁ ଡାକ ପକାଇଲେ । ଦୀନା ଦୁଇଟି ଚଉକି ଆଣି ପକାଇ ଦେଇଗଲା । ଦୁହେଁ ଆସନ ଗ୍ରହଣ କଲେ ।

ଦିବାକର ବାବୁ ନିଜର ଗୁରୁଭାରକୁ ଚୌକି ଉପରେ ସମ୍ପୂର୍ଣ୍ଣ ଭାବରେ ଲେଉଟେଇ ଦେଇ ନିଜର ଦି'ସେରିଆ ପ୍ରକାଣ୍ଡ ଉଦର ଉପରେ ହସ୍ତ ସଞ୍ଚାଳନ କରୁ କରୁ ଅଶୋକ ବାବୁଙ୍କୁ କହିଲେ, "ବୁଝିଲେ ନା ଅଶୋକ ବାବୁ, ଯାହାହେଉ ଆସାମୀ ଟିକା ଧରା ଯାଇଛି ।" ଅଶୋକ ବାବୁ ଜିଜ୍ଞାସୁ ନୟନରେ ଦିବାକର ବାବୁଙ୍କ ଆଡ଼କୁ ଚାହିଁଲେ ।

ଦିବାକର ବାବୁ ବିଜୟ ଗର୍ବରେ ଉଲ୍ଲସିତ ହୋଇ ନିଜର ପଖାଳ ଛଣା ବୃହତ୍ ମାଗୁର ଜାଣ ଦୁଇଟିକୁ ମୋଡୁ ମୋଡୁ ହସି ହସି କହିଲେ, "ଅଶୋକବାବୁ, ପୋଲିସ ଆଗରେ ଚୋରର ବୁଦ୍ଧିର ଫନ୍ଦୀ ଲାଗେ ?"

ଅଶୋକ ବାବୁ ଦିବାକର ବାବୁଙ୍କ ଆଡ଼କୁ ଝୁଙ୍କିପଡ଼ି ଉଦ୍‌ଗ୍ରୀବଭାବେ ପଚାରିଲେ, "ତେବେ ପ୍ରକୃତ ଆସାମୀ କିଏ ?"

ଦିବାକର ବାବୁ ଠୋ ଠୋ ହସି କହିଲେ, "ଗଗନ ବାବୁଙ୍କ ପୁତୁରା ସୁରେନ୍ଦ୍ର ଛଡା ଏଠିକାଅଟକରେ ଆଉ କିଏ ହୋଇପାରେ ?

ସୁରେନ୍ଦ୍ର ଓ ଶ୍ରୀକାନ୍ତ ବାବୁଙ୍କ ଝିଅ ଦୁହିଁଙ୍କ ଭିତରେ ଅଗରୁ······ !" —ହେଁ ହେଁ ହୋଇ ଦାକର ବାବୁ ପୁଣି ହସି ଉଠିଲେ ।

ଶ୍ରୀକାନ୍ତ ବାବୁଙ୍କୁ ଏହା ବୋଧେ କଥା ଘା'ରେ ଚୂନ ଛିଟା ପଡ଼ିଲା ଭଳି ଲାଗିଲା । ବଡ଼ ଅସୁସ୍ଥ ବୋଧକରି ଗୃ'ବସାଦ କରି ଆସେ ବୋଲି କହି ସେ ଭିତରକୁ ଚାଲିଗଲେ ।

ଅଶୋକ ବାବୁ ପଚାରିଲେ ଅଣ୍ଡାକାର ବାବୁ, ଆପଣ କ'ଣ ନିଶ୍ଚିତ ଭାବୁଛନ୍ତି ଯେ ଏହା ସୁରେନ୍ଦ୍ରଙ୍କ ବୋଲି ?"

ଦାକାର ବାବୁ ହାଲୁକା ଭାବରେ କହି ଉଠିଲେ, "ଏଥିରେ ଆଉ ସନ୍ଦେହ ଅଛି ? ସୁରେନ୍ଦ୍ର ଓ ମନ୍ଦସା ଦୁହେଁ ପରସ୍ପରକୁ ଭଲ ପାଉଥିଲେ । ଦୁହେଁ ପରସ୍ପରକୁ ସିନା ଭଲ ପାଉଥିଲେ, କିନ୍ତୁ ଯେତେହେଲେ ସୁରେନ୍ଦ୍ର ଜାତରେ ଛୋଟ । ଏଣୁ ମନ୍ଦସା ତା'ର ବିବାହ ପ୍ରସ୍ତାବରେ ରାଜି ହୋଇ ନଥିଲା । ଆଉ ସେଇଥି ପାଇଁ ଏ କାଣ୍ଡ ।"

ଅଶୋକ ବାବୁ ହଠାତ୍ ପ୍ରଶ୍ନ କଲେ, "ସେଥିର ପ୍ରମାଣ ?"

ଦାକାର ବାବୁଙ୍କ ଫୁଲିଆ ଗାଲରେ ହାସ୍ୟ ରେଖା ଅଙ୍କିତ ହୋଇଗଲା । ସେ ସହାସ୍ୟ ବଦନରେ କହିଲେ, "ପ୍ରମାଣ ତ ହାତେ ହାତେ !" ଏହା କହି ପକେଟରୁ ଖଣ୍ଡେ ଚିଠି କାଢ଼ି ଅଶୋକ ବାବୁଙ୍କ ହାତକୁ ବଢ଼ାଇ ଦେଇ ଦେଇ କହିଲେ, "ଏଇ ଦେଖନ୍ତୁ । ମନ୍ଦସାକୁ ହରଣ୍ଚାଲ କରି ନେଇ ସାରିଲା ପରେ ସୁରେନ୍ଦ୍ର କେମିତି ଧମକ ଦେଇ ଶ୍ରୀକାନ୍ତ ବାବୁଙ୍କ ପାଖକୁ ଏଇ ଚିଠି ଖଣ୍ଡି ଲେଖିଛି ।"

ଅଶୋକ ବାବୁ ଚିଠି ଖଣ୍ଡି ପିଠାଇ ପଢ଼ିବାକୁ ଲାଗିଲେ । ସେଥିରେ ଲେଖାଥିଲା—

ମହାଶୟ,

ମଧୁର ଅଫିସ୍‌ରୁ ଅନ୍ତର୍ଦ୍ଧାନ ହେତୁ ଆପଣ ନିଶ୍ଚୟ ଅତିଶୟ ବିଚଳିତ ହୋଇ ପଡ଼ିଥିବେ । ତେଣୁ ଆପଣଙ୍କୁ ଏହା ଲେଖିବାକୁ ବାଧ୍ୟ ହେଲି । ଆପଣଙ୍କ ଝିଅକୁ ମୁଁ ହରଣଗ୍ରହଣ କରି ନେଇଛି । କାରଣ, ଜାତିଗତ ବ୍ୟବଧାନ ଯୋଗୁଁ ଆମ ଦୁହିଁଙ୍କର ବିବାହ ହେବା ଅସମ୍ଭବ ଜାଣି ମୁଁ ଏହି ଏକମାତ୍ର ପନ୍ଥା ଅବଲମ୍ବନ କରିବାକୁ ବାଧ୍ୟ ହେଲି । ସେଥିପାଇଁ ଆପଣଙ୍କ ନିକଟରେ କ୍ଷମା ମାଗୁଛି । ଆପଣ ଜାଣିଥିବେ, ମଧୁ ଓ ମୁଁ ପରସ୍ପରକୁ କେତେ ଭଲ ପାଉଁ । ତେଣୁ କନ୍ୟାର ମଙ୍ଗଳକାଙ୍କ୍ଷୀ ହିସାବରେ ଆପଣ ଏଥର ନୀରବ ରହିବେ । ମଧୁ ପାଇଁ ବ୍ୟସ୍ତ ହେବେ ନାହିଁ । ସେ ଏଠାରେ ଖୁବ୍ ଭଲରେ ଅଛି । ଇତି ।

ଆପଣଙ୍କର

ସ୍ନେହାଧୀନ

ସୁରେନ୍ଦ୍ର

ପୁନଶ୍ଚ—ଆପଣ ଯଦି ନୀରବ ନରହି ପୋଲିସର ସାହାଯ୍ୟ ନେଇ ଅନୁସନ୍ଧାନ ଚଳାନ୍ତି, ତେବେ ସାବଧାନ ! ମଧୁକୁ ଆପଣ ସବୁଦିନ ପାଇଁ ହରାଇ ବସିବେ ।

ଚିଠି ଖଣ୍ଡି ପଢ଼ି ଅଶୋକ ବାବୁ ଲଫାପା ଉପର ଡାକଘର ମୋହରକୁ ଲକ୍ଷ୍ୟ କରିବାକୁ ଲାଗିଲେ । କିନ୍ତୁ ତାଙ୍କୁ ହତାଶ ହେବାକୁ ପଡ଼ିଲା । କାରଣ ପୋଷ୍ଟ ଅଫିସର ମୋହରରେ କୌଣସି ସ୍ଥାନର ଡାକଘରର ନାମ ନଥାଇ କେବଳ **Experimental P.O.** ମୋହର ମରା ଯାଇଅଛି । ଅଶୋକ ବାବୁ ଚିଠି ଖଣ୍ଡିକ ଉପରେ ଧରି ବହୁକ୍ଷଣ ଭାବିବାକୁ ଲାଗିଲେ । କିଛିକ୍ଷଣ ପରେ ଚିଠି ଖଣ୍ଡିକ ଦରୋଗା ବାବୁଙ୍କ ହାତକୁ ଦେଇ

ଦେଇ ଦେଇ କହିଲେ, "ଦିବାକର ବାବୁ, ତଥାପି ମୋର ମନେହୁଏ, ଏହା କଦାପି ସୁରେନ୍ଦ୍ରର କାର୍ଯ୍ୟ ନୁହେଁ । କାରଣ ଆପଣ ଏଇଟିକୁ ଯେତେ ସରଳ ଓ ସହଜ ମନେ କରନ୍ତି, ମନେ ହେଉଛି ଏହା ସେପରି ନୁହେଁ । ଏହା ମଧ୍ୟରେ ବହୁତ କିଛି ରହସ୍ୟ ଅଛି ।"

ଦିବାକର ବାବୁ ଆଶ୍ଚର୍ଯ୍ୟ ହୋଇ କହି ଉଠିଲେ, "ତେବେ ଆପଣ କ'ଣ ଭାବୁଛନ୍ତି, ଦୋଷୀ ସୁରେନ୍ଦ୍ର ଭିନ୍ନ ଆଉ ଜଣେ ?"

ଅଶୋକ ବାବୁ ଜୋରରେ କହି ପକାଇଲେ, "ହୋଇପାରେ ।"

ସଦାନନ୍ଦ ବାବୁ ଏପର୍ଯ୍ୟନ୍ତ ନୀରବ ରହିଥିଲେ । କିନ୍ତୁ ବର୍ତ୍ତମାନ ଏ ଆଲୋଚନା ଚାଲିଥିବା ବେଳେ ସେ ଆଉ କାହିଁକି ନୀରବ ରହି ପାରିଲେ ନାହିଁ । କହିଲେ, "କଦାପି ନୁହେଁ । ଏ ପୃଥିବୀ ଓଲଟ ପାଲଟ ହୋଇଗଲେ ବି ମୁଁ କହିବି, ଏ ସମସ୍ତ ନିଶ୍ଚୟ ସୁରେନ୍ଦ୍ରର କାର୍ଯ୍ୟ ।"

ଦିବାକର ବାବୁ ସଦାନନ୍ଦ ବାବୁଙ୍କ ଉକ୍ତିକୁ ସମର୍ଥନ କରି ଜୋରରେ ତାଳି 'ଟେ ମାରି କହିଲେ, "ମୋର ବି ସେଇ ମତ । ସୁରେନ୍ଦ୍ର ହିଁ ଏକମାତ୍ର ଦୋଷୀ । ତା ବିନା ଏହା ଆଉ କାହାରି କାର୍ଯ୍ୟ ନୁହେଁ ।" ତା'ପରେ ଅଶୋକ ବାବୁଙ୍କୁ ପରିହାସ କରି କହିଲେ, "ବୁଝିଲେ ଅଶୋକ ବାବୁ, ଆପଣ ଡିଟେକ୍ଟିଭ ଲୋକ କି ନା ! ସେଇଥିପାଇଁ ସବୁ ଜିନିଷକୁ ଜଟିଳ କରି ଦେଖନ୍ତି । ଆମେ ଯେତେବେଳେ ଅସଲ ଦୋଷୀକୁ ଚିହ୍ନଟ କରି ତାକୁ ହାତକଡ଼ି ପକାଇବାକୁ ବସିଲୁଣି, ସେତେବେଳେ ଆପଣ କହୁଛନ୍ତି କ'ଣ ନା ଦୋଷୀ ଆଉ ଜଣେ ! କାରଣ କି, ସୁରେନ୍ଦ୍ର ମହଲ ପାଇଁ ଏକାବେଳକେ ପାଗଳ ହୋଇ ଯାଇଥିଲା, କିନ୍ତୁ ସମାଜ ମଧ୍ୟରେ ତାକୁ ବିବାହ କରି ପାରିବ ନାହିଁ ବୋଲି ଜାଣି ସେ ମହଲକୁ ହତ୍ୟାକରି ଦେଇଛି । ଏକଥା ତ ସେ ସ୍ପଷ୍ଟ ଭାବରେ ତା' ଚିଠିରେ ସ୍ୱୀକାର କରିଛି ।"

ଏମାନଙ୍କ ସଙ୍ଗରେ ଆଉ ଅଧିକ ବାକ୍ ଯୁଦ୍ଧ କରିବା ପୂର୍ବରୁ ଜମଣି ଅଶୋକ ବାବୁ ମୃଦୁ ହସି କହୁଲେ, "ହଁ, ଏହା ମଧ୍ୟ ଘଟିଥାଏ ।"

ଦିବାକରବାବୁ ଏଥର ଠୋ ଠୋ ହସିବାକୁ ଲାଗିଲେ । ତାଙ୍କ ହସରେ ତାଳ ଦେଇ ସଦାନନ୍ଦବାବୁ ମଧ୍ୟ ହସିଲେ ।

ଏତିକିବେଳେ ଗ୍ଲାସ ଜଳଖିଆ ନେଇ ଦୀନା ଆସିଲା । ତା ପଛେ ପଛେ ଶ୍ରୀକାନ୍ତବାବୁ ମଧ୍ୟ ପ୍ରବେଶ କଲେ । ସମସ୍ତେ କ୍ଷଣକାଳ ପାଇଁ ବାକ୍ୟାଳାପ ବନ୍ଦ କରି ଏଗୁଡିକୁ ଉଦରସ୍ଥ କରିବାକୁ ଲାଗିଲେ । ଗ୍ଲାସ ଜଳଖିଆ ପର୍ବ ସରିଲା । ଦିବାକର ବାବୁ ଓ ସଦାନନ୍ଦବାବୁ ମନ୍ଦିରକୁ ଉଦ୍ଧାର କରି ଆଣିବା ଓ ତାହା ସଙ୍ଗେ ସଙ୍ଗେ ସୁରେନ୍ଦ୍ରକୁ ଗିରଫ କରି ତାକୁ ଛ'ଛ' ବର୍ଷ ଜେଲ୍ ପେଷେଇବାର ବହୁତ ଆସ୍ଫାଳନମାନ ଦେଖାଇ ଶ୍ରୀକାନ୍ତବାବୁଙ୍କଠାରୁ ବିଦାୟ ନେଲେ ।

ଅଶୋକବାବୁ କିନ୍ତୁ ଘୋର ଭାବନାଗ୍ରସ୍ତ । ଅଜୟ ଅଶୋକ ବାବୁଙ୍କୁ ଚାହିଁଲେ । ଅଶୋକବାବୁଙ୍କ ମୁଖଭଙ୍ଗୀରୁ ଜାଣିପାରିଲେ ଯେ ମନ୍ଦିରର ଅନ୍ତର୍ଦ୍ଧାନ ବିଷୟରେ ସେ ବହୁତ କିଛି ଭାବିବାକୁ ଲାଗିଛନ୍ତି । ଏଇ ଦୁଇବର୍ଷ ଅଶୋକବାବୁଙ୍କର ସହକାରୀ କାର୍ଯ୍ୟକରି ସେ ତାଙ୍କୁ ବେଶ୍ ମାପି ନେଇଛନ୍ତି । ଅଶୋକବାବୁ ଲୋକ ହିସାବରେ ଯେମିତି ମିଳାପୀ, କାର୍ଯ୍ୟକ୍ଷେତ୍ରରେ ମଧ୍ୟ ସେହିପରି ଏକାଗ୍ରୀ । ସେ ଯେଉଁ କାମରେ ହାତ ଦେବେ ତାହିଁରେ ବାରମ୍ବାର ବିଫଳ ହେଲେ ମଧ୍ୟ ମନପ୍ରାଣ ତାଲି ଏକାଗ୍ରଚିତ୍ତରେ ଲାଗିଥିବେ । ସେଇଥିପାଇଁ ସମସ୍ତ କାର୍ଯ୍ୟରେ ସଫଳତା ଲାଭ କରି ପୁଲିସ ବିଭାଗରେ ତାଙ୍କର ଆଜି ଏପରି ସୁନାମ ହୋଇଅଛି । ସେ ଏଥିମଧ୍ୟରେ ଭାରତ ସରକାରଙ୍କ ଦ୍ୱାରା ପୁରସ୍କୃତ ମଧ୍ୟ ହୋଇଛନ୍ତି ।

ଶ୍ରୀକାନ୍ତବାବୁ ପାଖକୁ ଚଉକୀକୁ ଘୁଞ୍ଚାଇ ଆଣି ଅଶୋକବାବୁ ପଚ୍ଚାରିଲେ, "ଆଜ୍ଞା ଶ୍ରୀକାନ୍ତବାବୁ, ଆପଣଙ୍କର କ'ଣ ଦୃଢ଼ ବିଶ୍ୱାସ ସୁରେନ୍ଦ୍ର ଆପଣଙ୍କ ଝିଅକୁ ହରଣଚାଲ କରି ନେଇଛି ?"

ଅଶୋକବାବୁଙ୍କର ଏ ପ୍ରଶ୍ନକୁ ଶ୍ରୀକାନ୍ତବାବୁଙ୍କର ଆଖିର ଲୁହ ଯେମିତି ରୁନ୍ଧି ରହିଥିଲା । ବର୍ତ୍ତମାନ ତାହା କାହାରି ହୋଇ ଠିକ୍ ଠିକ କରି ତଳକୁ ଖସି ପଡ଼ିଲା । ଶ୍ରୀକାନ୍ତବାବୁଙ୍କୁ କାନ୍ଦିବାର ଦେଖି ଅଶୋକବାବୁଙ୍କର ମନ ଦବିଗଲା । ସେ ଶ୍ରୀକାନ୍ତବାବୁଙ୍କୁ ଆଶ୍ୱାସନା ଦେବାକୁ ଲାଗିଲେ ।

କିଛିକ୍ଷଣ ପରେ ପ୍ରକୃତିସ୍ଥ ହୋଇ ଶ୍ରୀକାନ୍ତବାବୁ କହିବାକୁ ଲାଗିଲେ ଅଶୋକବାବୁ, ଗୋପୀ ମୋର ପିଲାଟି ଦିନରୁ ସାଙ୍ଗ ଥିଲା । ଆମ ଦୁହିଁଙ୍କ ମଧ୍ୟରେ ଏପରି ପ୍ରଗାଢ଼ ବନ୍ଧୁତ୍ୱ ଥିଲା ଯେ ଦଣ୍ଡେ କେହି କାହାରିକୁ ଛାଡ଼ି ପାରୁନଥିଲୁ । ଦୁଇବର୍ଷ ତଳେ ଏକ ରେଳ ଦୁର୍ଘଟଣାରେ ଗୋପୀର ମୃତ୍ୟୁ ହେଲା । ତା'ର ପୁଅ ଏଇ ସୁର । ତାକୁ ମୁଁ ପୁଅଠୁଁ ବଳି ସ୍ନେହ କରୁଥିଲି । କିନ୍ତୁ କିଏ ଜାଣିଥିଲା ଶେଷକୁ ସିଏ ମୋ ବେକରେ ଏପରି ଛୁରୀ ଚଳେଇବ ବୋଲି ।" —ଶ୍ରୀକାନ୍ତବାବୁଙ୍କର ସ୍ୱର ଭାଙ୍ଗି ପଡ଼ିଲା ସେ ଭିତରେ ଗୋଟାଏ ଭୀଷଣ ବେଦନା ଅନୁଭବ କରିବାକୁ ଲାଗିଲେ ।

ଅଶୋକବାବୁ ଅଳ୍ପକ୍ଷଣ ପାଇଁ ନୀରବ ରହିଲେ । ତା'ପରେ ଶ୍ରୀକାନ୍ତବାବୁଙ୍କୁ କହିଲେ, "ଆଜ୍ଞା, ଆପଣ ଆମକୁ ମନ୍ଦସୌଦେବୀଙ୍କ କୋଠରୀ ଅନୁସନ୍ଧାନ କରିବାକୁ ଅନୁମତି ଦେବେ କି ?"

ଶ୍ରୀକାନ୍ତବାବୁ ମୁଣ୍ଡରେ ହାତ ଦେଇ ମୂକଙ୍କଭଳି ଚୌକି ଉପରେ ସେମିତି ବସିଥାନ୍ତି । ସତେ ଯେପରି ଦୁନିଆଁ ଯାକର ଭାବନା ଆସି । ତାଙ୍କ ମୁଣ୍ଡରେ ବସା ବାନ୍ଧି ରହିଛି । ଅଶୋକବାବୁଙ୍କ

କ୍ଷଣରେ ସେ ସଚେତ ହେଲେ । ଭଗ୍ନସ୍ୱରରେ କହିଲେ, "ସେଥିରୁ ଆଉ କ'ଣ ମିଳିବ, ଅଶୋକବାବୁ ? ଜାଣିଲେ ତ ସୁରେନ୍ଦ୍ରର ଏ କାମ । ବର୍ତ୍ତମାନ ବରଂ ମନ୍ଦାକିନୀକୁ ଉଦ୍ଧାର କରି ଆଣିବାକୁ ଚେଷ୍ଟା କରନ୍ତୁ । ମୁଁ ବହୁତ ଉପକୃତ ହେବି ।"—କହି ଅଶୋକବାବୁଙ୍କ ହାତ ଦୁଇଟିକୁ ଧରି ପକାଇଲେ ।

ଅଶୋକବାବୁ କହିଲେ, "ତଥାପି ଆମକୁ ଅନୁମତି ଦିଅନ୍ତୁ । ଏଥିରେ ଆପଣଙ୍କର ତ କିଛି କ୍ଷତି ହେବାର ଆଶଙ୍କା ନାହିଁ । ତେବେ କାହିଁକି ମନା କରୁଛନ୍ତି ? ବରଂ ମନ୍ଦାକିନୀଦେବୀଙ୍କୁ ଉଦ୍ଧାର କରିବାଲାଗି ଏଇନେ ସାହାଯ୍ୟ ଆମେ ଆପଣଙ୍କଠାରୁ ଚାହୁଁ ।' ଅଜୟ ଅଶୋକବାବୁଙ୍କ ମୁହଁକୁ ଚାହିଁଲେ । ଅଜୟ ବୁଝିପାରିଲେ ।

ଶ୍ରୀକାନ୍ତବାବୁ ବାଧା ନଦେଇ ଅକୁଣ୍ଠିତ ଚିତ୍ତରେ ଅନୁମତି ଦେଲେ । ଅଶୋକବାବୁ ଓ ଅଜୟବାବୁ ଦୁହେଁ ଚୌକି ଛାଡ଼ୁ ଛାଡ଼ୁ ଅଶୋକବାବୁ ଶ୍ରୀକାନ୍ତବାବୁଙ୍କ ଉଦ୍ଦେଶ୍ୟରେ କହିଲେ, "ଆପଣ ତେବେ ଏଇଠି ଟିକେ ବସିଥାନ୍ତୁ । ଆମେ ଏଇ ଦଶ ମିନିଟି ମଧ୍ୟରେ ଆସୁଛୁ ।"

ଶ୍ରୀକାନ୍ତବାବୁ ନୀରବରେ ମୁଣ୍ଡ ଟୁଙ୍ଗାରି ସମ୍ମତି ପ୍ରଦାନ କଲେ ।

ଭୃତ୍ୟ ଦୀନା ଏମାନଙ୍କୁ ବାଟ କଢ଼େଇ ସଙ୍ଗରେ ନେଇଗଲା । କୋଠରୀ ପରେ କୋଠରୀ ପାର ହୋଇ ଯାଉଥାନ୍ତି । ଅଶୋକବାବୁ ଓ ଅଜୟ ଦୁହିଁଙ୍କର ଅନୁସନ୍ଧିତ୍ସୁ ଆଖି ଦିଓଟି ଚାରିଆଡ଼େ ଘୁରି ବୁଲୁଥାଏ । ଶେଷକୁ ଗୋଟାଏ କୋଠରୀ ପାଖରେ ଏମାନଙ୍କୁ ପହଞ୍ଚାଇ ଦେଇ ଦୀନା କହିଲା, "ଆଜ୍ଞା, ଏଇ ଗୋଟିକ ଦେଇଲ କଣର ।" ଦୀନାକୁ ସେଇଠାରୁ ବିଦାୟ ଦେଇ ସେଇ କୋଠରୀ ମଧ୍ୟକୁ ଦୁହେଁ ପଶିଯାଇ ଭିତରୁ କବାଟ କିଳିଦେଲେ ।

କୋଠରୀଟି ବେଶ୍ ସୁସଜ୍ଜିତ; ଆଧୁନିକ ରୁଚିସମ୍ପନ୍ନ । କୋଣ ଝରକା ପାଖକୁ ଖଟଟିଏ । ତାହାଁ ଉପରେ ଦୁଗ୍ଧଫେଣନିଭ ଶଯ୍ୟା ପ୍ରସ୍ତୁତ ହୋଇଅଛି । ବିପରୀତ ଦିଗରେ ଅନ୍ୟ ଏକ କୋଣ ଝରକା ନିକଟରେ ସୁସଜ୍ଜିତ ଟେବୁଲଟିଏ । ତାହାଁ ଉପରେ ବିଭିନ୍ନ ପୁସ୍ତକ ଓ ପାଠ୍ୟ ଉପକରଣଗୁଡ଼ିକ ସଜା ହୋଇ ରହିଛି । ପାଖରେ ଆଲମିରାଟିଏ । ଅଶୋକବାବୁ ଆଲମିରା ଫିଟାଇଲେ । ସେଥିରେ କାନ୍ଥାରଡ଼ାଇନ୍ ହେୟାର ଅୟେଲଠାରୁ ଆରମ୍ଭ କରି ଫ୍ରେଞ୍ଚ୍ ଲିପ୍‌ଷ୍ଟିକ୍, ସୁପ୍ରଭା ସ୍ନୋ, ହିମାଲୟାନ୍ ପାଉଡ଼ର, ଇଭିନିଙ୍ଗ୍-ଇନ୍-ପ୍ୟାରିସ୍ ପ୍ରଭୃତି ରୂପସଜ୍ଜାର ସାମଗ୍ରୀଗୁଡ଼ିକ ଥୁଆହୋଇଛି । ତଳ ଥାକରେ ଅଳିଆମଳିଆ ହୋଇ ଏଣୁ ତେଣୁ କାଗଜ ଗୁଡ଼ାଏ । ଅଶୋକବାବୁ କୌତୁହଳୀ ହୋଇ ସେହି କାଗଜଗୁଡ଼ିକୁ ଖୋଲାଇ ବସିଲେ । ସେଗୁଡ଼ିକୁ ବସି ଘାଣ୍ଟୁ ଘାଣ୍ଟୁ ଅଶୋକବାବୁଙ୍କ ଆଖିରେ ପଡ଼ିଲା ନେଲିରଙ୍ଗର କେତୋଟି କାଗଜ । ଅଶୋକବାବୁ ଆଗ୍ରହରେ ସେଇ କାଗଜଗୁଡ଼ିକୁ ବାହାର କରି ଆଣିଲେ । ପ୍ରଥମ ଖଣ୍ଡିକୁ ଫିଟାଇ ପଢ଼ି ବସିଲେ । ତାଙ୍କ ପାଟିରୁ ଅସ୍ପଷ୍ଟ ସ୍ୱରରେ ବାହାରି ପଡ଼ିଲା, "ଓ, ପ୍ରେମପତ୍ର ।" ଅଜୟ ଅଶୋକବାବୁଙ୍କ ନିକଟକୁ ଢୁକି ପଡ଼ିଲେ । ଦୁହେଁ ଚିଠି ଖଣ୍ଡିକୁ ପଢ଼ିଲେ । ଚିଠିଟିର ଶେଷରେ ଲେଖାହୋଇଛି 'ତୁମର ମୁଁ' । ଲେଖାହୋଇଛି ମଧୁର ନିକଟକୁ । ଚିଠିଖଣ୍ଡି ଅମୂଳଚୂଳ ପଢ଼ି ଅଶୋକବାବୁ ଅଜୟଙ୍କ ଆଡ଼କୁ ଚାହିଁ କହିଲେ, "ଅଜୟ, କିଛି ଠଉରେଇ ପାରିଲ ?" ଅଜୟ କିଛି ବୁଝି ନପାରି ଅଶୋକବାବୁଙ୍କ ମୁହଁକୁ ଚାହିଁ ରହିଲେ । ଅଶୋକବାବୁ ଗମ୍ଭୀର ହୋଇ କହିଲେ, "ଅଜୟ, ମୋର ସ୍ପଷ୍ଟ ଧାରଣା ହେଉଛି କି ସୁରେନ୍ଦ୍ର ପ୍ରକୃତ ଉଦାସୀ ନୁହେଁ । ତାକୁ ମଧ୍ୟ ହରଣଚାଲ କରାଯାଇଛି ।"

ଅଜୟ ଚମକି ଉଠିଲେ । ମୁହଁରେ ତାଙ୍କର ଖେଳିଗଲା ଗଭୀର ପ୍ରଶ୍ନର ରେଖା ।

ଅଶୋକବାବୁ ନିଜ ଟିପ ମଧ୍ୟରେ ଚିଠିଟିକୁ ଧରି ଅଜୟଙ୍କ ଆଡ଼କୁ ବଢ଼େଇ ଦେଇ କହିଲେ, "ଏଇ ଦେଖ, ଏ ଅକ୍ଷର ସହିତ ଶ୍ରୀକାନ୍ତବାବୁଙ୍କୁ ଧମକ ଦିଆ ହୋଇ ଲେଖା ଯାଇଥିବା ଚିଠିର ଅକ୍ଷର ମଧ୍ୟରେ କ'ଣ ପାର୍ଥକ୍ୟ ଦେଖି ପାରୁନାହଁ ?" ଅଜୟ ଦେଖିଲେ, ବାସ୍ତବିକ୍ ଦୁଇଟି ଚିଠିର ଅକ୍ଷର ମଧ୍ୟରେ ବହୁତ କିଛି ଅମେଳ ଅଛି । ଅଶୋକବାବୁ ଅକ୍ଷରଗୁଡ଼ିକ ଉପରେ ଅଙ୍ଗୁଳି ସଞ୍ଚାଳନ କରୁ କରୁ କହିଲେ, "ଏଇ ଦେଖ ଏ ଅକ୍ଷରଗୁଡ଼ିକ ଡାହାଣକୁ ଢଳିଛି । ପୁଣି ଏହା ଅକ୍ଳଭରେ ଲେଖା । କିନ୍ତୁ ଶ୍ରୀକାନ୍ତ-ବାବୁଙ୍କ ପାଖକୁ ଆସିଥିବା ଚିଠିଖଣ୍ଡିର ଅକ୍ଷରଗୁଡ଼ିକ ବେଶ ବଡ଼ ଓ ତାହା ସିଧା ।" ଅଜୟ ଅଶୋକ ବାବୁଙ୍କର ପ୍ରଖର ବୁଦ୍ଧିକୁ ପ୍ରଶଂସା ନକରି ରହି ପାରିଲେ ନାହିଁ ।

ଚିଠିଖଣ୍ଡିକୁ ପକେଟ ମଧ୍ୟରେ ସଜାଡ଼ି ରଖି ରଖି ଅଶୋକବାବୁ କହିଲେ, "ଅଜୟ, ମୋର ଧାରଣା ହେଉଛି ସୁରେନ୍ଦ୍ର ମନ୍ଦରକୁ ହରଣଗୁଳି କରିନାହିଁ । ଏହା ଅନ୍ୟ ଏକ ତୃତୀୟ ବ୍ୟକ୍ତିର କାର୍ଯ୍ୟ । କିନ୍ତୁ ବର୍ତ୍ତମାନ ମୁଁ ସେ ବିଷୟରେ ଆଉ ବିଶେଷ କିଛି କହି ପାରୁନାହିଁ କାରଣ, ସେ ବିଷୟରେ ଆମେ ଏ ପର୍ଯ୍ୟନ୍ତ ସେପରି କିଛି ବଳିଷ୍ଠ ପ୍ରମାଣ ପାଇନାହୁଁ ।"

"ତା'ହେଲେ ସୁରେନ୍ଦ୍ର ବର୍ତ୍ତମାନ କେଉଁଠି ?"—ଅଜୟ ପ୍ରଶ୍ନ କଲେ ।

ଅଶୋକବାବୁ ଟିକିଏ ଭାବିଲେ । କହିଲେ, "ସେ ବିଷୟରେ ମଧ୍ୟ ମୁଁ ବର୍ତ୍ତମାନ ସନ୍ଦିହାନ । ମୋର ବିଶ୍ୱାସ, ସୁରେନ୍ଦ୍ରକୁ କୌଣସି ଗୋପନୀୟ ସ୍ଥାନରେ ଲୁଚାଇ ରଖା ଯାଇଛି କିମ୍ବା ତାକୁ ମଧ୍ୟ ହତ୍ୟା କରାଯାଇଛି ।"

—"ହତ୍ୟା !" —ଅଜୟ ଚମକି ଉଠିଲେ ।
—"ଏହା ଆମର ଅନୁମାନ କେବଳ ।"
—"କିନ୍ତୁ କି ଉଦ୍ଦେଶ୍ୟରେ ?" ଅଜୟ ପଚାରିଲେ ।
—"ବର୍ତ୍ତମାନ ସେ ପ୍ରଶ୍ନର ଉତ୍ତର ଦେଇ ହେବନାହିଁ । ତେବେ, ଅଜୟ, ଏହା ନିଶ୍ଚିତ ଯେ ସୁରେନ୍ଦ୍ରକୁ କଣ୍ଟକ ମନେ କରି ନିଜ ଉଦ୍ଦିଷ୍ଟ ପଥ ଉପରୁ ଉଠାଇ ନିଜ ଉଦ୍ଦେଶ୍ୟ ସଫଳ କରିବାର ପଥ ପରିଷ୍କାର କରିବା ଆସାମୀର ଅଭିପ୍ରାୟ । ହୁଏତ ସୁରେନ୍ଦ୍ର ସେହି ଆସାମୀର ବହୁତ କିଛି ଗୁପ୍ତ କଥା ଜାଣି ପାରିଥିଲା କିମ୍ବା……" ଅଶୋକବାବୁ କଥା ମଝିରେ ହଠାତ୍ ଅଟକି ଗଲେ ।

ଅଶୋକବାବୁଙ୍କ କଥାର ଶେଷ ପଦକ ପ୍ରତିଧ୍ୱନିତ କରି ଅଜୟ କହି ଉଠିଲେ, "କିମ୍ବା ?……"

ଅଶୋକବାବୁ ଯେପରି ଭାରି କ୍ଷୀଣ ଗଳାରେ କହିଲେ, "କିମ୍ବା ପ୍ରେମର ପ୍ରତିହିଂସା ମଧ୍ୟ ହୋଇ ପାରେ ।"

ଅଜୟ କିଛି ବୁଝି ନପାରି ପଚାରିଲେ, "ମାନେ ?"

ଅଶୋକବାବୁ ମୃଦୁହସି କହିଲେ, "ମାନେ ମଦନର ପ୍ରେମକୁ ନେଇ କରି ବୋଧେ ପ୍ରତିଦ୍ୱନ୍ଦ୍ୱୀ ଦୁହିଁଙ୍କ ମଧ୍ୟରେ **Tug-of-War** ( ଟଣା ଓଟରା ) ଲାଗି ଥାଇପାରେ । କିନ୍ତୁ ମଦନ ସୁରେନ୍ଦ୍ରକୁ ଭଲ ପାଇବାର ଦେଖି ଅନ୍ୟ ହତାଶ ପ୍ରେମିକ ଜଣକ ହୁଏତ ସୁରେନ୍ଦ୍ରକୁ ମୂଳପୋଛ କରିଦେବାପାଇଁ ବଦ୍ଧପରିକର ହୋଇ ପାରିଥାଏ ।"

ଅଶୋକବାବୁ ଅନ୍ୟ ଚିଠି ଖଣ୍ଡିଏ ଫିଟାଇଲେ । ସେଇଟି ମଧ୍ୟ ମଦନ ପାଖରୁ ଲେଖା ହୋଇଛି । ଲେଖିଛନ୍ତି 'ତୁମର ମୁଁ' । ସେ ଖଣ୍ଡିକୁ ମଧ୍ୟ ପଢିଶେଷ କରୁ କରୁ ଅଶୋକବାବୁ ଦୀର୍ଘ ନିଃଶ୍ୱାସ ଛାଡ଼ି ମନକୁ ମନ କହୁଥିଲେ, "ବେଚାରା ଦୁହେଁ ଜୀବନରେ କ୍ଷଣିକ ରଙ୍ଗୀନ ଛବି ଦେଖିଥିଲେ ।" ସେ ଅଲଅଗଦାକୁ ଅନ୍ତର

ଧଣ୍ଡାଧଣ୍ଡି କରିବାକୁ ଲାଗିଲେ । କାଗଜଗୁଡ଼ିକ ଟେଲିଜ ଖେଳାଇ ଅଜୟଙ୍କୁ କହିଲେ, "ଅଜୟ, ସ୍ୱପ୍ନବିଭୋର ଏଇ ଦୁଇଟି ନିସ୍ୱାର୍ଥ ପ୍ରେମିକ ପ୍ରେମିକାଙ୍କ କଥା ଭାବିଲେ ତୁମର କ'ଣ ମନେହୁଏ ଯେ ସୁରେନ୍ଦ୍ର ଏତେଦୂର ଭୀଷଣ ଓ ହିଂସ୍ର ହୋଇପାରେ ?"

ଅଜୟ କହିଲେ, "ସେ କଥା କିଏ କହିବ, ସାର । ନରମାୟା ନାରାୟଣଙ୍କୁ ଅଗୋଚର । ବିଶେଷତଃ ପ୍ରେମକୁ ଭିତ୍ତି କରି ଯଦି ଏହା ଘଟିଥାଏ, ତେବେ ଏହା କା ସମ୍ଭବ ହୋଇ ପାରି ନଥିବ କାହିଁକି ? ପ୍ରେମ ମଣିଷକୁ ପାଗଳ କରେ, ସାର୍ । ଏହାର ଘୂର୍ଣ୍ଣିବାତ୍ୟା ମଧ୍ୟରେ ପଡି ଦେବତା ପ୍ରକୃତିର ଭଲ ମଣିଷ ବି ଶେଷରେ ରାକ୍ଷସ ପାଲଟେ ।"

ଅଶୋକବାବୁ ହସିଲେ ।

କିନ୍ତୁ ଅଶୋକବାବୁଙ୍କର ସେ ହସ କ୍ଷଣକରେ ମଉଳିଗଲା । ଏଥର ହାତରେ ତାଙ୍କର ପଡିଲା ଗୋଟାଏ ଚମଡ଼ାର ଥଳୀ ଭଳି ପଦାର୍ଥଟାଏ । କୌତୂହଳ ବଶବର୍ତ୍ତୀ ହୋଇ ସେ ସେଇଟିକୁ ଅଳିଆ କାଗଜ ଭିତରୁ ଟାଣି ଆଣିଲେ । ଫିଟାଇ ଦେଖିଲେ, ଫଟୋ ଆଲବମ୍‌ଟାଏ । ଆଲବମ୍‌ର ପୃଷ୍ଠା ଗୋଟିକ ପରେ ଗୋଟିଏ ଓଲଟାଇ ଚାଲିଲେ । ବାଃ, ବାସ୍ତବିକ୍ କି ସୁନ୍ଦର ଓ ଜୀବନ୍ତ ଫଟୋଗୁଡ଼ିକ ତୋଳା ଯାଇଛି । କୋଣାର୍କର ମୁଖଶାଳ, ପୁରୀର ବଡ଼ ଦେଉଳ, କଲିକତାର ଭିକ୍ଟୋରିଆ ମେମୋରିଅଲ୍ ହଲ୍, ଆଗ୍ରାର ତାଜମହଲ, ଦିଲ୍ଲୀର କୁତବ୍‌ମିନାର, ଲାଲକିଲ୍ଲା, ଫତେପୁର ସିକ୍ରି, ବମ୍ବେର ମ୍ୟାରାଇନ୍ ଡ୍ରାଇଭ୍, ଗେଟ୍ ୱେ ଅଫ୍ ଇଣ୍ଡିଆ, ଭିକ୍ଟୋରିଆ ଟର୍ମିନସ୍, ବନାରସର କାଶୀବିଶ୍ୱନାଥଙ୍କ ମନ୍ଦିର, ଶ୍ରୀନଗରର ଫୁଲ ଉଦ୍ୟାନ, ଦାକ୍ଷିଣାତ୍ୟର ରାମେଶ୍ୱରମ୍, ଦାର୍ଜିଲିଂରେ ହିମାଳୟ ପାଦଦେଶର ଦୃଶ୍ୟ, ରାଜପୁତାନା ମରୁଭୂମି

ଉପରର ଫୋଟୋ ପ୍ରିଣ୍ଟ—ଏହିଭଳି ଅନେକ ଫଟୋ । ଅଶୋକବାବୁ ମନେ ମନେ ମନ୍ଦିରଙ୍କର ଫଟୋ ଉଠେଇବାର ପାରଦର୍ଶିତାକୁ ପ୍ରଶଂସା ନକରି ରହି ପାରିଲେ ନାହିଁ ।

ମନ୍ଦିରଙ୍କର ବାପା ଓ ସଙ୍ଗୀମାନଙ୍କର ଫଟୋ ମଧ୍ୟ ସ୍ୱା ମଧ୍ୟରେ ସ୍ଥାନ ପାଇଛି । ପ୍ରତ୍ୟେକ ଫଟୋ ତଳେ ସେମାନଙ୍କର ପରିଚୟ ଦିଆଯାଇଅଛି ଓ ଫଟୋ ଉଠିବାର ତାରିଖ ଲେଖା ହୋଇଅଛି । ଅଶୋକବାବୁ ନିବିଷ୍ଟଚିତ୍ତରେ ପ୍ରତ୍ୟେକ ଫଟୋକୁ ତନ୍ନତନ୍ନ କରି ଦେଖୁଥିଲେ । ହଠାତ୍ ଗୋଟିଏ ଫଟୋ ଉପରେ ତାଙ୍କର ଆଖି ସ୍ଥିର ହୋଇ ରହିଗଲା । ମନ୍ଦିର ଓ ଜଣେ ଯୁବକର ଏକତ୍ର ସମାବେଶ ! ଓ, ଏଇ ସେ ସୁରେନ୍ଦ୍ର ! ଅଶୋକବାବୁ ଫଟୋଟିକୁ ନିରୀକ୍ଷଣ କରିବାକୁ ଲାଗିଲେ । ଅଜୟ ଆଡକୁ ଚାହିଁ କହିଲେ, 'ଦେଖ ଏଇ ସୁରେନ୍ଦ୍ର ।" ଅଜୟ ଆଗ୍ରହରେ ଫଟୋଟି ଉପରେ ଝୁଙ୍କିପଡି ଦେଖିଲେ । ବେଶ ଏକ ଶାନ୍ତ ଯୁବକ ପରି ଦେଖା ଯାଉଛନ୍ତି । ଆଖିରେ ରିମଲେସ ଗୋଲ୍ଡଗୋଲ୍ଡର ଚଷମା । ପାଦରେ କାନପୁରୀ ଚପଲ । ମୁଣ୍ଡବାଳ ଆଲବର୍ଟ ଟେରିକଟା ହୋଇଛି । ପରିଧାନ ଧୋତି ଓ ପଞ୍ଜାବୀ । ଫଟୋଟିକୁ ଦେଖି ଅଶୋକବାବୁ ଭାବିଲେ ଏପରି ଶାନ୍ତଶିଷ୍ଟ ଯୁବକ ପକ୍ଷେ ଏହା କ'ଣ ସମ୍ଭବ ? ମନେ ପଡ଼ିଲା ଅଜୟଙ୍କ କଥା-ପ୍ରେମ ପାଇଁ ମଣିଷ ବାଘ ପାଲଟେ । ଅଶୋକ ବାବୁଙ୍କ ଗୁଇନ୍ଦା ମନଭିତରେ ଏବେଠୁ ସନ୍ଦେହ ଉଙ୍କି ମାରିବାକୁ ଲାଗିଲା । ସେ ସେହି ଫଟୋଟିକୁ ଅଲବମରୁ କାଢି ପକେଟରେ ରଖିଲେ ।

ତା'ପରେ ଦୁର୍ଗେଶ ନନ୍ଦିନୀ କୋଠରୀର ଅବଶେଷ ବସ୍ତୁର ଅନୁସନ୍ଧାନ କଲେ । କିନ୍ତୁ ଆଉ ଅଧିକ କିଛି ପ୍ରୟୋଜନୀୟ ପଦାର୍ଥ ପାଇଲେ

ନାହିଁ । ତେଣୁ ଦୁହେଁ କୋଠରୀକୁ ବନ୍ଦ କରିଦେଇ ଶ୍ରୀକାନ୍ତବାବୁଙ୍କ ପାଖକୁ ଫେରି ଆସିଲେ ।

ଶ୍ରୀକାନ୍ତବାବୁଙ୍କ କୋଠରୀ ଦୁଆର ମୁହଁ ପାଖକୁ ଆସି ଶୁଣିଲେ, କେହି ଜଣେ ଶ୍ରୀକାନ୍ତବାବୁଙ୍କୁ ଆଶ୍ୱାସନା ବାଣୀ ଶୁଣାଇବାରେ ଲାଗିଛନ୍ତି । ଦୁହେଁ କବାଟ ଜାଲି ଫାଙ୍କବାଟେ ଚାହିଁଲେ । ଦେଖିଲେ, ଜଣେ ଯୁବକ ଶ୍ରୀକାନ୍ତବାବୁଙ୍କ ପାଖରେ ବସି ତାଙ୍କୁ କହୁଛି, "ମଉସା, ସେ କଥା ଭାବିଲେ ବସି ଆଉ କଅଣ ହେବ ? ଯାହା ଭାଗ୍ୟରେ ଥିଲା ତା' ହୋଇଗଲା । ସେଥିକୁ ହାତ କାହାର ? ହେଲେ, ଦୁହିଁଙ୍କ ମଧ୍ୟରେ ଏପରି ଅବାଧ ମିଳାମିଶା ହେବାର ସୁବିଧାକୁ ପ୍ରଶ୍ରୟ ଦେଇ ଆପଣ ପ୍ରଥମରୁ ମସ୍ତବଡ଼ ଭୁଲ କରିଛନ୍ତି । ହଉ, ଛାଡ଼ନ୍ତୁ । ଆପଣ ଆଉ ବୃଥା ମନକଷ୍ଟ କରନ୍ତୁ ନାହିଁ । ନିଶ୍ଚିନ୍ତ ହୁଅନ୍ତୁ । ସୁରେନ୍ଦ୍ର ଜାତିରେ ଛୋଟ ହେଲେ କ'ଣ ହେବ, ଦେଖ୍ ଶାନ୍ତ ଓ ଯୋଗ୍ୟ ପିଲାଟି । ତେଣୁ ଆପଣ ନିଶ୍ଚିନ୍ତ ହେବା ଦରକାର ଯେ ଆପଣଙ୍କ କନ୍ୟାକୁ ଏକ ସୁଯୋଗ୍ୟ ପାତ୍ର ହାତରେ ଛାଡ଼ି ଦେଇଛନ୍ତି । ଆଉ ସେ ଜାତିଫାତି କଥା—ସେ ସବୁ ତ ପ୍ରାୟ ଉଠି ଯିବା ଉପରେ ।"

ଶ୍ରୀକାନ୍ତବାବୁ କହିଲେ, "କିନ୍ତୁ ବାବୁ, ତୁ ତ ଜାଣୁ ମନ୍ଦିରାକୁ ମୁଁ କିପରି ପ୍ରାଣରୁ ବଳି ଭଲ ପାଏ । ମନ୍ଦିରାବୋଉ ମଲାପରେ କେବଳ ତାହାରି ମୁହଁକୁ ଚାହିଁ ମୁଁ ଯାହା ଅଜଯାଏ ବଞ୍ଚି ରହିଛି । ଶ୍ରୀକାନ୍ତବାବୁ କାନ୍ଦି ଉଠିଲେ । କହିଲେ, "ସୁରକୁ ପୁଅଠୁଁ ବଳି ସ୍ନେହ କରୁଥିଲି । ଏ ବୃଦ୍ଧ ବୟସରେ ସେ ମତେ ତା'ର ଏଇ ପ୍ରତିଦାନ ଦେଇଗଲା ! ଶ୍ରୀକାନ୍ତବାବୁ ଅଧିକ ଜୋରରେ କାନ୍ଦି ଉଠିଲେ । ଯୁବକଟି ବ୍ୟସ୍ତ ହୋଇ ଉଠିଲା । ନିଜ ଚୌକି ଉପରୁ ଉଠିପଡ଼ି ଶ୍ରୀକାନ୍ତବାବୁଙ୍କ ମୁହଁ ପାଖକୁ ନୋଇଁ ପଡ଼ି କହିଲା

ଗଳାରେ କହିଲା, ମଉସା, ଆପଣ ଏମିତି ଉତ୍ତେଜିତ ହୋଇଉଠୁଛନ୍ତି। ଆପଣଙ୍କର ରକ୍ତଗ୍ରୁପ ବେଗ ଯେ ଅଛି।

—"ବାଜୁ, ମୋ ରକ୍ତର ଗ୍ରୁପ ସେଭଳି ସ୍ଥାନକୁ ଉଠୁ, ଯେଉଁଠୁ ମଣିଷ ଆଉ ଫେରେ ନାହିଁ। ମନ୍ଦିରାବୋଉ ଆଗରୁ ଯାଇଛି, ଏବେ ମୋ ମନ୍ଦିରା ଗଲା। ଆଉ କାହାପାଇଁ ଏ ବୁଢା ପ୍ରାଣ ଧରି ବଞ୍ଚି ରହିବ? ମତେ ମରିବାକୁ ଦେ, ବାଜୁ, ମତେ ମରିବାକୁ ଦେ।" —ଶ୍ରୀକାନ୍ତ ବାବୁଙ୍କ କଥା ଅସଂଗତ ହୋଇ ଉଠିଲା।

—କିନ୍ତୁ, ଆପଣ ଏମିତି ବ୍ୟସ୍ତ ହେଲେ କ'ଣ ମନ୍ଦିରା ଆଉ ଫେରି ଆସିବ? ମୋର କାହିଁକି ବିଶ୍ୱାସ ହେଉନାହିଁ। ଛି, ଛି, ସୁରଟା ସତେ କ'ଣ ନ କଲା!"

ଶ୍ରୀକାନ୍ତବାବୁ ଆଖିରୁ ଲୁହ ପୋଛିଲେ।

ଯୁବକ ଜଣକ କହିଲା, "ମଉସା, ସେ ବିଷୟରେ ମନ ଗୋଳେଇ-ଘାଣ୍ଟି କିଛି ଲାଭ ନାହିଁ। ଯାହା ଯାଇଛି ଆଉ ତାହା ଫେରି ଆସିବ ନାହିଁ। ବରଂ ଏ ଅବସ୍ଥାରେ ଆପଣଙ୍କର ନୀରବ ରହିବା ଶ୍ରେୟସ୍କର। ଜାଣନ୍ତି, ପତ୍ରରେ ସୁରେନ୍ଦ୍ର ଆପଣଙ୍କ ନିକଟକୁ କ'ଣ ଲେଖିଥିଲା? ପୋଲିସର ସାହାଯ୍ୟ ନେଇ ଏ ବିଷୟରେ ଅନୁସନ୍ଧାନ ଚଳାଇଲେ ଆପଣଙ୍କୁ ମନ୍ଦିରାକୁ ଚିରଦିନ ପାଇଁ ଭୁଲି ଯିବାକୁ ପଡ଼ିବ।"

"ବାଜୁ—ଯୁବକକୁ ଧରି ଶ୍ରୀକାନ୍ତବାବୁ ପିଲାଙ୍କପରି ଭେଁ ଭେଁ ହୋଇ କାନ୍ଦି ଉଠିଲେ। ଯୁବକଟି ବୃଦ୍ଧ ଶ୍ରୀକାନ୍ତବାବୁଙ୍କର ଆଖିରୁ ଲୁହ ପୋଛି ଦେଉ ଦେଉ କହିଲା, "ମଉସା, ଏପରି ଅବସ୍ଥାରେ ଆପଣ ପୋଲିସର ସାହାଯ୍ୟ ନେବା କଦାପି ଉଚିତ ନୁହେଁ।"

—"ତା'ହେଲେ କ'ଣ ମନ୍ଦିରାକୁ ମୁଁ ଆଉ ପାଇବି ନାହିଁ?

ଶ୍ରୀକାନ୍ତବାବୁ ଉକ୍ତ ଯୁବକ ଆଡ଼କୁ ଚାହିଁଲେ।

ଯୁବକ କହିଲା, "କାହୁଁ ଏତେ ମଧ୍ୟସ୍ଥଙ୍କୁ ଆଗଉବାକୁ ଚେଷ୍ଟା କଲେ ତେବେଣେ ମନ୍ଦାରର ଜୀବନର ଆଶା ଛାଡ଼ିବାକୁ ହେବ । ଏ କଥାତ ପୁଣି ଭାବିବାକୁ ପଡ଼ିବ । ନା ମଉସା, ଆପଣ ଏ ତଦନ୍ତ ଶୀଘ୍ର ବନ୍ଦ କରନ୍ତୁ । ଜାଣି ଜାଣି ନିଜ ହାତରେ ନିଜ ଝିଅର ଜୀବନ ନିଅନ୍ତୁ ନାହିଁ । ଯେଉଁଠି ଥାଉ, ମନ୍ଦାର ଜୀଇ ବଞ୍ଚୁ ସୁଖରେ ରହୁ —ଏହାହିଁ କ'ଣ ଆପଣଙ୍କ ପକ୍ଷେ ଯଥେଷ୍ଟ ନୁହେଁ ?"

ଶ୍ରୀକାନ୍ତବାବୁ ନୀରବ ରହିଲେ ।

ଅଶୋକବାବୁ ଓ ଅଜୟ ବାହାରେ ଥାଇ ସବୁ ଶୁଣୁଥାନ୍ତି, କବାଟ ଜାଲି ଫାଙ୍କ ମଧ୍ୟଦେଇ ଯୁବକଟିର ଗତିଗତି ସମସ୍ତ ଲକ୍ଷ୍ୟ କରୁଥାନ୍ତି । ଯୁବକଟି ନୀରବତା ଭଙ୍ଗକରି ଯେତେବେଳେ 'ଯାଉଛି ମଉସା' କହି କୋଠରୀ ଭିତରୁ ବାହାରି ଆସିଲା, ଅଶୋକବାବୁ ଓ ଅଜୟ ଦୁହେଁ ଠିକ ସେତିକିବେଳେ ଶ୍ରୀକାନ୍ତବାବୁଙ୍କ କୋଠରୀ ମଧ୍ୟକୁ ପ୍ରବେଶ କଲେ । ଦୁଆରବନ୍ଧ ପାରି ହେଲା ବେଳକୁ ଅଶୋକବାବୁ ଯୁବକ ପ୍ରତି ଏକ ତୀବ୍ର କଟାକ୍ଷ ହାଣିଲେ । ଅଶୋକବାବୁ ଓ ଅଜୟଙ୍କର ଏଭଳି ଅତର୍କିତ ପ୍ରବେଶ ଫଳରେ ଯୁବକଟି ହଠାତ ବିଚଳିତ ହୋଇ ପଡ଼ିଲା । ଅଶୋକବାବୁଙ୍କ ଗୁଇନ୍ଦା ଆଖିର ଦୃଷ୍ଟି ପଥରୁ ଏହା ବାଦ୍ ପଡ଼ି ନାହିଁ ।

ଅଶୋକବାବୁ ଓ ଅଜୟ ଗୃହ ମଧ୍ୟକୁ ପ୍ରବେଶ କରି ଦୁଇଟି ଚୌକି ଟାଣି ବସି ପଡ଼ିଲେ । ଅଶୋକବାବୁ ଚୌକି ବୁଲାଇଦେଇ ଶ୍ରୀକାନ୍ତ ବାବୁଙ୍କ ଆଡ଼କୁ ମୁହଁକରି ପଚାରିଲେ, "ଆଚ୍ଛା ଶ୍ରୀକାନ୍ତବାବୁ, ଏଇଟେ କିଭିମାନ ଆସିଥିଲେ ସେ କିଏ ?" ଶ୍ରୀକାନ୍ତବାବୁ କହିଲେ, "ଓଃ, ଏଇ ବଜୁକଥା କହୁଛନ୍ତି ? ସେ ପୁଲିନବାବୁ ଜଣଙ୍କ ପୁଅ ।" ଟିକିଏ ଅନେଇଯାଇ ପଚାରିଲେ, "କାହିଁକି ପଚାରୁଥିଲେ କି ?" ଅଶୋକବାବୁ କଥାଟାକୁ ବାଆଁରେଇ ଦେବାକୁ ଯାଇ ହସିହସି

କହିଲେ, 'ନାଇଁ ଏପରି । ପୂର୍ବରୁ କେଉଁଠି ଦେଖିଥିଲି ଭଳି ମୋ ଶଙ୍କା ହେଲା ।" ଶ୍ରୀକାନ୍ତବାବୁ ମଧ୍ୟ ଶୁଷ୍କ ହସି ହସି କହିଲେ, ହଁ, କେଉଁଠି ଦେଖିଥିବେ ।"

କିଛିକ୍ଷଣ ନୀରବ ରହିଲା ପରେ ଅଶୋକବାବୁ ଶ୍ରୀକାନ୍ତବାବୁଙ୍କୁ ପଚାରିଲେ, ଅଚ୍ଛା, ଶ୍ରୀକାନ୍ତବାବୁ, ଆପଣ କହି ପାରିବେ କି ସନ୍ଧ୍ୟା ଧନ ମନ୍ଦିରା ଦେବୀ କେଉଁ ଅଡ଼କୁ ଯାଇଥିଲେ ?

ଶ୍ରୀକାନ୍ତବାବୁ ଭାବିଲେ । କିନ୍ତୁ ସଠିକ କିଛି କହି ପାରିଲେ ନାହିଁ ।

ଅଶୋକବାବୁ ଦେଖିଲେ, ସେ ଦିଗରୁ ଚେଷ୍ଟାକର ଶ୍ରୀକାନ୍ତ ବାବୁଙ୍କଠାରୁ ଆଉ ଅଧିକ ପ୍ରୟୋଜନୀୟ ଲକ୍ଷଣ କିଛି ଜାଣିହେବ ନାହିଁ । ତେଣୁ ସେ ତାଙ୍କଠାରୁ ବିଦାୟ ନେବାକୁ ବସିଲେ। ଗଲାବେଳେ ଶ୍ରୀକାନ୍ତବାବୁଙ୍କୁ ଆଶ୍ୱାସନା ଦେଇ କହିଲେ, "ଶ୍ରୀକାନ୍ତ ବାବୁ, ଅପଣ ଅଧିକ ବ୍ୟସ୍ତ ହୁଅନ୍ତୁ ନାହିଁ । ମୁଁ ମନ୍ଦିରା ଦେବୀଙ୍କ ହରଣରହସ୍ୟ ଅନୁସନ୍ଧାନ କରିବାର ଭାର ହାତକୁ ନେଇଛି । ମୋର ଦୃଢ଼ ବିଶ୍ୱାସ, ମୁଁ ମନ୍ଦିରା ଦେବୀଙ୍କୁ ଉଦ୍ଧାର କରିବା ସଙ୍ଗେ ସଙ୍ଗେ ପ୍ରକୃତ ଆସାମୀ ହାତରେ ହାତକଡ଼ି ପିନ୍ଧାଇ ପାରିବି । ତେବେ, ହଁ, ମୁଁ ଏହାର ତଦନ୍ତଭାର ଗ୍ରହଣ କରିଛି ବୋଲି ଆଉ କେହି ଯେପରି ନ ଜାଣନ୍ତି, ନୋହିଲେ ମନ୍ଦିରା ଦେବୀଙ୍କୁ ଉଦ୍ଧାର ସଙ୍ଗେ ସଙ୍ଗେ ଅପ ଉଭୟଙ୍କର ଜୀବନ ଉପରେ ଯଥେଷ୍ଟ ବିପଦ ପଡ଼ିବାର ଆଶଙ୍କା ଅଛି ।"

ଶ୍ରୀକାନ୍ତବାବୁ ଥର ଥର ଗଳାରେ କହିଲେ, "କିନ୍ତୁ ହରଣ ଗୁଳକଙ୍କୁ ତ ଏହା ଗୁପ୍ତ ରହିବ ନାହିଁ । ସେ ସମସ୍ତ ବିଷୟ ଜାଣି ପାରିବ । ଫଳରେ ମୋ ମନ୍ଦିରାକୁ ମୁଁ ହରାଇବି ।"

ଅଶୋକବାବୁ ଅଳ୍ପ ହସିଦେଇ କହିଲେ, "ହରଣକାରୀ

ଏହା ଜାଣି ପାରିବ ନାହିଁ କି ଆପଣଙ୍କ କନ୍ୟାର କୌଣସି କ୍ଷତି ହେବ ନାହିଁ । ଆପଣ ଏ ବିଷୟରେ ମୋ ଉପରେ ସମ୍ପୂର୍ଣ୍ଣ ନିର୍ଭର କରି ରୁହନ୍ତୁ ।" ଶ୍ରୀକାନ୍ତବାବୁ ଏ ସମସ୍ତ ଗୁପ୍ତ ରହିବେ ବୋଲି ନିର୍ଭର ଜବାବ ଦେଲେ । ତା'ପରେ ଅଶୋକବାବୁ ଓ ଅଜୟ ଦୁହେଁ ଶ୍ରୀକାନ୍ତବାବୁଙ୍କଠାରୁ ବିଦାୟ ନେଇ ଫାଟକ ଆଡ଼କୁ ମୁହାଁଇଲେ । ହତାମଧ୍ୟସ୍ଥ ପେଭମେଣ୍ଟ ଉପରେ ଆଗେଇ ଯାଉଯାଉ ଅଶୋକବାବୁ ଅଜୟଙ୍କ ଆଡ଼କୁ ଚାହିଁ କହିଲେ, ବୁଝିଲ ଅଜୟ, ବାସ୍ତବିକ ଏ ପୋଲିସ ଲୋକଗୁଡ଼ାକ କମୁର୍ଖ ! ଏଗୁଡ଼ାଙ୍କୁ ସରକାର ମାହାଲିଆଠାକୁ ପୋଷୁଛନ୍ତି ! "ଅଜୟ ହସିହସି କହିଲେ," ସତେଇଆର୍, ଦେଖିବାକୁ ସିନା ଏମାନେ ଗୋଟାଏ ଗୋଟାଏ ପ୍ରକାଣ୍ଡ ବସ୍ତୁ ବୋହୁଛନ୍ତି, ହେଲେ, ଯାଙ୍କଠାରେ ଭତାଟିକିର ବୋଲି ବୁଦ୍ଧି ନାହିଁ । ଦେଖୁ ନାହାନ୍ତି, ସୁରେନ୍ଦ୍ର ନାଁରେ ଗୋଟାଏ ଚିଠି ଆସି ପହଞ୍ଚିବାରୁ ଏମାନେ କିପରି ନିଶ୍ଚିତଭାବେ ଧରି ନେଇଛନ୍ତି ଯେ ସୁରେନ୍ଦ୍ର ପ୍ରକୃତ ହରଣଗୃଳକ, କିନ୍ତୁ ଯାହା ମଧ୍ୟ ହୋଇପାରେ ଯେ ଅନ୍ୟ କେହି ନିଜର ଉଦ୍ଦେଶ୍ୟ ସିଦ୍ଧି ପାଇଁ ସୁରେନ୍ଦ୍ରର ମୁଣ୍ଡରେ ପଥା ବୋଳିବାରେ ଲାଗିଛି । "ଅଶୋକବାବୁ ଟିକିଏ ହସି କହିଲେ," ଠିକ୍ କହୁଛ, ଅଜୟ । ଯେଉଁ ଲୋକ ଏ କାର୍ଯ୍ୟ କରିଛି ସେ କେବେ ଏତେ ବୋକା ନୁହେଁ ଯେ ଜାଣିଶୁଣି ନିଜକୁ ଧରା ଦେବ । 'ପୋଲିସ ଲୋକେ ଏସବୁକୁ ଯେତେ ସହଜ ଓ ସରଳ ମନେ କରୁଛନ୍ତି, ପ୍ରକୃତରେ ଯାହା' ସେପରି ନୁହେଁ । ବାସ୍ତବିକ ପୋଲିସ ଲୋକଠାରୁ ଏସବୁ ଲୋକଙ୍କର ବୁଦ୍ଧିର ଦୌଡ଼ ବହୁତ ବେଶି । ମଝିରେ ମଝିରେ ଏମିତି ଗୋଟାଏ ମିଥ୍ୟା ଅଭିନୟ ଓ ଆତଙ୍କ ସୃଷ୍ଟି କରିବା ସେମାନଙ୍କର ଇଚ୍ଛାକୃତ ଉଦ୍ଦେଶ୍ୟ । ଏହାଦ୍ୱାରା ପୋଲିସର କାଣ୍ଡଜ୍ଞାନ ଶୂନ୍ୟ କର୍ମଚାରୀମାନେ କେବଳ

ସେ ଅନ୍ଧାରଣିଆରେ ଭୁଆ ବୁଲିବେ—କେବଲ ସ୍ୱା ନୁହିଁ, ଏହି ଅବସର ଭିତରେ ମଧ୍ୟ ଦସ୍ୟୁଦଳ ଅତି ସହଜରେ ନିଜ ନିଜର ଉଦ୍ଦେଶ୍ୟ ସାଧନ ପଥରେ ଯଥେଷ୍ଟ ଅଗେଇ ଯାଇ ପାରିବେ । ଏସବୁ ସେତେ ସେତେ ଅଗେଇ ଚାଲିବ; ପୋଲିସ୍ ପକ୍ଷରେ ତାହା ଭେଦ କରିବା ସେତେ ଦୁରୂହ ହୋଇ ଉଠିବ । ଫଳରେ ଦସ୍ୟୁଦଳ ଧରା ତ ପଡ଼ିବେ ନାହିଁ, ଅଧିକନ୍ତୁ ଏଭଳି କାଣ୍ଡ ଗୋଟିଗୋଟି ହୋଇ ବଢ଼ି ଚାଲିବ ସିନା ! ତେଣୁ ମୋର ଇଚ୍ଛା, ଆମେ ନିଜେ ନିଜେ ଗୁପ୍ତରେ ଆମର ଅନୁସନ୍ଧାନ ଚଳାଇବା । ଏ ପୋଲିସ ଲୋକଙ୍କ ହାତକୁ ଚାହିଁ ରହିଲେ ଚଳିବ ନାହିଁ । ଅବଶ୍ୟ ଯେଉଁ ସ୍ଥାନରେ ପୋଲିସର ସାହାଯ୍ୟ ଏକାନ୍ତ ଆବଶ୍ୟକ ପଡ଼ିବ, ସେହି ସ୍ଥାନରେ ସେମାନଙ୍କର ସାହାଯ୍ୟ ନେବା । ଅତୀତରେ ମୁଁ ଯେ ଏତେଗୁଡ଼ିଏ 'କେଶ୍‌'ରେ କୃତକାର୍ଯ୍ୟ ହୋଇ ପାରିଛି, ତାହା କେବଳ ମୋର ନିଜ ଅନୁସନ୍ଧାନ ବଳରେ । ପୋଲିସ ହାତକୁ ପୁରାପୁରି ଅନାଇ ରହିଥିଲେ ନବାଏ ଶତେରୁ ଅନେଶ୍ୱତ କେଶ୍‌ରେ ମୁଁ ବିଫଳ ହୋଇଥାନ୍ତି । "ଅଶୋକବାବୁ ଚାରି ଆଡ଼କୁ ଥରେ ଚାହିଁଲେ ଦେଖିଲେ 'ସେମାନେ ପେଭ୍‌ମେଣ୍ଟର ଅଧା' ଅତିକ୍ରମ କରି ସାରିଲେଣି ପାଖରେ କେହି କୁଆଡ଼େ ନାହିଁ । ଅଜୟଙ୍କ ଆଡ଼କୁ ମୁହଁ ବୁଲାଇ ସେ ଧୀରେ ଧୀରେ କହିଲେ, "ଅଜୟ, ଏଇ ସେଇ ଯେଉଁ ବାବୁ, ତାଙ୍କ ଉପରେ ଆମ ଦୃଷ୍ଟି ପକାଇବାକୁ ପଡ଼ିବ ଏଥର ।" ଅଜୟ ଏ ସବୁର ଅର୍ଥ କିଛି ବୁଝି ପାରିଲେ ନାହିଁ । ବିସ୍ମିତ ହୋଇ ପଚାରିଲେ, "ଆପଣ କ'ଣ ମନେ କରୁଛନ୍ତି ସେ ଏଥିରେ ସମ୍ପୃକ୍ତ ?

ଅଶୋକ ବାବୁ ଟିକେ ହସିଲେ । କହିଲେ, "ସେ ଜଜ୍‌ଙ୍କର ପୁଅ ହୋଇ ପାରନ୍ତି, ମାତ୍ର ସେ ଯେ ଏଥିରେ ନିର୍ଲିପ୍ତ ନାହାନ୍ତି, ତା' କିଏ କହିବ ? ଶ୍ରୀକାନ୍ତବାବୁଙ୍କୁ ସେ କଣ କହୁଥିଲେ, ତା'ତ ତୁମେ

ଶୁଣିଛ ? ଲୋକଟା ଉପରେ ପ୍ରଥମରୁ ମୋର ତାଙ୍କ ଅନୁସନ୍ଧାନ ନ ଚଳାଇବାକୁ ଶ୍ରୀକାନ୍ତ ବାବୁଙ୍କୁ ପ୍ରବର୍ତ୍ତାଉଛନ୍ତି ?" ଅଶୋକବାବୁ କ୍ଷଣେ ନୀରବ ରହି ପୁଣି କହିଲେ । ଆମର ସନ୍ଦେହ ହୁଏତ ଅମୂଳକ ହୋଇପାରେ । ଜଜଙ୍କ ପୁଅବୋଲି ଯେ ସେ ଏଥିରେ ଜଡ଼ିତ ଥାଇ ନ ପାରନ୍ତି, ଏକଥା ଭାବିବା ଭୁଲ । ତାହା କେହି କହି ପାରିବ ନାହିଁ । ପ୍ରେମ ବଡଲୋକ ଛୋଟଲୋକ ବାଛେନା । ଯୌବନର ଉଚ୍ଛୃଙ୍ଖଳତା ଓ ପ୍ରେମର ପାଗଳାମି ଆଗରେ ବଡଲୋକ ଛୋଟଲୋକ, ଧନୀ ଦରିଦ୍ର ସଭିଏଁ ସମାନ । ତୁମେ ସିନା କହୁଥିଲ ପ୍ରେମ ପାଇଁ ଭଲ ମଣିଷ ବି ରାକ୍ଷସ ପାଲଟେ ! ତେଣୁ କେବଳ ବାହ୍ୟ ଆବରଣ ଓ ଆଡ଼ମ୍ବରଦ୍ୱାରା ପ୍ରକୃତ ମଣିଷ ଚିହ୍ନି ହୁଏନା ଅଜସ୍ର । ତା'ର ହୃଦୟ ତଳେ ଏବେ ବି ସେ ଆଦିମ ପ୍ରବୃତ୍ତି ଲୁଚି ରହିଛି—ଅବଶ୍ୟ ବିଭିନ୍ନ ଅନୁପାତରେ । କାହାର ନିହାତି କମ୍, କାହାର ହୁଏତ ବର୍ବରତାର ଶେଷ ସୀମାରେ । ତେଣୁ ମଣିଷର ଭିତର ଚିହ୍ନି ପ୍ରକୃତ ଲୋକ ଚିହ୍ନାଯାଏ—ଏହା ଅନ୍ତତଃ ପ୍ରତ୍ୟେକ ଗୁଇନ୍ଦାର ମନେ ରଖିବା ଓ ଶିଖିବାର ବିଷୟ ।

ଦୁହେଁ ଏଥିମଧ୍ୟରେ ଫାଟକ ନିକଟରେ ପହଞ୍ଚି ସାରିଥିଲେ । ତେଣୁ ଏ ପ୍ରସଙ୍ଗରେ ଆଉ ଅଧିକ କଥା ବାର୍ତ୍ତା ହେବା ଉଚିତ୍ ମନେ ନ କରି ଦୁହେଁ ନୀରବ ରହିଲେ ।

—ଚାରି—

କ୍ରିଂ...........

ଅଜୟ ଫୋନ୍ ଧରିଲେ ।

"ହ୍ୟାଲୋ—କିଏ ?...ଓଃ, ଶ୍ରୀକାନ୍ତବାବୁ !—ନମସ୍କାର...ହଁ, ମୁଁ ଅଜୟ...ଅଛନ୍ତି...ଏଁ, କଣ କହିଲ ?...ଚନ୍ଦସର ହାଉ ?...ବଡ଼ ଆଶ୍ଚର୍ଯ୍ୟ କଥା !......ହଁ, ଆମେ ଏହିକ୍ଷଣି ଯାଉଛୁ—"

ଫୋନ ରିସିଭରକୁ ଥୋଇଦେଇ ଅଜୟ ଅଶୋକବାବୁଙ୍କ ପାଖକୁ ବ୍ୟସ୍ତ ଭାବରେ ଫେରି ଆସିଲେ । ଦେଖିଲେ, ଅଶୋକ ବାବୁ ଟେବୁଲ କଡ଼ରେ ବସି କ'ଣ ଲେଖିବାରେ ଲାଗିଛନ୍ତି ।

ଅଜୟ ଡାକିଲେ, "ସାର୍" ।

ଅଶୋକବାବୁ ଲେଖା ଉପରୁ ମୁହଁ ଉଠାଇ ଅଜୟଙ୍କୁ ଚାହିଁଲେ ।

ଅଜୟ କହିଲେ, "ସାର, ଶ୍ରୀକାନ୍ତବାବୁ ବର୍ତ୍ତମାନ ଫୋନରେ ଡାକୁଥିଲେ ।" ଅଶୋକବାବୁ 'କାହିଁକି' ପଚାରିବା ଆଗରୁ ଅଜୟ ଉତ୍ତେଜନା ଭରା କଣ୍ଠରେ ଦ୍ରୁତ ଗତିରେ କହି ପକାଇଲେ, "ମଦନଙ୍କ ଚିଠି ହାତ ଶ୍ରୀକାନ୍ତବାବୁ ପାଇଛନ୍ତି । ତାଙ୍କ କଥାବାର୍ତ୍ତାରୁ ଜଣା ପଡ଼ୁଛି ଯେ ଅଚଣା ବସ୍ତୁ ବହୁତ ଜୋର ପାଇଛନ୍ତି । ଆପଣଙ୍କୁ ଡାକିଛନ୍ତି ।"

ଅଶୋକବାବୁଙ୍କର ଲେଖା ସେତିକିରେ ବନ୍ଦ ରହିଲା। ଡ୍ରେସିଙ୍ଗ୍ ରୁମ୍ ମଧ୍ୟକୁ ପଶି ଯାଉଯାଉ ସେ ଅଜୟଙ୍କ ଉଦ୍ଦେଶ୍ୟରେ କହିଲେ, "ମଟର ତ ଖରାପ ଅଛି, ଶୀଘ୍ର ମଟର ସାଇକଲଟା ତା'ହେଲେ ଆଣ। ମୁଁ ପୋଷାକ ପିନ୍ଧି ଆସୁଛି।" ଅଜୟ ନିକଟବର୍ତ୍ତୀ ଗ୍ୟାରେଜକୁ ଦଉଡ଼ି ଯାଇ ମଟର ସାଇକଲ ଷ୍ଟାର୍ଟ କରି ଆଣି ଦୁଆର ମୁହଁରେ ପହଞ୍ଚାଇ ଦେଲେ। ଅଶୋକ ବାବୁ ଇତ୍ୟବସରରେ ପୋଷାକ ପିନ୍ଧି ସାରିଥାନ୍ତି। ମଟର ସାଇକଲ ଆସି ପହଞ୍ଚିବାରୁ ସେ ଚଟାପଟ୍ ଉପରେ ବସି ପଡ଼ିଲେ। ମଟର ସାଇକଲଟି ନିଜର ବେଗ ବଢ଼ାଇ ଚାଲିଲା ଶ୍ରୀକାନ୍ତବାବୁଙ୍କ ଗୃହ ଅଭିମୁଖେ।

ଆଜିକି ଶ୍ରୀକାନ୍ତବାବୁଙ୍କ ଗୃହ ସମ୍ମୁଖରେ ବେଶ୍ ଲୋକ ସମାଗମ ହୋଇଛି। ଅଶୋକବାବୁ ଓ ଅଜୟ ଅଳ୍ପ ଦୂରରେ ଏକ ବୃଦା ମଧ୍ୟରେ ମଟର ସାଇକେଲଟିକୁ ଲଚ୍ଛାଇ ଦେଇ ଶ୍ରୀକାନ୍ତ ବାବୁଙ୍କ ହତା ଭିତରକୁ ପଶିଗଲେ।

ଗୃହ ମଧ୍ୟକୁ ପ୍ରବେଶକରି ଦେଖିଲେ, ଶ୍ରୀକାନ୍ତବାବୁ ପଥରଭଳି ଜଡ଼ ପାଲଟି ଗୋଟିଏ ଚୌକି ଉପରେ ବସିଛନ୍ତି। ମୁହଁରେ ତାଙ୍କର ଭୟର ରେଖା ସୁସ୍ପଷ୍ଟ। ତଳେ ତାଙ୍କର ଗୋଡ଼ପାଖକୁ ଲାଗି ମୀନା ମୁହଁପୋଡ଼ି ବସିଛି।

କେହି ପ୍ରବେଶ କରିବାର ଦେଖି ଶ୍ରୀକାନ୍ତବାବୁ ଦୁଆର ଆଡ଼କୁ ଚାହିଁଲେ। ଅଶୋକ ବାବୁ ଓ ଅଜୟ ଦୁହେଁ ଶ୍ରୀକାନ୍ତବାବୁଙ୍କ କୋଠରୀ ମଧ୍ୟକୁ ପ୍ରବେଶ କଲେ। ସ୍ୟାଙ୍କୁ ଦେଖି ଶ୍ରୀକାନ୍ତବାବୁ ହୋ ହୋ କରି ଉଚ୍ଚ ସ୍ୱରରେ କାନ୍ଦି ଉଠିଲେ। ମୀନା ମଧ୍ୟ ତାଙ୍କ ସ୍ୱରରେ ସ୍ୱର ମିଶାଇ କାନ୍ଦି ଉଠିଲା। ବହୁ ଆଶ୍ୱାସନା ବାଣୀ ଶୁଣାଇ ସାରିଲା ପରେ ଶ୍ରୀକାନ୍ତବାବୁ ପ୍ରବୋଧ ହେଲେ। ତାଙ୍କ

ବର୍ତ୍ତମାନ ପ୍ରକୃତିସ୍ଥ ହେବାର ଦେଖି ଅଶୋକ ବାବୁ ପଚାରିଲେ "ଘଟଣା କ'ଣ, ଅଙ୍କଲ ?"

ଶ୍ରୀକାନ୍ତବାବୁ ତଥାପି ଭୟ ଛାଡ଼ି ନଥାନ୍ତି । ଭୟ ବିହ୍ୱଳିତ ସ୍ୱରରେ କହିଲେ, "ଅଶୋକବାବୁ, ମୋ କଥା ସରଳ ଅଙ୍କଲ । ତାହା ମୁହିଁ ଦେଖି ଆଉ ମୁଁ ବଞ୍ଚି ରହିବି ?" ଶ୍ରୀକାନ୍ତବାବୁ ପୁଣି କାନ୍ଦି ଉଠିଲେ ।

ଅଶୋକବାବୁ ଦେଖିଲେ, ଏପରି କିଛି ଘଟଣା ଘଟିଯାଇଛି ଯାହାଦ୍ୱାରା ଶ୍ରୀକାନ୍ତବାବୁ ଭୀଷଣ ଆଘାତ ପାଇଛନ୍ତି । ତା' ନହେଲେ ସେ ବୁଢ଼ାଙ୍କ ବୁଢ଼ା ଆଖିରୁ ଏମିତି ଲୁହ ବୁହାନ୍ତେ ନାହିଁ । ଶ୍ରୀକାନ୍ତ ବାବୁଙ୍କ ପାଖକୁ ଉଠିଆସି ସେ ନମ୍ରଗଳାରେ କହିଲେ, "ଆପଣ ବୁଝିବା ଲୋକ ହୋଇ ଏପରି କାନ୍ଦି ଉଠୁଛନ୍ତି, ଅଉ ଅନ୍ୟମାନଙ୍କ କଥା କ'ଣ କହିବା ! ଯାହା ହୋଇଗଲାଣି ସେ ବିଷୟରେ ଅଉ ମନକଷ୍ଟ କଲେ କି କନ୍ଦାକଟା କଲେ କ'ଣ ତା ଅଉ ଫେରି ଆସିବ ? ବରଂ ଧୈର୍ଯ୍ୟ ଧରି ତାହାର ପ୍ରତିକାର କରିବା ଆବଶ୍ୟକ । "କ୍ଷଣେ ନୀରବ ରହି ଅଶୋକବାବୁ ପୁଣି କହିଲେ, "ହଁ, ଘଟଣା କ'ଣ ବର୍ତ୍ତମାନ କୁହନ୍ତୁ ତ ?"

ଶ୍ରୀକାନ୍ତବାବୁ କାନ୍ଦିବାରୁ ବିରତ ହେଲେ । ଲୁହ ପୋଛୁ ପୋଛୁ ସେ କହିଲେ, "ସେ ପୂର୍ବ ଚିଠି କଥା ନମାନି ମୁଁ ପୋଲିସର ସାହାଯ୍ୟ ନେଲି । ତେଣୁ......"...ପୁଣି କୋହ ଉଠିଲା । ଅଧିକ କିଛି କହି ନପାରି ଟେବୁଲ ଡ୍ରୟାର ଆଡ଼କୁ ହାତ ବଢ଼ାଇ ଦେଲେ ।

ଅଶୋକବାବୁ ଦେଖିଲେ । ଶ୍ରୀକାନ୍ତବାବୁ ଏତେଦୂର ମର୍ମାହତ ହୋଇ ପଡ଼ିଛନ୍ତି ଯେ ବର୍ତ୍ତମାନ ଅବସ୍ଥାରେ ତାଙ୍କୁ ଆଉ କିଛି ପଚାରିବା ସେ ଉଚିତ ମନେ କଲେ ନାହିଁ । କାରଣ, କିଛି ଉତ୍ତର

ଯାଇବା ପରବର୍ତ୍ତୀରେ ଏହା କେବଳ ତାଙ୍କୁ ବୃଥା ଅନୁର ଅର୍ଥକ୍ଷ ଘଟାଇବ ସିନା ! ତେଣୁ ସେ ନୀରବରେ ଡ୍ରୟାର ଖୋଲିଲେ ।

ଡ୍ରୟାର ଭିତରେ ଗୋଟାଏ ପାର୍ସଲ । ପାର୍ଶଲଟି ଆଗରୁ ଖୋଲା ଯାଇଥିଲା । ଅଟଣାକ ବାବୁ ପାର୍ଶଲ ବାକ୍‌ସ ଉପର ପଟାଟିକୁ ଉଠାଇନେଲେ । ଦେଖିଲେ, ଗୋଟାଏ ଯୁବତୀର କଟା ହାତ ! କହୁଣୀ ପାଖରୁ ରକ୍ତଧାର ବୋହିପଡ଼ି ଶୁଖି ଯାଇଛି । ଅଜୟ ଭୟରେ ଚିତ୍କାରକରି ପଛକୁ ଘୁଞ୍ଚିଗଲେ । ଶ୍ରୀକାନ୍ତବାବୁ ଅସୁସ୍ଥତା ବୋଧକରି ଲହ ପୋଛୁ ପୋଛୁ ଉକ୍ତ କୋଠରୀ ପରିତ୍ୟାଗ କରି ଚାଲିଗଲେ । ଦୀନା ଆଗରୁ ଚାଲି ଯାଇଥିଲା ।

ଅଟଣାକବାବୁଙ୍କ ଦୃଷ୍ଟି ପଡ଼ିଲା ପାର୍ଶଲ ବାକ୍‌ସ ଭିତରେ ଚକଡ଼ା ହୋଇ ଥୁଆ ହୋଇଥିବା ଖଣ୍ଡିଏ କାଗଜ ଉପରେ । ଆଗ୍ରହାତିଶଯ୍ୟରେ ସେ ସେଇଟିକୁ ଟାଣି ଆଣିଲେ । ଫିଟାଇ ଦେଖିଲେ, ଖଣ୍ଡିଏ ଚିଠି ।

ପଢ଼ିଲେ:—

ମହାଶୟ,

ପ୍ରଥମ ଚିଠିରେ ମୁଁ ଆପଣଙ୍କୁ ପୋଲିସ ସାହାଯ୍ୟ ନେଇ ଅନୁସନ୍ଧାନ ନ ଚଳାଇବାକୁ ସତର୍କ କରି ଦେଇଥିଲି ଏବଂ ଏହା ଅବଜ୍ଞା କଲେ ଏହାର ଚରମ ପରିଣତି ମଧ୍ୟ ଆପଣଙ୍କୁ ଜଣାଇ ଦେଇଥିଲି । କିନ୍ତୁ ଏତଦ୍ ସତ୍ତ୍ୱେ ଆପଣ ପୋଲିସ ସାହାଯ୍ୟରେ ବୃଥା ଅନୁସନ୍ଧାନ ଚଳାଇଛନ୍ତି । ଏଣୁ ଅନ୍ୟ ଉପାୟ ନଦେଖି ମୁଁ ନିଜ ହାତରେ ମନ୍ଦିରାକୁ ହତ୍ୟାକରି ମୋ ଦୂରସ୍ଥାନ ଗୁପ୍ତ ବସ୍ତୁ ଘରକୁ ଚାଲିଆସିଛି । ଆପଣ କାଳେ ମୋ କଥା ଅବିଶ୍ୱାସ କରି ପାରନ୍ତି, ସେଥିପାଇଁ ମୁଁ ଏଥିସହ ମନ୍ଦିରାର କଟାହାତଟିଏ ପଠାଇଲି । ପରିଣାମରେ, ବର୍ତ୍ତମାନ ନିଜ କନ୍ୟାକୁ ହରାଇ ଅପଣ ଏ ବୃଥା ଚେଷ୍ଟାର

ନିବର୍ତ୍ତିବେ । କିନ୍ତୁ ଜାଣିରଖନ୍ତୁ—ଯଦି ଏହାସତ୍ତ୍ୱେ ଅପଣ ତଥାପି ମୋ ବିରୁଦ୍ଧରେ ଅନୁସନ୍ଧାନ ଚଳାନ୍ତି, ତେବେ ଅପଣଙ୍କ ଜୀବନ ଉପରେ ମଧ୍ୟ ବିପଦ ପଡ଼ିପାରେ ।ଇତି

ଅପଣଙ୍କର

ଚିର ଅବାଧ୍ୟ,

ସୁରେନ୍ଦ୍ର

ଅଶୋକବାବୁ ଲକ୍ଷ୍ୟ କଲେ, ପୂର୍ବ ଚିଠିଟିକୁ ଯିଏ ଲେଖିଥିଲା । ଏଇଟିକୁ ମଧ୍ୟ ସେହି ଲେଖିଛି, କାରଣ, ଦୁଇଟିଯାକ ଚିଠିର ହସ୍ତାକ୍ଷର ଏକ । ଅଶୋକବାବୁ ଚିଠିଟିକୁ ଟେବୁଲ ଉପରେ ରଖିଦେଇ ପାର୍ଶଲବାକ୍ସ ଗୁଡ଼ାହୋଇଥିବା ପ୍ୟାକିଂ କାଗଜକୁ ନିରୀକ୍ଷଣ କରିବାକୁ ଲାଗିଲେ । ଡାକଟିକଟ ଉପରେ କିନ୍ତୁ ସେହି Experimental P.O. ର ଚିହ୍ନ । ଅଶୋକବାବୁ ହତାଶ ହେଲେ । ପରକ୍ଷଣରେ କିନ୍ତୁ ତାଙ୍କ ମୁଖ ଉଜ୍ଜ୍ୱଳ ଦିଶିଲା । ସେ ପକେଟରୁ ଲେନସ୍‌ଟେ କାଢ଼ି ଗୋଟାଏ ସ୍ଥାନ ପରୀକ୍ଷା କରିବାକୁ ଲାଗିଲେ । ତା'ପରେ ଅଜୟଙ୍କୁ ଲକ୍ଷ୍ୟକରି କହିଲେ, "ଦେଖ ଅଜୟ ଦେଖି ପାରୁଛ କିଛି ?" ଅଜୟ ଲେନସ୍ କାଚ ମଧ୍ୟ ଦେଇ ଚାହିଁଲେ ଦେଖିଲେ, ଡାକଟିକଟ ଲଗାଇଲାବେଳେ କିଛି ତରଳ ଅଠା ଗୋଟିଏ କଡ଼କୁ ବୋହି ଆସିଛି ଏବଂ ପାର୍ଶଲକାରୀ ନିଜର ଅଜ୍ଞାବଧାନତା ହେତୁ ଏହା ଉପରେ ନିଜ ବୁଢ଼ା ଅଙ୍ଗୁଠିର ଟିପଟିକୁ କେତେବେଳେ ରଖି ଦେଇଛି । ଫଳରେ ଅଠା ଉପରେ ଗୋଟାଏ ଟିପ ଚିହ୍ନର ଦାଗ ବେଶ୍ ସ୍ପଷ୍ଟ ଭାବରେ ରହି ଯାଇଛି । ଅଜୟ ଅଶୋକ ବାବୁଙ୍କ ଅଡ଼କୁ ଚାହିଁ ଟିକିଏ ହସିଲେ । ଅଶୋକବାବୁ ମଧ୍ୟ ଅଧରରେ ମୃଦୁକରି ଟିକେ ହସିଲେ । ତା'ପରେ କ୍ୟାମେରା ସାହାଯ୍ୟରେ ଉକ୍ତ ଅଂଶଟିର ଫଟୋ ଉଠାଇ ନେଲେ ।

ତାପରେ କଟା ହାତଟିକୁ ସ୍ଥିର ଦୃଷ୍ଟିରେ ପରୀକ୍ଷା କରିବାକୁ ଲାଗିଲେ । ଆଙ୍ଗୁଠିରେ ସୁନା ମୁଦିଟିଏ ଅଛି । ଅଶୋକବାବୁ ଅଜୟଙ୍କୁ ମନ୍ଦିରାର ଫଟୋ ଖଣ୍ଡି ମାଗିଲେ । ଅଜୟ ମନ୍ଦିରାର ଫଟୋଟିକୁ କାଢି ଅଶୋକବାବୁଙ୍କ ହାତକୁ ବଢ଼ାଇ ଦେଲେ । ଫଟୋକୁ ପରୀକ୍ଷା କରି ଅଶୋକବାବୁ ଦେଖିଲେ କି କଟାହାତର ଆଙ୍ଗୁଠିରେ ଯେଉଁ ପ୍ରକାରର ମୁଦିଟି ଅଛି, ଫଟୋରେ ମଧ୍ୟ ମନ୍ଦିରା ହାତରେ ସେହିଭଳି ମୁଦିଟେ ଅଛି । ଫଟୋଟିକୁ ଅଜୟଙ୍କୁ ଫେରାଇ ଦେଇ ସେ କଟା ହାତଟିକୁ ପୁଣି ପରୀକ୍ଷା କରିବାରେ ଲାଗିଲେ । କଟାହାତଟିକୁ ନିରୀକ୍ଷଣ କରୁ କରୁ ହଠାତ୍ ହସି ଦେଲେ । ଅଜୟ ଜାଣି ପାରିଲେ, ଅଶୋକବାବୁ ନିଶ୍ଚୟ କିଛି ନୂତନ ତଥ୍ୟ ପାଇଛନ୍ତି । ତେଣୁ ସେ ଆଗ୍ରହରେ ଅଶୋକବାବୁଙ୍କ ପାଖକୁ ଘୁଞ୍ଚି ଆସିଲେ ।

ଦେଖିଲେ, କଟା ହାତଟିର କହୁଣୀ ପାଖରୁ ରକ୍ତଧାର ବୋହି ଯାଇ ଶୁଖିଯାଇଛି ଏବଂ ଏହାର ଏକ ଅଂଶରେ ଶୁଖିଲା ରକ୍ତ ଉପରେ ଟିପଚିହ୍ନର ଦାଗ ରହିଯାଇଛି । ଅଶୋକବାବୁ ଓ ଅଜୟ ଦୁହେଁ ପରୀକ୍ଷା କରି ଦେଖିଲେ କି ଅଠା ଉପରର ଟିପଚିହ୍ନ ଓ ଏ ଟିପଚିହ୍ନ ପ୍ରାୟ ଏକ । ଅଶୋକବାବୁଙ୍କ ନିର୍ଦ୍ଦେଶ ଅନୁଯାୟୀ ଅଜୟ କ୍ୟାମେରା ସାହାଯ୍ୟରେ ଉକ୍ତ ଟିପଚିହ୍ନର ମଧ୍ୟ ଫଟୋ ଉଠାଇନେଲେ ।

ତା'ପରେ ଅଶୋକବାବୁ ହାତଟିକୁ ଥରଟର ଭଲ କରି ବହୁବାର ପରୀକ୍ଷା କରିବାରେ ଲାଗିଲେ । ପରୀକ୍ଷା କରୁ କରୁ ହଠାତ୍ ଅଟକିଯାଇ କହିଲେ, "ଅଜୟ, ମନ୍ଦିରାର ସେ ଫଟୋଟିକୁ ଆଉଥରେ ଦେଖାଅ ତ ।" ଅଜୟ ଉକ୍ତ ଫଟୋଟିକୁ ଆଉଥରେ ଦେଖାଇଲେ ।

ଅଶୋକବାବୁ ଏଥର ଫଟୋଟି ଉପରେ ଟର୍ଚ୍ଚ ଆଲୁଅ ପକାଇ ଦେଇ ଖୁବ୍ ଜୋର୍‌ରେ ହସି ଉଠିଲେ । କଟା ହାତଟିକୁ ଅଜୟଙ୍କ ଆଡ଼କୁ ବଢ଼ାଇ ଦେଇ ଦେଇ କହିଲେ, "ଦେଖ । ଆଉ କିଛି ମାର୍କ କରି ପାରୁଛ ?" ଅଜୟ ହାତଟିକୁ ଧରି ଏପାଖ ସେପାଖ ବୁଲାଇ ବହୁତ ଦେଖିଲେ । କିନ୍ତୁ କିଛି ଠଉରେଇ ପାରିଲେ ନାହିଁ ।

ଅଶୋକବାବୁ ଅଜୟଙ୍କ ହାବଭାବ ଠଉରେଇ ନେଇ ହସି କହିଲେ, "ପାରିଲନାହିଁ ? ହଉ, ଦିଅ ମୋ ଆଡ଼କୁ ।" ଏହା କହି ଅଜୟଙ୍କ ହାତରୁ ପ୍ରଥମେ ଫଟୋଟିକୁ ନେଇ ମନ୍ଦିରାର ଡାହାଣ ହାତର କହୁଣୀ ତଳକୁ ଗୋଟାଏ ସ୍ଥାନରେ ଟିପ ଲଦି କହିଲେ, "ହେଇଟି ଦେଖ । ଗୋଟାଏ କଳାଜାଇ ଦେଖି ପାରୁଛ ଏ ସ୍ଥାନରେ ?" ଅଜୟ ଅଶୋକବାବୁଙ୍କୁ କିଛି ଉତ୍ତର ନ ଦେଇ ତତକ୍ଷଣାତ୍ କଟା ହାତର ସେହି ସ୍ଥାନଟିକୁ ନିରୀକ୍ଷଣ କଲେ । କିନ୍ତୁ କାହିଁ ? କଟା ହାତର ସେ ସ୍ଥାନରେ ତ ସେମିତି କଳାଜାଇଟେ ନାହିଁ !

ଅଜୟ ହସି ହସି କହିଲେ, "ସାର୍, ତା'ହେଲେ ମନ୍ଦିରାକୁ ହତ୍ୟା କରାଯାଇ ନାହିଁ !"

ଅଶୋକବାବୁ କହିଲେ, "ମୋର ମଧ୍ୟ ସେହି ବିଶ୍ୱାସ । ମନ୍ଦିରା ଏବେ ସୁଦ୍ଧା ବଞ୍ଚିଛି ।" ହସି ହସି ପୁଣି କହିଲେ, "ପ୍ରେମିକାକୁ ମାରି ଦେବା ପାଇଁ ପ୍ରେମିକର ହାତ ସହଜେ ଉଠେନା, ଅଜୟ । ନିଜ ପ୍ରେୟସୀକୁ କେହି କେବେହେଲେ ହତ୍ୟା କରି ପାରେନା । ତା'ଛଡ଼ା ସୁରେନ୍ଦ୍ର ଯଦି ବା ପ୍ରକୃତି ହରଣକାରୀ ହୋଇଥାଏ, ତେବେ ସମାଜ ମଧ୍ୟରେ ମନ୍ଦିରାକୁ ବିବାହ କରି ପାରିବା ଅସମ୍ଭବ ଜାଣି ତ ସେ ତାଙ୍କୁ ହରଣଗଲ କରିଛି ।

କିନ୍ତୁ ତାଙ୍କୁ ହତ୍ୟା କାହିଁକି କରିବ ? ତା' ଦ୍ୱାରା କ'ଣ ତା ଉଦ୍ଦେଶ୍ୟ କେବେହେଁ ସଫଳ ହୋଇ ପାରିବ ?"

ବାହାରେ ଫାଟକ ପାଖେ ପୋଲିସ ମଟରର ହର୍ଣ୍ଣ ଶୁଣାଗଲା ।

ଅଶୋକବାବୁ ଜଲ୍ଦି କଳା ହାତ ଓ ଚଟିଖଣ୍ଡିକ ପାର୍ଶଲବାକ୍ସ ମଧ୍ୟରେ ସଜାଡ଼ି ରଖି ଡ୍ରୟାର ମଧ୍ୟରେ ଯଥାସ୍ଥାନରେ ଜଲ୍ଦି ବାକ୍ସଟିକୁ ରଖି ଦେଇ ଦେଇ କହିଲେ, "ଅଜୟ, ଏଇ ଦବାଙ୍କର ବାବୁ ଆସିଲେଣି । ତା'ହେଲେ ଶ୍ରୀକାନ୍ତବାବୁ ଟାଉନ୍ ଥାନାକୁ ମଧ୍ୟ ଫୋନ୍ କରିଛନ୍ତି ! କିନ୍ତୁ ଆମର ସୌଭାଗ୍ୟ ଯେ ସେମାନେ ଆସିବା ଆଗରୁ ଆମେ ଆସି ଆମର ତଦନ୍ତ ସାରି ଦେଇଛୁ ।"

ଅଜୟ କହିଲେ, "ସାର୍, ନିତାନ୍ତ ଅଳସୁଆ ଏ ପୋଲିସ ଲୋକଗୁଡ଼ା । ଏ ଖବର ଶ୍ରୀକାନ୍ତବାବୁ ନିଶ୍ଚୟ ଏକସଙ୍ଗରେ ଟାଉନ୍ ଥାନାକୁ ଜଣାଇଥିବେ । ଆମେ ଆସି ଆମର ତଦନ୍ତ ଶେଷ କରି ସାରିଲୁଣି ଅଥଚ, ଦେଖନ୍ତୁ ସାର୍, ସେମାନେ କେମିତି ହଲି ହଲି ବର୍ତ୍ତମାନ ଆସୁଛନ୍ତି ।"

ଅଶୋକବାବୁ ହସି ହସି କହିଲେ, "ହଁ, ସେମିତି ସେମାନଙ୍କର କାମ । ହେଲେ, ମାସର ଅଦ୍ୟ ତାରିଖରେ ମୋଟା ଦରମା ଗଣ୍ଡାକ ମିଳିବାରେ ତ ତାଙ୍କୁ କିଛି ଅସୁବିଧା ହେଉନାହିଁ ।"

ଅଜୟ ମଧ୍ୟ ହସିଲେ ।

ମଟରର ହର୍ଣ୍ଣ ଶବ୍ଦ ଶୁଣି ଶ୍ରୀକାନ୍ତବାବୁ ନିଜ କୋଠରୀ ପାଖକୁ ଆସିଲେ । ଏ କୋଠରୀଟି ଠିକ୍ ବାଟ ମୁହଁରେ । ତେଣୁ ବାହାରକୁ ବା ଭିତରକୁ ଯିବାକୁ ହେଲେ ଏହାରି ପାଖ ବାରଣ୍ଡା ଦେଇ ଯିବାକୁ ହୁଏ ।

ଶ୍ରୀକାନ୍ତବାବୁଙ୍କୁ ଦେଖି ଅଶୋକବାବୁ କହିଲେ, "ଏଇ ଯେ ଶ୍ରୀକାନ୍ତବାବୁ ! ଆପଣ କୁଆଡ଼େ ଚାଲିଯାଇଥିଲେ ?"

ଶ୍ରୀକାନ୍ତବାବୁ କହିଲେ, "କାହିଁ କୁଆଡ଼େ ଯାଇ ନଥିଲି । ଅସୁସ୍ଥତା ବୋଧ କରୁଥିବାରୁ ଟିକେ ଶୋଇ ପଡ଼ିଥିଲି ।"

ବାହାରକୁ ହାତ ବଢ଼ାଇ ଅଶୋକବାବୁ କହିଲେ, "ଏଇ ଦିବାକରବାବୁ ଆସିଲେଣି ବୋଧେ । ହଉ, ଆମକୁ ଏଥର ବିଦାୟ ଦିଅନ୍ତୁ ।"

ଶ୍ରୀକାନ୍ତବାବୁ ଉଦ୍‌ବେଳିତ ହୋଇ ପଚାରିଲେ, "ମୁଁ ଫେର୍ କ'ଣ କରିବି ବର୍ତ୍ତମାନ ? ପୋଲିସ ତଦନ୍ତ ଚାଲୁ ରଖିବ ?"

ଅଶୋକବାବୁ ଟିକିଏ ଭାବି କହିଲେ, "ସେମାନଙ୍କ ଦ୍ୱାରା ଅନୁସନ୍ଧାନ ଚଲାଇ ଆଉ କିଛି ଲାଭ ନାହିଁ, ବରଂ ବିପଦର ସଂଖ୍ୟା ବଢ଼ିବ । ତେବେ ମୋର ଅନୁମାନ, ଏ କଟାହାତ ଦେଖିବା ପରେ ସେମାନେ ଆଉ ଏ ବିଷୟରେ ତଦନ୍ତ କରିବାକୁ ଆଗେଇବେ ନାହିଁ । କାରଣ, ଆପଣଙ୍କ ଉଦ୍ଦେଶ୍ୟ ଥିଲା ମନ୍ଦିରା ଦେବୀଙ୍କୁ ଫେରି ପାଇବାକୁ । କିନ୍ତୁ ମନ୍ଦିରା ଦେବୀଙ୍କୁ ତ ବର୍ତ୍ତମାନ ସେମାନେ ଆଉ ଫେରାଇ ଆଣି ପାରିବେ ନାହିଁ । ଆଉ ଅଧିକ ତଦନ୍ତ କରି ଲାଭ କ'ଣ ? ବରଂ ବିପଦ ଆପଣଙ୍କ ଉପରକୁ ଚାଲିବ ।"

ଶ୍ରୀକାନ୍ତବାବୁଙ୍କର ଆଖି ଛଳ ଛଳ ହୋଇଆସିଲା ।

ଅଶୋକବାବୁ ଆଶ୍ୱାସନା ଶୁଣାଇ କହିଲେ, "ତଥାପି ମୋର ଦୃଢ଼ ବିଶ୍ୱାସ, ମନ୍ଦିରା ଦେବୀ ଏ ପର୍ଯ୍ୟନ୍ତ ଜୀବିତା ଅଛନ୍ତି ।"

ଜୀବିତା ଅଛନ୍ତି ! —ଶ୍ରୀକାନ୍ତବାବୁ ନିଜକୁ ବିଶ୍ୱାସ କରି ପାରିଲେ ନାହିଁ ।

ଅଶୋକବାବୁ ଧୀର କଣ୍ଠରେ କହିଲେ, "ଆପଣ ଏମିତି ଅସ୍ଥିର ହେଲେ କିଛି ହୋଇ ପାରିବ ନାହିଁ । ମନ୍ଦିରା ଦେବୀ ଜୀବିତା ଅଛନ୍ତି, କିନ୍ତୁ ତାଙ୍କୁ ଉଦ୍ଧାର କରିବାକୁ ହେଲେ ଆପଣଙ୍କ ସାହାଯ୍ୟ ଏକାନ୍ତ ଲୋଡ଼ା । ସାହାଯ୍ୟ କରି ପାରିବେ ଆମକୁ ?"

ବ୍ୟଗ୍ର କଣ୍ଠେ ଶ୍ରୀକାନ୍ତବାବୁ କହିଲେ, "କୁହନ୍ତୁ, ମୁଁ କପରି ଆପଣଙ୍କୁ ସାହାଯ୍ୟ କରିପାରେ ?"

ଅଶୋକବାବୁ କହିଲେ, "ବେଶୀ କିଛି ନୁହେଁ। ତେବେ ମୁଁ ଆପଣଙ୍କୁ ଯେମିତି ନିର୍ଦ୍ଦେଶ ଦେବି, ଆପଣ ସେମିତି ଚଳିବେ। ପ୍ରଥମତଃ, ମୁଁ ଏଠାର ତଦନ୍ତ ଭାର ହାତକୁ ନେଇଛି ବୋଲି ଅନ୍ୟ କାହାରିକୁ ଜଣାଇବେ ନାହିଁ। ଏପରିକି ଏ ପୋଲିସ ଲୋକ କି ନିଜର ଆତ୍ମୀୟସ୍ୱଜନ, ବନ୍ଧୁବାନ୍ଧବ କାହାରିକୁ ଏ ବିଷୟରେ କିଛି-ହେଲେ କହିବେ ନାହିଁ! କିଏ ଜାଣେ ଏମାନଙ୍କ ଭିତରେ ପ୍ରକୃତ ଦୋଷୀ ଆତ୍ମଗୋପନ କରି ରହି ପାରିଥାଏ।"

—"ଅସମ୍ଭବ।"

—"ସମ୍ଭବ ଅସମ୍ଭବର ପ୍ରଶ୍ନ ବର୍ତ୍ତମାନ ଏଠାରେ ଉଠୁନାହିଁ। ତେବେ ପାରିବେତ ଏତକ ରକ୍ଷା କରି ?"

—"ପାରିବି। ମତେ ବିଶ୍ୱାସ କରନ୍ତୁ।"

ଅଶୋକ ବାବୁ କ୍ଷୀଣ ହସି ହସି କହିଲେ, "ବିଶ୍ୱାସ କରୁଛି।" ପରକ୍ଷଣରେ କ'ଣ ଭାବି ମୁଖ ଗମ୍ଭୀର କରି ପୁଣି କହିଲେ, "ହଁ, ଆଉ ଗୋଟାଏ କଥା। ଆଜଠୁ ଏଣିକି ଆପଣଙ୍କ ଘରେ ଆସି ରହିବି। କ'ଣ କିଛି ଅସୁବିଧା ହେବ ଆପଣଙ୍କର ?"

ଶ୍ରୀକାନ୍ତ ବାବୁ ହସି ଦେଇ କହିଲେ, "କିଛି ଅସୁବିଧା ନାହିଁ। ବରଂ ଏହା ଅତ୍ୟନ୍ତ ଉତ୍ତମ କଥା। ମଧୁର ଚାଲିଗଲା ଦିନୁଁ ଏଘର ମତେ କେମିତି ଖାଁ ଖାଁ ଲାଗୁଛି।

—"ବେଶ୍ ତେବେ। ହଁ, କେହି ତା' ସମ୍ବନ୍ଧରେ ଅପଣଙ୍କୁ ପଚାରିଲେ କହିବେ କି ସେ ଆପଣଙ୍କର ଜଣେ ବନ୍ଧୁଙ୍କର ପୁଅ। ଆସାମର କୌଣସି ଏକ ଟୀ'ବଗିଚାରେ ମ୍ୟାନେଜର କାମ କରେ। ବହୁବର୍ଷ ଧରି ସେ ଓଡ଼ିଶା ଭୂଇଁ ମାଡ଼ି ନଥିଲା। ଏବେ କିଛିଦିନ

ଛୁଟି ନେଇ ଆସିଛୁ । ବାସ୍ ଏତିକି । ଯା’ପରେ ଅଜୟ ତା କାମ କରିବ ।”

ଶ୍ରୀକାନ୍ତ ବାବୁ ‘ହଁ’ ଭରିଲେ କିନ୍ତୁ ଏସବୁ ପ୍ରହସନ ଯେ ତାଙ୍କ ବିଷୟରେ ବିନ୍ଦୁ ବିସର୍ଗ ସୁଦ୍ଧା ଜାଣି ପାରିଲେ ନାହିଁ ।

କଂକ୍ରିଟ୍ ପାହାଚ ଉପରେ ବୁଟ୍ ଜୋତାର ପଦ ଶବ୍ଦ ଶୁଣି ଅଶୋକ ବାବୁ ଓ ଅଜୟ ଦୁହେଁ ଶ୍ରୀକାନ୍ତ ବାବୁଙ୍କ ଠାରୁ ବିଦାୟ ଘେନି ଅନ୍ୟ ଏକ ପଥ ଦେଇ ପଦାକୁ ବାହାରି ଆସିଲେ ।

## —ପାଞ୍ଚ—

ମାଖନଲାଲ ଭାରି ମେଳାପି ଲୋକ । ଦିନ କେଇଟାରେ ଶ୍ରୀକାନ୍ତବାବୁ ଘରେ ଆସି ପହଞ୍ଚୁଣୁ ସେ ସେଠାର ସମସ୍ତଙ୍କ ସାଥିରେ ମିଶି ଯାଇଛନ୍ତି । ଶ୍ରୀକାନ୍ତ ବାବୁଙ୍କର ସମସ୍ତ ଆତ୍ମୀୟ ଓ ବନ୍ଧୁ ବାନ୍ଧବଙ୍କ ଘରକୁ ମାଖନଲାଲଙ୍କର ଅବାଧ ଗତି ।

ସେଦିନ ଫୁଲ ସଞ୍ଜବେଳେ ମାଖନଲାଲ ପଡୋଶୀ ବନ୍ଧୁଙ୍କ ଘରକୁ ବୁଲି ଗଲେ । ରୁମ୍ ଭିତରକୁ ପ୍ରବେଶ କରି ଦେଖିଲେ, ଯୁବକ ବନ୍ଧୁ ଜଣକ କିଛି ଲେଖିବାରେ ବ୍ୟସ୍ତ ଅଛନ୍ତି । ତାହାକୁ ପ୍ରବେଶ କରିବାର ଦେଖି ଯୁବକ ବନ୍ଧୁ ଜଣଙ୍କ ହଠାତ୍ ମୁହଁ ଟେକି

ଚାହିଁଲେ । "ଓ, ମାଖନଲାଲ ବାବୁ !" ଅଧାଲେଖା ଚିଠି ଖଣ୍ଡିକୁ ଡ୍ରୟାର ଭିତରକୁ ପକାଇ ଦେଇ ଯୁବକ ଜଣକ ନୂତନ ବନ୍ଧୁଙ୍କୁ ସ୍ୱାଗତ କଲେ ।

"କହୋ, ଆପଣ ଏ ସନ୍ଧ୍ୟାଟାରେ ବସି କ'ଣ ଲେଖାଲେଖି କରୁଛନ୍ତି ? —"ମାଖନଲାଲ ଗୋଟିଏ ଚୌକି ଅଧିକାର କରୁ କରୁ ପଚାରିଲେ ।

ଯୁବକଟି ଟିକେ ବିଚଳିତ ହୋଇ ଉଠିଲେ । ପରକ୍ଷଣରେ କିନ୍ତୁ ସଂଯତ ହୋଇ କହିଲେ, "ନାଇଁ, ଏକିଛି ନୁହେଁ ।" ତାପରେ ହଠାତ୍ କଥାର ସ୍ରୋତ ବଦଳାଇ ଦେଇ ହସ ହସ ମୁହଁରେ ପଚାରିଲେ, ଏତେବେଳେ କୁଆଡେ ଏଣେ ଚଢ଼ି ଆସିଲେ ?"

ପକେଟ ମଧ୍ୟରୁ କେତେ ଗୁଡ଼ିଏ ଫଟୋ ବାହାର କରୁ କରୁ ମାଖନଲାଲ କହିଲେ, "ନାହିଁ, ଏଇ ଫଟୋ କେତେ ଖଣ୍ଡି ବିଷୟରେ ଆପଣଙ୍କ ପାଖକୁ ଟିକେ ଚାଲି ଆସିଲି । ଜାଣନ୍ତି ତ, ଫଟୋ ଉଠାଇବା ମୋର ଗୋଟାଏ ମସ୍ତବଡ଼ ସଉକ । ତେଣୁ ଏଗୁଡ଼ିକ ଉଠାଇଛି । କିନ୍ତୁ ଏଗୁଡ଼ିକ ମୁଁ Coloured print ( ରଙ୍ଗିନ ଛପା ) କରେଇବାକୁ ଚାହେଁ । ଭାବିଲି, ଆପଣଙ୍କ ପାଖକୁ ଆସିଲେ ଠିକ୍ ହେବ କାରଣ ଆପଣ ଜଣେ ଲେଖକ ଲୋକ କି ନା ! ..."ମାଖନଲାଲ ହସି ହସି ବନ୍ଧୁଙ୍କ ହାତକୁ ଫଟୋ ଗୁଡ଼ିକ ବଢାଇ ଦେଲେ ।

ଯୁବକ ବନ୍ଧୁ ଫଟୋଗୁଡ଼ିକୁ ନେଇ ଦେଖିଲେ । ଭୁବନେଶ୍ୱରର ନୂଆ ରାଜଧାନୀ, ଲିଙ୍ଗରାଜ ମନ୍ଦିର, କେଦାର-ଗୌରୀ, ବିନ୍ଦୁ ସାଗର, ଖଣ୍ଡଗିରିର ଗୁମ୍ଫା, ଧଉଳି ପାହାଡ଼—ଏମିତି କେତେଟା ଫଟୋ । ଫଟୋ ଗୁଡ଼ିକୁ ଦେଖି ଦେଖି ସେ ହସି ପଚାରିଲେ, "କ'ଣ ଏ ମଧ୍ୟରେ ଭୁବନେଶ୍ୱର ଆଡ଼କୁ ଯାଇଥିଲେ କି ?

ମାଖନଲାଲ ହସି କହିଲେ, "ହଁ"।

ଫଟୋଗୁଡ଼ିକ ଦେଖିସାରି ମାଖନଲାଲଙ୍କ ହାତକୁ ଫେରାଇ ଦେଇ ଦେଇ ବନ୍ଧୁ ଜଣକ କହିଲେ, "ମୁଁ ଏହା ମଧ୍ୟରେ ଫଟୋ Coloured print କରିବାର ଶିଖିଛି । ସେମିତି କିଛି କଷ୍ଟକାମ ଏ ନୁହେଁ । ତେବେ, ଏଥିପାଇଁ କେତେକ Chemicals (ରାସାୟନିକ ଦ୍ରବ୍ୟ) ଦରକାର । ସେଗୁଡ଼ିକତ ବର୍ତ୍ତମାନ ମୋ ପାଖରେ ନାହିଁ । ଆପଣ ସେତକ ଆଣିଦେଲେ ବହୁତ ସୁବିଧା ହୁଅନ୍ତା ।"

ମାଖନଲାଲ ମଧ୍ୟ ଏହି ସୁଯୋଗ ଜଗି ଥିଲେ । ଏତେବେଳେ ତାଙ୍କର ଔଷଧ କାମ୍ଭ କହିବାରୁ ଦେଖି ସେ ଚଞ୍ଚଳ କହି ପକାଇଲେ, "ବେଶ୍ ତେବେ, ଦୟାକରି ସେଗୁଡ଼ିକର ନାମ ଟିକେ ଲେଖି ଦିଅନ୍ତୁ । ମୁଁ ବଜାରରୁ କିଣି ଆଣିବି ।" ସୁବଳ ବନ୍ଧୁ ଜଣେ କାଗଜ ବାହାର କରି କେତେଗୁଡ଼ିଏ Chemicalsର ନାମ ଲେଖିଦେଲେ । ମାଖନଲାଲ ଫଟୋଗୁଡ଼ିକ ସହ କାଗଜଟିକୁ ସଜାଡ଼ି ସୁଟକେସ ପକେଟ ଭିତରେ ରଖି ବନ୍ଧୁଙ୍କଠାରୁ ବିଦାୟ ନେଇଗଲେ ।

ମାଖନଲାଲ ଅତିଶୀଘ୍ର ଶ୍ରୀକାନ୍ତବାବୁଙ୍କ ଘରକୁ ଫେରି ଆସିଲେ । ଫେରି ଆସି ଦେଖିଲେ, ଅଶୋକ ବାବୁ ବହୁତ ବେଳ ଅପେକ୍ଷା ତାଙ୍କୁ ଅପେକ୍ଷା କରି ବସିଛନ୍ତି । ମାଖନଲାଲଙ୍କୁ ଆସିବାର ଦେଖି ଅଶୋକ ବାବୁ ଜୋର ସ୍ୱରରେ ହସି ଉଠି କହିଲେ, "କି ମାଖନଲାଲ, କ'ଣ କୁଆଡ଼େ ଯାଇଥିଲେ ?" ମାଖନଲାଲ ଟିକେ ମୁରୁକେଇ ହସିଦେଲେ । ଅଶୋକ ବାବୁଙ୍କର ବୁଝିବାକୁ ଆଉ କିଛି ବାକି ରହିଲା ନାହିଁ ।

ମାଖନଲାଲଙ୍କ କୋଠରୀ ଭିତରକୁ ପଶିଯାଇ ଭିତରୁ କବାଟ କିଳି ଦେଲେ । ତାଙ୍କ ଉପରେ ବସିଯାଇ ମାଖନଲାଲ ପକେଟରୁ ଫଟୋଗୁଡ଼ିକ ଓ Chemicalର ନାମ ଲେଖା ହୋଇଥିବା ସେହି କାଗଜ ଖଣ୍ଡିକୁ କାଢି ଟେବୁଲ ଉପରେ ରଖିଦେଲେ । ଅଶୋକ ବାବୁ ପକେଟରୁ ଲେନ୍‌ସଟେ ବାହାର କରି ଆଗ ଫଟୋଗୁଡ଼ିକୁ ପରୀକ୍ଷା କରିବାକୁ ଲାଗିଲେ । ପରୀକ୍ଷା କରିବା ସଙ୍ଗେ ସଙ୍ଗେ ତାଙ୍କ ମୁହଁରେ ଏକ ହାସ୍ୟ ରେଖା ଖେଳିଗଲା । ମାଖନଲାଲଙ୍କ ଆଡ଼କୁ ଚାହିଁ ସେ କହିଲେ, "ଦେଖ ଅଜୟ, ଏଟିପ ଚିହ୍ନକୁ ଦେଖି ତୁମର କ'ଣ ମନେ ହେଉଛି ?" ମାଖନଲାଲ ଓରଫ ଅଜୟ ଲେନ୍‌ସ କାଚ ମଧ୍ୟରେ ଯାହା ଦେଖିଲେ ତହିଁରେ ସେ ଅଚମ୍ଭିତ ହେଲେ । ଦେଖିଲେ' ଅଶୋକ ବାବୁ ତାଙ୍କୁ ସେ ଫଟୋଗୁଡ଼ିକ ଦେବା ପୂର୍ବରୁ ତହିଁର ପଛପଟେ ଏକ ପ୍ରକାର ଅଠା ଉପରେ ବସି ଯାଇଛି ।

ଅଶୋକ ବାବୁ ପକେଟରୁ ଗୋଟାଏ ଛୋଟ ଶିଶି ବାହାର କଲେ । ତନ୍ମଧ୍ୟରୁ ଏକ ତରଳ ରସାୟନିକ ଦ୍ରବ୍ୟ ବାହାର କରି ତହିଁରୁ ଦୁଇ ବିନ୍ଦୁ ସେହି ଚିହ୍ନ ଉପରେ ପକାଇ ଦେଲେ । ସଙ୍ଗେ ସଙ୍ଗେ ସେହି ଟିପ ଚିହ୍ନ ଅଂଶଟି ସ୍ପଷ୍ଟ ହୋଇ ଉଠିଲା । ଅଜୟ ଏଥର ଟିପ ଚିହ୍ନଟିକୁ ଭଲ ଭାବରେ ଦେଖିନେଇ କହି ଉଠିଲେ ସାର୍, ଏତ କଟା ହାତର ରକ୍ତ ଉପର ଚିହ୍ନ ଓ ପାର୍ଶଲ କାଗଜ ଉପରେ ଅଠାରେ ବସିଥିବା ଚିହ୍ନ ସାଙ୍ଗରେ ପ୍ରାୟ ମିଳି ଯାଉଛି ! ତେବେ କ'ଣ.........। ସନ୍ଦିଗ୍ଧ ଚିତ୍ତରେ ସେ ଅଶୋକ ବାବୁଙ୍କ ଆଡ଼କୁ ଅନାଇ ରହିଲେ । ଅଶୋକ ବାବୁ କହିଲେ, "ଅଜୟ, ପ୍ରଥମରୁ ତୁମକୁ କହିଛି ପର କୌଣସି ଲୋକର ଉପର ଦେଖି ପ୍ରକୃତ ମଣିଷ ଚିହ୍ନି ହୁଏନା ।" କିଛି ସମୟ ନୀରବ ରହି ସେ ପୁଣି କହିଲେ, "ତେବେ ବିଶେଷ କିଛି ପ୍ରମାଣ ନପାଇବା ଯାଏ

କୌଣସି ସିଦ୍ଧାନ୍ତରେ ଆମେ ବର୍ତ୍ତମାନ ପହଞ୍ଚିପାରୁ ନାହୁଁ ।" ଏହା କହି କ୍ୟାମେରା ସାହାଯ୍ୟରେ ଉକ୍ତ ଟିପ ଚିହ୍ନ ଦାଗର ଫଟୋ ଉଠାଇ ନେଲେ ।

ତା'ପରେ ଅନ୍ୟ କାଗଜଟିକୁ ଖୋଲିଲେ । ସେଥିରେ କେତେ ଗୁଡ଼ିଏ Chemicalsର ନାମ ଲେଖାଥିଲା । ଏଥିର ଅକ୍ଷରଗୁଡିକ ମଧ୍ୟ ଶ୍ରୀକାନ୍ତବାବୁଙ୍କୁ ଧମକ ଦିଆ ହୋଇ ଲେଖା ହୋଇଥିବା ଚିଠି ଗୁଡିକର ଅକ୍ଷର ସାଙ୍ଗରେ ଏକା ବେଳକେ ମିଳି ଯାଉଛି । ଦୁହେଁ ଆଚମ୍ବିତ ହେଲେ ।

ଯତ୍ନ ସହକାରେ ଏଗୁଡିକୁ ପକେଟ ମଧ୍ୟରେ ସଂସ୍ଥାପି ରଖୁ ରଖୁ ଅଶୋକ ବାବୁ କହିଲେ, "ଆମର ଅନୁମାନ ହୁଏତ ଠିକ୍ । ତଥାପି ଏ ଚିଠି, ଫଟୋ ଓ ପୁର୍ବ ଚିଠି ଓ ଟିପ ଚିହ୍ନର ଫଟୋ ଗୁଡିକୁ ଆମ୍ଭକୁ Finger Print & Handwriting Bureanକୁ ପଠାଇବାକୁ ପଡିବ । ଦେଖାଯାଉ ସେମାନେ କ'ଣ ରିପୋର୍ଟ ଦେଉଛନ୍ତି । ଯେତେତେହେଲେ ସେମାନଙ୍କ ରିପୋର୍ଟ ଉପରେ ଆମକୁ ଚାଲିବାକୁ ପଡ଼ିବ ।" ଅଶୋକ ବାବୁ ଓ ମାଖନ ଲାଲ ଦୁହେଁ ରୁମ୍ କବାଟ ଫିଟାଇ ପଦାକୁ ବାହାରି ଆସିଲେ ।

ମାଖନ ଲାଲ ପଚାରିଲେ, ସାର୍, ଆପଣ ତ ଏ ଫଟୋ ଗୁଡିକୁ Coloured print କରି ଦେବାକୁ । ବର୍ତ୍ତମାନ କେମିତି କ'ଣ ହେବ ?"

ଅଶୋକବାବୁ ମାଖନଲାଲଙ୍କ କାନ୍ଧ ଉପରେ ହାତ ଥାପୁଡାଇ ଦେଇ କହିଲେ, "ହଁ ଅଜସ୍ର, ତୁମେ ନେଗେଟିଭ ଗୁଡିକରୁ ଅଉ ଗୋଟିଏ ଲେଖା[illegible] କପି ଉଠାଇ ଆମର ବନ୍ଧୁଙ୍କୁ Colourd print ପାଇଁ ଦେଇ[illegible] । ଆମେ ଯେଉଁ ଉଦ୍ଦେଶ୍ୟ ନେଇ ଅଟେଇ

ଗୁଳିକୁ, ତା'ର ଢେର୍ ଯେମିତି ସେ କପାଅନ୍ତି ସେଥିପ୍ରତି ତୁମେ ବିଶେଷ ସତର୍କ ଦୃଷ୍ଟି ଦେବାକୁ ପଡ଼ିବ ।"

ଅଜୟ କହିଲେ, "ସାର, ତା'ହେଲେ ସେ ଆଉ କାଗଜ ଖଣ୍ଡିକ ଟିକେ ଦିଅନ୍ତୁ । Chemicalsର ନାମ ଗୁଡ଼ିକ ଟିପି ନିଏ ।"

ଅଶୋକ ବାବୁ ପକେଟରୁ କାଗଜ ଖଣ୍ଡିକ କାଢି ଦେଲେ । ଅଜୟ ଅନ୍ୟ ଖଣ୍ଡିଏ କାଗଜରେ Chemicalsର ନାମ ଟିପି ନେଲେ ।

ତା'ପରେ ଦୁହେଁ ସ୍ୱତା ଅଡ଼କୁ ଅଗ୍ରେଇଲେ ।

ବିଦାୟ ନେଇ ଗଲାବେଳେ ଅଶୋକ ବାବୁ ମାଖନଲାଲଙ୍କ କାନ ପାଖରେ ଫୁସ୍ ଫୁସ୍ କରି କହିଲେ, "ଏଥିପାଇଁ ଏହା ଯଥେଷ୍ଟ ନୁହେଁ, ଅଜୟ । ତୁମ ବନ୍ଧୁଙ୍କର ଗତିବିଧି ପ୍ରତି ତୁମେ ସବୁବେଳେ ସତର୍କ ଦୃଷ୍ଟି ରଖିଥାଅ । ଆମକୁ ଯେକୌଣସି ମତେ ତାଙ୍କର ଗୁପ୍ତ ଅଡ୍ଡାଗୁଳି ଜାଣିବାକୁ ହେବ, ନଚେତ ମଧୁଙ୍କୁ ଉଦ୍ଧାର କରିବା ଅସମ୍ଭବ ହୋଇ ଉଠିବ ।"

ଏହାପରେ ଭବିଷ୍ୟତ କାର୍ଯ୍ୟାବଳୀ ସମ୍ବନ୍ଧରେ କେତେକ ସଂକ୍ଷିପ୍ତ ସୂଚନା ଓ ଉପଦେଶ ଦେଇ ଅଶୋକ ବାବୁ ମାଖନଲାଲଙ୍କ ଠାରୁ ବିଦାୟ ନେଲେ ।

## —ଛଅ—

ସେତେବେଳକୁ ମାଇ ସଞ୍ଜ । ଶୀତ ଟିକେ ଟିକେ ପଡ଼ି ଆସୁଥାଏ । ମହାନଦୀ ତୀରସ୍ଥ ଏଗାର ନମ୍ବର କୋଠୀ ମଧ୍ୟରୁ ଗୋଟିଏ ଯୁବକ ତରବର ହୋଇ ବାହାରି ଆସିଲା । ଯୁବକଟି ଦେହରେ ଗୋଟାଏ ଓଭର କୋଟ୍ ଗଳାଇଛି ଏବଂ ମୁଣ୍ଡରେ ମଙ୍କି କ୍ୟାପ୍‌ଟେ ଲଗାଇଛି । ଅଳ୍ପ ଦୂରରେ ଗୋଟିଏ ଅଶ୍ୱତ୍ଥ ଗଛ ମୂଳରେ ଜଣେ ପାଗଳା ଭିକାରୀଟି ଏହାର ଆଗମନକୁ ବହୁ ସମୟୁ ଧରି ଯେପରି ଅପେକ୍ଷା କରି ବସିଥିଲା । ଯୁବକକୁ ଆସିବାର ଦେଖି ସେ ବର୍ତ୍ତମାନ ଚଞ୍ଚଳ ହୋଇ ଉଠିଲା । ଯୁବକଟିକୁ ଦୂରରୁ ଚିହ୍ନିବାକୁ ଚେଷ୍ଟା କଲା, ମାତ୍ର ତାହାର ମୁହଁ ମଙ୍କି କ୍ୟାପ ଦ୍ୱାରା ଆବୃତ ହୋଇ ଥିବାରୁ ସହଜେ ଚିହ୍ନି ହେଲା ନାହିଁ । ଯୁବକଟି ଘରର ଫାଟକ ପାର ହୋଇ ରାସ୍ତା ଉପରକୁ ଆସି ଖଣ୍ଡେ ଟାକ୍‌ସି ଧରିଲା । ଯୁବକର ପଛେ ପଛେ ପାଗଳା ଭିକାରୀଟା ମଧ୍ୟ ରାସ୍ତା ଉପରକୁ ଉଠିଲା । ଟାକ୍‌ସି ଚାଲିବାକୁ ଆରମ୍ଭ କଲା । ମଠର ଛକରେ ଯେଉଁ ସ୍ଥାନରେ ଟାକ୍ସି ରହେ, ପାଗଳଟି ସେଇଠି କୁଙ୍କୁଡ଼ି ଜାକୁଡ଼ି ହୋଇ ବସି ରହିଲା ।

ଏହିପରି ବେଗ ବଢ଼ାଇ ଟାକ୍‌ସି ଆଗକୁ ବଢ଼ିଲା । ଯୁବକର ନିର୍ଦ୍ଦେଶ ଅନୁଯାୟୀ ଅଳ୍ପକ୍ଷଣ ପରେ ଟାକ୍‌ସିଟି ସଦର ରାସ୍ତା ଛାଡ଼ି ଗଳି କୁଞ୍ଚି ମଧ୍ୟ ଦେଇ ଗତି କରିବାକୁ ଲାଗିଲା । ପାଗଳା ଭିକାରୀ ଏଥି ମଧ୍ୟରେ ପକେଟରୁ ଗୋଟାଏ ଓାକିଟକି ଫୋନଟେ ବାହାର କରି ମଝିରେ କାନଭାସ ଯୁଡ଼ିର ଗୋଟାଏ କଣାବାଟେ ଭିତରକୁ ଅସ୍ତେ ଅସ୍ତେ ଗଳାଇ କ୍ଷୁଦ୍ର କୁପେ ଖଞ୍ଜି ଦେଲା । ତା'ପରେ ସେ ମଇଳା କାଗଜ ଓ ଖଣ୍ଡିଆ ପେନସିଲ ଖଣ୍ଡେ ପକେଟରୁ ବାହାର କରି ଏଣୁ ତେଣୁ ଖାଲି ଗାରଗୁଡ଼ାଏ ଗାରେଇବାକୁ ଲାଗିଲା ।

ଟାକ୍‌ସିଟି କ୍ରମେ ସହର ଛାଡ଼ି ଜଙ୍ଗଲ ପଥ ଧରିଲା ।

ପ୍ରାୟ ଅଧଘଣ୍ଟାକ ପରେ ଟାକ୍‌ସିର ବେଗ କମି ଆସିଲା । ପାଗଳା ଭିକାରୀଟି ଅଣ୍ଟା ସୁଙ୍କୁଡ଼ି ହୋଇ ବସି ରହିଲା ।

ଟାକ୍‌ସି ହଠାତ୍ ବନ୍ଦ ହୋଇଗଲା । ଗାଡ଼ିଟି ଅଟକିବା ସଙ୍ଗେ ସଙ୍ଗେ ପାଗଳା ଭିକାରୀଟି ଓାକିଟକି ଫୋନକୁ କାଢି ଶୀଘ୍ର ଡେଇଁପଡ଼ି ପାଖ ବୁଦା ଭିତରେ ଲୁଚିଗଲା । ବୁଦା ଭିତରେ ଲୁଚିରହି ଦେଖିଲା, ନିକଟରେ ଗୋଟିଏ କଳାରଙ୍ଗର ଗାଡ଼ି ଅପେକ୍ଷା କରି ରହିଛି । ଗାଡ଼ିରେ କେବଳ ଡ୍ରାଇଭର ଛଡ଼ା ଆଉ କେହି ନାହିଁ । ଡ୍ରାଇଭରର ଆପାଦମସ୍ତକ କଳା ଆବରଣରେ ଆବୃତ । ଯୁବକଟି ଟାକ୍‌ସିରୁ ଡେଇଁପଡ଼ି ସେ କଳାରଙ୍ଗର ଗାଡ଼ିଆଡ଼କୁ ମାଡ଼ି ଚାଲିଲା । ଟାକ୍‌ସି ଚାଳକଟି ଉପଯୁକ୍ତ ବକ୍‌ସିସ୍ ପାଇ ଗାଡ଼ି ବୁଲାଇ ଫେରିଗଲା ।

ଯୁବକଟି ତରତର ହୋଇ ଉକ୍ତ କଳା ଗାଡ଼ି ମଧ୍ୟକୁ ଉଠିବା କ୍ଷଣି ଗାଡ଼ି ଷ୍ଟାର୍ଟ ଦେଲା । ପାଗଳାଟି ବୁଦା ଭିତରୁ ଧୁପରି ଧୁପରି ବାହାରି ଆସି ଗାଡ଼ି ପଛର ଚକା ରହିବା ସ୍ଥାନ ଉପରକୁ ପୁଣି ଉଠିଲା । ଗାଡ଼ି ଚାଲିଲା ।

ମୁହୂର୍ତ୍ତିକ ମଧ୍ୟରେ ଗାଡ଼ି ବେଗ ବଢ଼ାଇ ହାଲ୍କା ଗତିରେ ଜଙ୍ଗଲ ପଥ ମଧ୍ୟରେ ଧୂଳି ଉଡ଼େଇ ଚାଲିଲା । ପାଗଳଟି ଉତ୍କଣ୍ଠା ଫୋନ୍‌ଟିକୁ ଯଥା ସ୍ଥାନରେ ଉତ୍ତମ ରୂପେ ଖଞ୍ଜି ଦେଲା ଓ ଗୋଟାଏ ହାତରେ ଲମ୍ବା ରେଲିଂକୁ ଜୋରରେ ଜାବୁଡ଼ି ଧରି ଅନ୍ୟ ହାତରେ ମଇଳା କାଗଜ ଉପରେ ଦୁର୍ବଳ ଗାର ଆଙ୍କିବାକୁ ଲାଗିଲା ।

କିଛିଦୂର ଯିବା ପରେ ପାଗଳ ଶୁଣିଲା ଡ୍ରାଇଭର ଓ ଯୁବକ ଦୁହିଁଙ୍କ ମଧ୍ୟରେ କୌଣସି ବିଷୟରେ କଥାବାର୍ତ୍ତା ଆରମ୍ଭ ହୋଇଛି । ସେ କାନ ପାରି ଶୁଣିବାକୁ ଚେଷ୍ଟା କଲା ।

ଯୁବକଟି କହିଲା, "ଲଛମନ୍, ସେ ରୁମାଲ୍‌ଟାକୁ ନେଇ ଆସିଛ ତ ?"

ଡ୍ରାଇଭର ଜଣକ ବୁଝି ନପାରି କହିଲା, "କେଉଁ ରୁମାଲ କଥା କହୁଛନ୍ତି ସର୍ଦ୍ଦାର ?"

ଯୁବକ ଜଣକ ଚିଡ଼ି ଉଠି କହିଲା, "କେଉଁ ରୁମାଲ କଥା କହନ୍ତି ଆଉ ? ସେଦିନ ଲେବଲ୍ କ୍ରସିଂ ରୋଡ୍ ପାଖେ ତରବରରେ ଯେଉଁ ରୁମାଲ ପକାଇ ଚାଲି ଆସିଥିଲି, ତୁମକୁ ଯାଇ ତାକୁ ଆଣିବାକୁ କହିଥିଲି । କ'ଣ ଆଣିଛ ?"

ଲଛମନ୍ ଥରି ଥରି ଗଳାରେ କହିଲା, "ଆଣିବାକୁ ମନେ ନାହିଁ ଆଜ୍ଞା ।"

ଯୁବକ ଜଣକ ରାଗିଯାଇ କହିଲା, "ଜାଣ, ପୋଲିସ୍ ଆମ ପିଛା ଧରିଛି । ଏମିତି ଛୋଟ ଛୋଟ କଥାକୁ ସାବଧାନ ନହେଲେ ଶେଷ ପରିଣତି କ'ଣ ହେବ ବୁଝି ପାରୁଛ ?" ଅତଃପର ଯୁବକଟି ଅନ୍ୟମନସ୍କ ଭାବରେ ଚିନ୍ତା କରିବାକୁ ଲାଗିଲା ।

ଏକ ପରିଚିତ କଣ୍ଠସ୍ୱର ଶୁଣି ପାଗଳଟି କେଜାଣି କାହିଁକି ଚମକି ଉଠିଲା । ଭାବିବାକୁ ଲାଗିଲା, ପୂର୍ବରୁ କେଉଁଠି ଏ ସ୍ୱର

ସେ ଶୁଣିଛି । କିନ୍ତୁ ଠିକ୍ ଠଉରେଇ ପାରିଲା ନାହିଁ । ସେ ସେହି ମୁହୂର୍ତ୍ତରେ ମଠର ଉପରୁ ଡେଇଁପଡ଼ି ଆରୋହୀ ଓ ଚାଳକ ଦୁହିଁଙ୍କ ଉପରେ ଅତର୍କିତ ଆକ୍ରମଣ କରି ଦେବାକୁ ମନେ ମନେ ପାଞ୍ଚିଲା। କିନ୍ତୁ ପରକ୍ଷଣରେ କ'ଣ ଭାବି ତହିଁରୁ କ୍ଷାନ୍ତ ହେଲା । ହାତମାରି ଦେଖିଲା, ଓ୍ୱାକ୍‌ଟାଫୋନ୍‌ଟି ଠିକ୍ ଜାଗାରେ ଝୁଲି ହୋଇ ରହିଛି । ପକେଟରେ ହାତ ପୂରାଇ ପିସ୍ତଲର ଘୋଡ଼ା ଉପରେ ହାତ ଥୋଇଲା। ଉତ୍ତେଜନାରେ ତା'ର ଶୀର୍ଣ୍ଣ ଗ୍ରୀବାରେ ରକ୍ତ ଚଞ୍ଚଳ ହୋଇ ଉଠୁଥାଏ ସେତେବେଳେ ।

ଗାଡ଼ି ପଛପଟ କାଚ ମଧ୍ୟ ଦେଇ ପାଗଲା ଉଙ୍କି ମାରି ଦେଖିଲା, ଯୁବକଟି ସ୍ଥିର ଦୃଷ୍ଟିରେ ବାହାରକୁ ଚାହିଁ କ'ଣ ଯେମିତି ଭାବିବାରେ ଲାଗିଛି । କିଛି ସମୟ ନୀରବ ରହିଲା ପରେ ସେ ଡ୍ରାଇଭର ଆଡ଼କୁ ଚାହିଁ କହିଲା, "ଦେଖ ଲଛମନ୍, ମୁଁ ତୁମ ଉପରେ କାମଟା ନିଶ୍ଚିନ୍ତଭାବରେ ଛାଡ଼ି ଦେଇ ବଡ଼ ଭୁଲ୍ କରିଛି । କାମଟାକର ଯୋଗ୍ୟ ନୁହଁ ତୁମେମାନେ । ଦେଖୁଛି, ତୁମ ସକାଶେ ମୁଁ ଏବେ ଫାଶୀ ଖୁଣ୍ଟରେ ଝୁଲିବି ।" ତା'ପରେ ଟିକେ ଥୋକି ପୁଣି କହିଲା, 'ହଉ ଯା ହେବାର ତ ହେଲାଣି । କିନ୍ତୁ ମନେରଖ, ଆଜି ଫେରିଲାବେଳେ ଲେବଲ୍‌କ୍ରସିଂବୋର୍ଡ଼ ଦେଇ ସେଇଠିକୁ ନେଇ-ଯିବାକୁ ହେବ । ସେ ସ୍ଥାନରେ ବିଶେଷ ଯାତାୟତ ହୁଏନାହିଁ । କେତେବେଳେ କେମିତି ମଟରଟାଏ ବା ବସ୍ ଟାଏ ଯାଏ । ଏତେ ଛୋଟ ଜିନିଷ ପ୍ରତି କିଏ କାହିଁକି ଦୃଷ୍ଟି ଦେବାକୁ ଯିବ ? ପଡ଼ିଥିବ ନିଶ୍ଚୟ ।"

ତା'ପରେ ଦୁହେଁ ନୀରବ ରହିଲେ ।

ପାଗଲା ଏଥର ପକେଟରୁ ଏକ ଖଣ୍ଡେ କାଗଜ କାଢି ତରତର ଭାବ ସାଙ୍କେତିକ ଅକ୍ଷରରେ କ'ଣ ଲେଖିବାକୁ ଲାଗିଲା । ତା'ପରେ

ପକେଟ ଭିତରୁ ଅଣ୍ଡାଳି ଅଣ୍ଡାଳି ଗୋଟାଏ ପାରା ବାହାର କଲା । ପାରାଟିର ଚଞ୍ଚୁ ଓ ଗୋଡ଼ ଦୁଇଟି ଶକ୍ତ ହୋଇ ବନ୍ଧା ହୋଇଥାଏ । ପାଗଳା ଚିଟିଟିକୁ ଓ ଗାରଆ ହୋଇଥିବା ମଇଳା କାଗଜଟିକୁ ପାରାର ଗୋଡ଼ରେ ବାନ୍ଧି ଦେଇ ତା' ଚଞ୍ଚୁ ଓ ଗୋଡ଼ ବନ୍ଧା ହୋଇଥିବା ଦଉଡ଼ିର ଫାସ ଫିଟେଇ ନେଲା । ସଙ୍ଗେ ସଙ୍ଗେ ପାରାଟି ଫୁର୍ କରି ଅନ୍ଧାର ଭିତରେ କେଉଁଆଡ଼େ ମିଶିଗଲା, ତାହା କେହି ଜାଣି ପାରିଲେ ନାହିଁ ।

ପାଗଳା ପକେଟରୁ ଘଣ୍ଟା କାଢ଼ିଲା । ରେଡ଼ିୟମ୍ ଡାୟାଲରେ ଜକଜକ ହୋଇ ଅକ୍ଷରଗୁଡ଼ିକ ପରିଷ୍କାର ଦିଶୁଛି । ଦେଖିଲା, ନଅଟା ବାଜିଗଲାଣି ସେତେବେଳକୁ ।

ନିଶା ସାଇଁ ସାଇଁ ହୋଇ ଗର୍ଜୁଛି । ଦୁମୁକା ଦୁମ୍କା ପବନ ବାଜି ଦେହଟା କେମିତି ଶୀତେଇ ଉଠୁଛି । ଜନଶୂନ୍ୟ ଅନ୍ଧକାର ବନ୍ୟପଥ ଉପରେ ଗାଡ଼ି ଚାଲୁଛି ସାଇଁ ସାଇଁ ହୋଇ ।

ପ୍ରାୟ ପାଏ ଘଣ୍ଟା ଯିବା ପରେ ଗାଡ଼ିର ବେଗ ଅଲ୍ପେ ଅଲ୍ପେ କମି ଆସିଲା । ପାଗଳା ଅତି ସାବଧାନରେ ପ୍ରଥମେ ଉକ୍ତା-ଫାଇଲକୁ କାଢ଼ି ଗୁପ୍ତ ପକେଟ ମଧ୍ୟରେ ରଖି ପର ମୁହୂର୍ତ୍ତକୁ ଉଦ୍‌ଗ୍ରୀବ ନୟନରେ ଅପେକ୍ଷା କରିବାକୁ ଲାଗିଲା ।

ଗାଡ଼ି ଅଟକିବା ସଙ୍ଗେ ସଙ୍ଗେ ପାଗଳାଟି ଦୁଆରରେ ଗୋଞ୍ଜି ଲଫିଟପି ନିକଟସ୍ଥ ଗୁଳ୍ମଲତା ମଧ୍ୟରେ ନିଜକୁ ଲୁଚାଇବାକୁ ପଶି ଯାଉଥିବାବେଳେ...............

...ପଛ ପଟରୁ ହଠାତ୍ ଏକ ଟଉକସିଆ ମାଡ଼ ଆସି ବସିଲା ପାଗଳାର ମୁଣ୍ଡ ଉପରେ ମୁହୂର୍ତ୍ତେ ତା'ର ସଂଜ୍ଞାହୀନ ଶରୀର ସରଠି ରେଳ ଲାଇନ ଉପରେ ଟଳି ପଡ଼ିଲା ।

## —ଘାତ—

ସହରତଳି ଧୋବା ସାହି । ଧାଡି ଧାଡ଼ି ହୋଇ ନୂଆଣିଆଁ ଚାଳି ପାଖ ପାଖ ହୋଇ ଲାଗିଛି । ସବୁରି ଦାଣ୍ଡ ଅଗରେ ଭିଟିକୁଣ୍ଡ । ସାମନା ପଡିଆରେ ଦୁଇ ଦୁଇଟା ବାଉଁଶ ପୋତା ହୋଇ ସେଥିରେ ଖଣ୍ଡେ ଲେଖାଏଁ ଦଉଡ଼ି ବନ୍ଧା ହୋଇଛି ଏବଂ ତହିଁରେ ଝୁଲୁଛି କେତେ ରକମର କୋଟ, କମିଜ, ପ୍ୟାଣ୍ଟ, ରୁମାଲ ଗେଞ୍ଜି ଇତ୍ୟାଦି ଇତ୍ୟାଦି । ତଳେ ଘାସ ଉପରେ ବିଛା ହୋଇ ଶୁଖୁଛି ଧୋତି, ଶାଢ଼ୀ ଆଦି । ଆଗନ୍ତୁକ ଜଣେ ବସ୍ତି ଭିତରକୁ ପଶି ହାଡ଼ିଆ ଧୋବାର ଘର ଖୋଜିବାକୁ ଲାଗିଲେ । ଜଣେ ବାବୁ ଆସିବାର ଦେଖି ଧୋବା ଟୁଆମାନେ ଖେଳ ଛାଡ଼ି ଧାଇଁଆସି ତାଙ୍କ ଚାରିପଟେ ଘେରିଗଲେ । ଆଗନ୍ତୁକଟି ହସି ହସି ପିଲାଙ୍କୁ ଖଣ୍ଡେ ଓଡ଼ିଆରେ ପଚାରିଲେ, "ପିଲେ, ଏଠି ହାଡ଼ିଆ ଧୋବାର ଘର କେଉଁଠା ?" ପିଲାଏ ସେହି ଧାଡ଼ିର ପ୍ରଥମ ଘରଟିକୁ ହାତ ବଢ଼ାଇ ଦେଖାଇଦେଲେ । ଆଗନ୍ତୁକ ମହାଶୟ ସେହି ଅଡ଼କୁ ଚାଲିଲେ । ପିଲାଏ ମଧ୍ୟ ତାଙ୍କୁ ଛାଡ଼ି ଖେଳ ଅଡ଼କୁ ଧାଇଁଲେ ।

ହାଡ଼ବନ୍ଧୁ ସେତିକିବେଳେ ତୁଠରୁ ଫେରି ମୁଢି ଖାଇ ଚା’ ପିଉଥିଲା । କେହି ତା’ ନାଁ ଧରି ଡାକୁଥିବାର ଶୁଣି ଚା’ କଂସାକୁ ତଳେ ଥୋଇ ଦେଇ ପଦାକୁ ବାହାରି ଆସିଲା । ଦେଖିଲା, ତା’ ଦୁଆରେ ଜଣେ ହିନ୍ଦୁସ୍ଥାନୀ ବାବୁ । ଦେଖିବାକୁ ବେଶ୍ ହୃଷ୍ଟପୁଷ୍ଟ । ପରିଧାନ—ପଞ୍ଜାବୀ ଉପରେ ଜହର ଫତେଇ ଓ ତାହାଁ ସାଥିକୁ ଟିପା ପାଇଜାମା । ଗୋଡରେ ନାଗରା ଚପଲ । ଦେଖିଲେ ଜଣାପଡୁଛନ୍ତି ବେଶ୍ ସମ୍ଭ୍ରାନ୍ତ ବଶୀୟ ।

ହାଡବନ୍ଧୁକୁ ଆଗରେ ଦେଖି ଆଗନ୍ତୁକଟି ହସି ହସି ଓଡ଼ିଆ-ମିଶା ହିନ୍ଦିରେ କହିଲେ, “ତୁମ ନାଁ ହାଡ଼ବନ୍ଧୁ ?”

ହାଡବନ୍ଧୁ ମୁଣ୍ଡ ଠୁଙ୍ଗାରିଲା ।

ଆଗନ୍ତୁକ ଜଣକ କହିଲେ, “ମୁଁ ଜଣେ ବିଦେଶୀ । ଏଇ ଚାରି ପାଞ୍ଚଦିନ ହେଲା ଏଠାକୁ ବଦଳି ହୋଇ ଆସିଛି । ଏଠା ‘ସାଗର କଟନ୍ ମିଲ୍’ର ମାଲିକଙ୍କ ପୁଅ ରମଣଲାଲଙ୍କ ସଙ୍ଗେ ମୋର ପୂର୍ବରୁ ଭାବ ଥିଲା । ତାଙ୍କୁ ଜାଣିଛ ବୋଧେ ?”

ହାତ ମଳି ମଳି ହାଡବନ୍ଧୁ ହସି ହସି କହିଲା, ‘ଅଜ୍ଞା, ତାଙ୍କ ଘର ଲୁଗାତ ମୁଁ କାଚେ ।’

ଆଗନ୍ତୁକଟି ହସିଦେଇ କହି ଉଠିଲେ, ‘ହଁ ହଁ, ସେଇକଥାତ ମତେ କହୁଥିଲେ । ମୋର ଗୋଟାଏ ଭଲ ଧୋବା ଦରକାର ଅଛି ବୋଲି ଶୁଣି ସେ ମତେ ତୁମରି ଠିକଣା ଦେଲେ । କହିଲେ, ‘ତୁମେ କୁଆଡ଼େ ଖୁବ୍ ଭଲ ସଫା ଓ ଇସ୍ତ୍ରୀ କରିପାର । ମୋର କାଳୁ ଅସାରୁଠ୍ ଦେଇ ଟିକେ କଡ଼ା ଇସ୍ତ୍ରୀ ହେବା ଦରକାର । ଆମ ଦେଶର ଧୋବାମାନେ ଖୁବ୍ ଭଲ କଡ଼ା ଇସ୍ତ୍ରୀ କରି ପାରନ୍ତି ।’

ହାଡବନ୍ଧୁ କୃତାର୍ଥଭାବରେ କହିଲା, ‘ଅଜ୍ଞା, ଆପଣଙ୍କର ଯେମିତି ବରାଦ ହେବ, ସେମିତି କରିବ । ତେବେ ଆମ ଏଠିକା ଲୋକେ

ଆସିରୁଠ୍ ଧୁଆ ଲୁଗା ଇସ୍ତ୍ରୀ କରି ଲୁଗା ପିନ୍ଧିବାକୁ ପସନ୍ଦ କରନ୍ତି ନାହିଁ। ସେଇଥିପାଇଁ କଷ୍ଟର ନାହିଁ। ତେବେ ଆଜ୍ଞା, ଯେଉଁ ଲୋକ ବସ୍ତ୍ର ଦେବେ ସେ ଭଲ କରିବାକୁ ରାଜି ଅଛନ୍ତି। ତାହାଙ୍କ ଆଜ୍ଞା, ମିଲ୍‌ବାବୁଙ୍କ ଘରରୁ ସମସ୍ତଙ୍କର ଲୁଗା ଇସ୍ତ୍ରୀ ହୁଏ। ତାକୁ ତ ଫେର୍ ମୁଁ କରେ।' ହାଡ଼ିବନ୍ଧୁ ହସିଲା।

ଆଗନ୍ତୁକ ହାଡ଼ିବନ୍ଧୁର ପିଣ୍ଡା ଉପରକୁ ଉଠି ଉଠୁ କହିଲେ, 'ଅଚ୍ଛା, ଆଗ ଦେଖେଇଲ ଲୁଗା ସବୁ କେମିତି ସଫା ଆଉ ଇସ୍ତ୍ରୀ କରୁଛ?' ହାଡ଼ିବନ୍ଧୁ ବାବୁଙ୍କ ଆଗେ ଆଗେ ଘର ଭିତରକୁ ପଶିଗଲା। ବାବୁ ବି ପଛେ ପଛେ ପ୍ରବେଶ କଲେ। ହାଡ଼ିବନ୍ଧୁ ସେବାବୁ ନାଙ୍କ ସବୁ ଲୁଗା ଟାଣି ଦେଇ ଅନ୍ୟ ବଖରାକୁ ଉଠିଗଲା।

ବାବୁଟି ଗୋଟି ଗୋଟି କରି ଅନେକ ଲୁଗା ଦେଖିବାକୁ ଲାଗିଲେ। କିନ୍ତୁ ଲୁଗାର ପରିଷ୍କାରତା କିମ୍ବା ଇସ୍ତ୍ରୀ ପ୍ରତି ଧ୍ୟାନ ନଦେଇ ସେ ଯେପରି ଆଉ କିଛି ଖୋଜୁଥାନ୍ତି। ପାହାଡ଼ଭଳି ହୋଇଥିବା ଲୁଗା ଭିତରୁ ବାଛିବାଛି ଗୋଟିଏ ଇସ୍ତ୍ରୀକରା କୋଟ୍‌କୁ ଉଠାଇ ଅଣି ସେ ଆଗ୍ରହରେ ଦେଖିବାକୁ ଲାଗିଲେ। ହଠାତ୍ ତାଙ୍କର ଆଖି କୋଟ୍‌ର ବାମ ପାଖ ଗୋଟିଏ ଚିହ୍ନ ଉପରେ ଲାଖି ରହିଲା। ତାଙ୍କ ଆଖି ଝଲସି ଉଠିଲା। ମୁଖର ଭଙ୍ଗୀରୁ ଜଣା ପଡ଼ିଲା, ସତେ ଯେପରି ତାଙ୍କର ଇପ୍ସିତ କାମନା ମେଣ୍ଟିଗଲା। କୋଟଟିକୁ ଦେଖିସାରି ଥୋଇ ଦେଉ ଦେଉ କହିଲେ, "ବାଃ, ଏତ ବେଶ୍ ପରିଷ୍କାର ହୋଇଛି! ଇସ୍ତ୍ରୀ ବି ଖୁବ୍ ଭଲ ଓ ସୁନ୍ଦରଭାବରେ ଦିଆ ହୋଇଛି। ମୁଁ ଭାବି ନଥିଲି ଯେ ଓଡ଼ିଶାର ଧୋବାମାନଙ୍କୁ ଆଧୁନିକ ପ୍ରଣାଳୀରେ ମେସିନ ସାହାଯ୍ୟରେ ସଫା କରିବା ଓ ଇସ୍ତ୍ରୀ କରିବା ଜଣା ନଥିଲେ ସୁଦ୍ଧା ସେମାନେ ଏତେ ସୁନ୍ଦର ସଫା କରିପାରନ୍ତି।" ଟିକିଏ ଅଟକି ଯାଇ ପୁଣି

କହିଲେ, ଅଚ୍ଛା ଏ କୋଠାଟି କାହାର ? ବେଶ୍ ଦାମିକା ଜଣା। ଜଣା ପଡୁଛି କୌଣସି ବଡ଼ ଲୋକଙ୍କର।

ବାବୁଙ୍କ ମୁହଁରେ ନିଜର ପ୍ରଶଂସା ଶୁଣି ହାଣ୍ଡିବନ୍ଧୁର ଛାତି ସେତେବେଳକୁ ଫୁଲି ଉଠୁଥିଲା। ବାବୁଙ୍କ ପ୍ରଶ୍ନରେ ସେ ହସିହସି ଉତ୍ତର ଦେଲା, "ଏଇଟା ଆଜ୍ଞା ଏଗାର ନମ୍ବର କୋଠୀ ବାବୁଙ୍କର।" ବାବୁଜଣକ ଫେରିଲେ। ଫେରି ଆସିଲାବେଳକୁ ହାଣ୍ଡିବନ୍ଧୁକୁ କହି ଆସିଲେ, "ମୁଁ ତା'ହେଲେ କାଲି ସକାଳୁ ଗୁରୁଙ୍କର ହାତରେ ଲଗା ପଠେଇ ଦେବି।"

ଉତ୍ତରରେ କୃତଜ୍ଞତାବଶତଃ ଯୋଡ଼ ହାତ ହୋଇ ହାଣ୍ଡିବନ୍ଧୁ ଟିକିଏ ହସି ଦେଇଥିଲା କେବଳ।

—ଆଠ—

ଦୁଇଘଣ୍ଟାକ ପରେ ପାଗଳାର ଚେତା ଫେରି ଆସିଲା। ଆଖିଖୋଲି ସେ ଚାହିଁଲା। ଦେଖିଲା, ଗୋଟାଏ ଅନ୍ଧାରୁଆ କୋଠରି ଭିତରେ ସେ ଶୋଇଛି। ବୁଝି ପାରିଲା ନାହିଁ, ସେ କେଉଁଠି ଅଛି। ଏତିକି ବେଳେ ଶୁଣିବାକୁ ପାଇଲା ପାଖ କୋଠରୀରୁ ଦୁଇଟି ପୁରୁଷଙ୍କ ମଧ୍ୟରେ ହେଉଥିବା କଥାବାର୍ତ୍ତା ସବୁ। ପାଗଳା ଜାଣି ପାରିଲା।—

—'ମତେ ବଡ଼ ଆଶ୍ଚର୍ଯ୍ୟ ଲାଗୁଛି, ଆଜି ତୋର ଏ କି ଅଧୋଗତି ?'

ଅପର ବ୍ୟକ୍ତିଟି ବେପରୁଆ ଭାବରେ ହସି ଉଠିଲା । କହିଲା, 'ଅଧୋଗତି କହ କି ଅଧମ ଗତି କହ—ଯାହା ଇଚ୍ଛା ତାହା କହ—ସବୁ ମୋ ପକ୍ଷରେ ଏକା ।" ପରକ୍ଷଣରେ ଗମ୍ଭୀର ସ୍ୱରରେ କହିଲା," କିନ୍ତୁ ତୁ ଜାଣୁ, କାହାପାଇଁ ଆଜି ମୁଁ ଏପରି ହୋଇଛି ? ତୋରି ପାଇଁ—କେବଳ ତୋରି ପାଇଁ ।"

ପ୍ରଥମ ଜଣକ ଆଶ୍ଚର୍ଯ୍ୟ ହୋଇ ପଚାରିଲା, 'ମୋ ପାଇଁ ?'

ଦ୍ୱିତୀୟ ଯୁବକଟି ଅନ୍ୟମନସ୍କ ଭାବେ କହି ଉଠିଲା, 'ହଁ, ତୋରି ପାଇଁ ନୁହେଁ ତ ଆଉ କ'ଣ ? ମନ୍ଦାକୁ ମୁଁ କେତେ ଭଲ ପାଉ ନଥିଲି । କିନ୍ତୁ ତୁଇ—ତୁଇ ଆମ ମଝିରେ ଠିଆ ହୋଇ ତାକୁ ମୋଠୁ ଛାଣି ନେଲୁ ।" ଯୁବକର ଉତ୍ତେଜିତ କଣ୍ଠସ୍ୱର ଅସଂଯତ ହୋଇ ଉଠୁଥିଲା ।

ପ୍ରଥମ ଯୁବକ ଜଣକ ଦାମ୍ଭିକ ସ୍ୱରରେ କହି ଚାଲିଲା, 'କିନ୍ତୁ ଏ ଭଲ ପାଇବା ମୂଳରେ କାହାର ଜୀବନ ସହିତ ଦଗାବାଜି ଖେଳି ତାକୁ ଛାରଖାର କରିବା, ଠିକ୍ ଯେମିତି କେତେକ ନାରୀହା ଅବଳାଙ୍କ ଜୀବନ ସହିତ ଜୁଆ ଖେଳି ଅପବାଦର ବୋଝ ସେମାନଙ୍କ ମୁଣ୍ଡରେ ଲଦି ଦେଉଥିଲୁ—ସେ ମହତ ଉଦ୍ଦେଶ୍ୟ ତ ନାହିଁ ?'

ଦ୍ୱିତୀୟ ଯୁବକଟି ରାଗରେ କମ୍ପି ଉଠିଲା ।

ଅନ୍ୟ ଜଣକ କିନ୍ତୁ ସେହିଭଳି ଜୋରରେ କହି ଚାଲିଥାଏ, 'ଜାଣେ, ମନ୍ଦା ତତେ କେବେ ଭଲ ପାଇ ପାରି ନାହିଁ କି ପାରିବ ନାହିଁ । କିନ୍ତୁ ତା'ନାଆଁରେ ଭଲ ପାଇବାର ମିଥ୍ୟା ଅଭିଯୋଗ ଆଣିବା ଓ ମତେ ବନ୍ଦୀ କରିବା—ଏ ସବୁର ଅଭିପ୍ରାୟ କ'ଣ ? କହ, ଯା' ମୂଳରେ ତୋର କି ଦୁରଭିସନ୍ଧି ନିହିତ ଅଛି ? କହ, ଏ ସବୁ ପ୍ରହସନ କାହିଁକି ?'

—'ତେବେ ବନ୍ଦୀକରି ରଖିଛି, ମନ୍ଦିରାକୁ ନେଇ ନିଜର କାମନା ଚରିତାର୍ଥ କରି ପାରିବ ବୋଲି ।' 'ମାନେ ?'—ପ୍ରଥମ ଜଣଙ୍କ ପ୍ରଶ୍ନ କଲା ।

ଦ୍ୱିତୀୟ ଯୁବକଟି ହସିଲା । କହିଲା, 'ମାନେ ଅତି ସହଜ । ଜାଣୁ, ମୋ ଉଦ୍ଦେଶ୍ୟ କଣ ? ମୋ ଉଦ୍ଦେଶ୍ୟ, ତତେ ଆଗ ମୋ ଉଦ୍ଦିଷ୍ଟ ପଥ ଉପରୁ ଉପାଡ଼ି ମୂଳପୋଛ କରି ଦେଇ ପାରିଲେ ମନ୍ଦିରାକୁ ଭଲ ପାଇବାର ପଥ ସେତିକି ନିଷ୍କଣ୍ଟକ ହୋଇଯିବ ।' ଦଣ୍ଡେ ନୀରବ ରହି ପୁଣି କହି ଚାଲିଲା, 'ତତେ ବଳି ଦେଇ ମତେ ମନ୍ଦିରାକୁ ପାଇବାକୁ ହେବ । ମନ୍ଦିରାକୁ ଲାଭ କରିବା ପଥରେ ତୁଇ ମୋର ଏକମାତ୍ର ପ୍ରତିବନ୍ଧକ । ମୋ ଚଲା ପଥରେ ତୁଇ ଧୂମକେତୁ ଭଳି ଉଦୟ ହୋଇଛୁ । ତତେ ଆଗ ହତ୍ୟା କରିବି । ମନ୍ଦିରାର ମାନସପଟ ଉପରୁ ତୋର ସ୍ମୃତିଟିକୁ ଆଗ ମୋତେ ପୋଛି ଦେବାକୁ ପଡ଼ିବ । ସେତିକି ମନ୍ଦିରା ମତେ ନିଶ୍ଚୟ ଭଲ ପାଇବ ।'

—'ଅସମ୍ଭବ । ଆମେ ନୀଳାଚଳର ପବିତ୍ର ବଡ଼ଦାଣ୍ଡ ଉପରେ ଆଜି ନୀଳଚକ୍ରବାନାକୁ ଚାହିଁ ଶପଥ କରିଛୁ, ଆମେ ଦୁହେଁ ପରସ୍ପରକୁ ଭଲ ପାଉଛୁ, ଅନ୍ୟ କାହାରିକୁ ଦ୍ୱିତୀୟ ଥର ପାଇଁ ନୁହେଁ । ଏକଥା ମନ୍ଦିରା କେବେହେଲେ ଭୁଲି ଯାଇ ନଥିବ କି ଭୁଲି ଯାଇ ପାରିବ ନାହିଁ ।''

—'ଅରେ, ରଖ୍ ତୋ ଶପଥ । ଉଚ୍ଛୃଙ୍ଖଳ ଯୌବନର କ୍ଷଣିକ ଉତ୍ତେଜନାରେ କିଏ କେତେପ୍ରକାର ଅସମ୍ଭବ ରକମର ଶପଥ କରିଥାନ୍ତି । କିନ୍ତୁ ତା'ପରେ ?...ତା'ପରେ କ'ଣ ହୁଏ ?'

—'ତଥାପି ମୋର ଦୃଢ଼ ବିଶ୍ୱାସ, ମନ୍ଦିରା ମୋ ବିନା ଆଉ କାହାରିକୁ ଭଲ ପାଇ ପାରିବ ନାହିଁ ।''

—'ଭଲ ନପାଇଲେ ତାକୁ ଅନ୍ତତଃ ଜବରଦସ୍ତି ବାଧ୍ୟ କରିବି

ମତେ ଭଲ ପାଇବାକୁ ।' ସନ୍ନିହିତ କୋଠରୀରୁ ମନ୍ଦାରର ନାଁ ଶୁଣି ପାଗଳ ଚମକି ଉଠିଲା । ମନ୍ଦାର ତାହେଲେ ଏବେ ସୁଦ୍ଧା ବଞ୍ଚିଛି !

ପାଗଳ ଉଠି ଛିଡ଼ା ହେବାକୁ ଚେଷ୍ଟା କଲା । କିନ୍ତୁ ଅତ୍ୟନ୍ତ ଦୁର୍ବଳତା ଅନୁଭବ କରୁଥିବା ହେତୁ ଉଠି ଛିଡ଼ା ହୋଇ ପାରିଲା ନାହିଁ । ବସି ପଡ଼ିଲା ।

ତଥାପି ସେ ନିରାଶ ହେଲା ନାହିଁ । ତଳେ ଘୁଞ୍ଚୁଡ଼ି ଘୁଞ୍ଚୁଡ଼ି କାନ୍ଥ ପାଖକୁ ଗଲା । ଦେଖିଲା, କାରା ଗୃହର କାନ୍ଥ ପଥରରେ ତିଆରି । ପ୍ରକାଣ୍ଡ ପ୍ରକାଣ୍ଡ ପଥର ଗୁଡ଼ିକ ଗୋଟିକ ଉପରେ ଗୋଟିଏ କେବଳ ଥୁଆ ହୋଇଛି । ଧୀରେ ଧୀରେ କାନ୍ଥକୁ ଧରି ସେ ଠିଆ ହେଲା । ଗୋଟିଏ ସ୍ଥାନରେ ପଥରକାନ୍ଥ ମଧ୍ୟରୁ ଫାଙ୍କବାଟେ ଦେଖିଲା ଯୁବକ ଦୁଇଟିଙ୍କୁ । ତନ୍ମଧ୍ୟରୁ ଜଣକୁ ଦେଖିବା ମାତ୍ରେ ହଠାତ ଚିହ୍ନି ପାରିଲା । କିନ୍ତୁ ଅନ୍ୟ ଜଣଟି ? ଓ'ହୋ ! ମନେ ପଡ଼ିଲା ।.........

ପାଗଳ କାନ୍ଥ ଉପରେ ଭରା ଦେଇ ଆଉଜି ଠିଆ ହେଲା ଓ ପଥର ଫାଙ୍କବାଟେ ସେମାନଙ୍କୁ ନିରୀକ୍ଷଣ କରିବାକୁ ଲାଗିଲା ।

ସର୍ଦ୍ଦାରର ଆଦେଶରେ ଜଣେ ସୁନ୍ଦରୀ ଯୁବତୀକୁ ନେଇ ହୃଷ୍ଟ-ପୁଷ୍ଟ କଳା ମରମରିଆ ମର୍ଦ୍ଦଟାଏ ପ୍ରବେଶ କଲା । ଯୁବତୀର ହସ୍ତପଦ ଶକ୍ତ ରଜ୍ଜୁଦ୍ୱାରା ସୁଦୃଢ଼ ରୂପେ ବନ୍ଧା ହୋଇଛି ।

ଯୁବତୀ ଉପରେ ଆଖି ପଡ଼ିବା ମାତ୍ରେ ପାଗଳର ହୃଦୟ ସ୍ପନ୍ଦିତ ହୋଇ ଉଠିଲା । ନାକରୁ ଖର ନିଃଶ୍ୱାସ ବୋହିବାକୁ ଲାଗିଲା । ଉତ୍ତେଜନାର ଏକ ଶିହରଣ ଖେଳିଗଲା ତା'ର ପ୍ରତି ଲୋମକୂପରେ । ଲୋମ ଟାଙ୍କୁରି ଉଠିଲା । ଅଜାଣତରେ ପାଟିରୁ ଅସ୍ପଷ୍ଟଭାବରେ ବାହାରି ପଡ଼ିଲା, 'ଏଇ !'

ବନ୍ଦନୀ ଯୁବତୀକୁ ତଳେ ଥୋଇଦେଇ କୋଠା ଫେରିଗଲା ।

ସର୍ଦ୍ଦାର କବାଟ ଆଡ଼କୁ ଫେରି ଯାଉ ଯାଉ ବନ୍ଦୀ ଆଡ଼କୁ ଚାହିଁ ବ୍ୟଙ୍ଗଭାବେ କହିଲା, 'ଏଇ ତୋର ପ୍ରିୟା ବାନ୍ଧବୀ ଅସି ଗଲେ । ଏଥର ମଧୁର ଗଳ୍ପସଳ୍ପର ମଧୁ ସଞ୍ଚରିତ ହେଉ ।" ଟିକିଏ ଥମିଯାଇ ପୁଣି କହିଲା, 'ତୁମ ଦୁହିଁଙ୍କର ପ୍ରେମ ଡୋରିକୁ ମୁଁ ଏତେ ଶୀଘ୍ର ଛିଣ୍ଡାଇ ଦେବାକୁ ଚାହେଁ ନା । ଅନ୍ତତଃ ମୃତ୍ୟୁର ଏହି କେତୋଟି ଦିନ ଆଗରୁ ତୁମେ ଦୁହେଁ ଏକାଠି ସାଙ୍ଗରେ ରହିପାର ।"

ସର୍ଦ୍ଦାର ଚାଲିଗଲା । 'ତା' ପଛେ ପଛେ କବାଟ ଧଡ଼୍ କରି ପଡ଼ିଗଲା ।

ବନ୍ଦନୀ ଭୂଲୁଣ୍ଠିତା ହୋଇ ବନ୍ଦୀ ଆଡ଼କୁ ଚାହିଁଲା । ଦେଖିଲା, ତା'ର ମଧ୍ୟ ହାତଗୋଡ ବନ୍ଧା ହୋଇଛି । ମୁହଁ ଟେକି ସଜଳ ନୟନରେ ପ୍ରେମିକର ମୁହଁକୁ ଚାହିଁ ଦେଖିଲା, ତା' ମୁହଁ ମଧ୍ୟ ଶୁଖି କଳା ପଡ଼ି ଯାଇଛି । ତଳକୁ ମୁହଁ ପୋତି ବସି ସେ କାନ୍ଦକାନ୍ଦ ସ୍ୱରେ ବନ୍ଦୀକୁ ଡାକିଲା । ବନ୍ଦୀ ଏଥର ମୁହଁ ଟେକିଲା । ନିଜ ପ୍ରେୟସୀକୁ ଏପରି କରୁଣ ଅବସ୍ଥାରେ ଦେଖି ତା' ଆଖିରେ ମଧ୍ୟ ଲୁହ ଜକେଇ ଆସିଲା । ଅଶ୍ରୁସମ୍ବରଣ କରି ବନ୍ଦନୀର ଡାକି କହିଲା, "—, କିଏ ଜାଣିଥିଲା ଭାଗ୍ୟରେ ଏହା ଲେଖାଥିଲା ବୋଲି !"

ବନ୍ଦିନୀ ହଠାତ୍ କାନ୍ଦି ଉଠିଲା । କହିଲା, "—, ମୁଁ ତୁମର ମୃତ୍ୟୁ ଦେଖି ପାରିବି ନାହିଁ । ତା' ଆଗରୁ ମୋର ମରଣ ହେଉ ।"

ବନ୍ଦୀ ଘୁଞ୍ଚି ଘୁଞ୍ଚି ବନ୍ଦନୀ ନିକଟକୁ ଆସିଲା ଏବଂ କହିଲା, "ଛି, ଏପରି ଅଧୀର ହୁଅ ନାହିଁ । ଦେଖ, ଆଖିରୁ ଲୁହ ପୋଛି ଦେଲି । ମୁଁ ସବୁ ତୁମ ପାଖରେ ଅଛି ! ବିପଦ ଯେତେବେଳେ ଆସିଛି ତା'ର ସମ୍ମୁଖୀନ ହେବାକୁ ପଡ଼ିବ ଆମକୁ । କାନ୍ଦିଲେ ଦୁଃଖ

ଯାଏ ନାହିଁ । ବରଂ ଏଥିରୁ ଉଦ୍ଧାର ପାଇବାର ଉପାୟ ଚିନ୍ତା କରିବା ଦରକାର ।"

ବନ୍ଦୀ ଭଗ୍ନକଣ୍ଠରେ କହିଲା, "ହଁ, ଉ-ଦ୍ଧା-ର—!" ତା'ପରେ କାନ୍ଦଉଠି କହିଲା, "ଦେଶକୁ କ'ଣ ଏଇଆ ହେବାକୁ ଥିଲା ? ଭଗବାନ କ'ଣ ଆମ ଦୁହିଁଙ୍କ ସୁଖ ଦେଖିପାରିଲେ ନାହିଁ ?" ବନ୍ଦୀ ଯୁବକ ଜଣକ ଯୁବତୀର ଲୁହ ପୋଛି ଦେବାକୁ ହାତ ବଢ଼ାଇ ବସିଲା । କିନ୍ତୁ ହାତ ଯେ ଏବେ ଦୃଢରୂପେ ବନ୍ଧା—ଏ ବାସ୍ତବତା ଉପଲବ୍ଧି କରି ଶୀଘ୍ର ଶାନ୍ତହେଲା । ଯୁବତୀ ଆଡକୁ ଗୁହିଁ ରହିଲା "ଏତକିବେଳେ ଏମିତି ଭାଙ୍ଗି ପଡ଼ନା । ଏହା ଭଗବାନଙ୍କର କୋପଦୃଷ୍ଟି ନୁହେଁ, ଏହା ତାଙ୍କର ପରୀକ୍ଷା । ଏତେବେଳେ ହାରିଯାଅ ନାହିଁ । ପ୍ରେମକାହାଣୀ ବରଣୀ କରେ । ଯେଉଁଠି ପ୍ରେମ, ସେଇଠି ଭଗବାନ, ଆମର ଡାକ ଶୁଣିବେ ନିଶ୍ଚୟ ।"

ଏପରି ଅବସ୍ଥାରେ ଆଇମଧ୍ୟ ବନ୍ଦୀନୀ ହସିବାକୁ ଚେଷ୍ଟାକଲା । କିନ୍ତୁ ସେ ହସରେ ମାଧୁର୍ଯ୍ୟ ନାହିଁ, ତାହା କେବଳ ଶୁଷ୍କ—ନୈରାଶ୍ୟର ହସ ।

କିଛିକ୍ଷଣ ନୀରବ ରହିଲା ପରେ ସେ ହତାଶ ସ୍ୱରରେ କହିଲା "କିନ୍ତୁ ଏ ଦୁର୍ଦ୍ଧାନ୍ତ ହାତରୁ...।" ଆଉ କହି ପାରିଲାନାହିଁ । ଭବିଷ୍ୟତରେ ଭାଗ୍ୟଦଶା କ'ଣ ଅଛି, ସେହିକଥାଟା କେବଳ ଚିନ୍ତା କରିବାକୁ ଲାଗିଲା ।

—"ତଥାପି ମଣିଷର ଶେଷ ପର୍ଯ୍ୟନ୍ତ ବଞ୍ଚି ରହିବାର ଆଶା ମରିଲେ ନାହିଁ । ହଉ, ଯାହା ଭାଗ୍ୟରେ ଥିବ ।" ବନ୍ଦୀଟି ଦୀର୍ଘ ନିଶ୍ୱାସ ଛାଡ଼ିଲା

ତା'ପରେ ଦୁହେଁ ନୀରବ ରହିଲେ ।

ପାଗଳା ସବୁ ଶୁଣୁଥିଲା । ବର୍ତ୍ତମାନ ଦେଖିଲା, ଦୁହିଁଙ୍କ ଆଖିରେ ଲୁହ ଟଳ ଟଳ ହେଉଛି । ସେ ବ୍ୟଥିତ ହୋଇ ଉଠିଲା । ଆଖି ଟେକି ପଥର ଫାଙ୍କ ବାଟେ ପୁଣି ଚାହିଁଲା । ମହମବତୀ ଧୀରେ ଧୀରେ ଜଳି ଯାଉଛି । ବନ୍ଦୀ ଓ ବନ୍ଦିନୀ ଦୁହିଁଙ୍କର ଦୁଃଖରେ ବ୍ୟଥିତ ହୋଇ ମହମ ଗୁଡ଼ିକ ଯେମିତି ତରଳି ତଳକୁ ବୋହି ପଡୁଛି—ଥପ୍ ଥପ୍ ।

—ନଅ—

ସପ୍ତାହକ ପରେ—

ରାତି ସେତେବେଳକୁ ବାରଟା ହେବ । ପାଗଳାର ଆଖିରେ ନିଦ ପଡ଼ିବାକୁ ନାହିଁ । ଏତିକିବେଳେ ସେ ପାଖ କୋଠରୀରୁ ଖଡ଼ଖଡ଼୍ ଶବ୍ଦ ଶୁଣି ପାରିଲା । କାନ୍ଥ ପାଖକୁ ଆସି ପଥର ଫାଙ୍କବାଟେ ଚାହିଁଲା । ଦେଖିଲା, ଦ୍ୱାର ଫିଟାଇ ହାତରେ ଜଳନ୍ତା ମହମ-ବତୀଟିଏ ଧରି ସର୍ଦ୍ଦାର ପ୍ରବେଶ କଲା । କୋଠରୀ ମଧ୍ୟରେ ବନ୍ଦିନୀଟି ଏକୁଟିଆ ଶୋଇଥିଲା । ତା'ର ସାଥୀ ବନ୍ଦୀକୁ ଦୁଇଦିନ ପୂର୍ବରୁ ସ୍ଥାନାନ୍ତରିତ କରି ହୋଇଥିଲା । ଦୁଆର ଫିଟାଇବାର ଖଡ଼ଖଡ଼ ଶବ୍ଦ ଶୁଣି ବନ୍ଦିନୀର ନିଦ ଭାଙ୍ଗିଗଲା । ସେ ଚମକି ପଡ଼ିଲା । ତା' ପାଟିରୁ ଅଜାଣତରେ ବାହାରି ପଡ଼ିଲା କିଏ ?, କାରଣ ଏ ଅର୍ଦ୍ଧରାତିର

ଯେତେବେଳେ ସମସ୍ତ ଜଗତ ସୁପ୍ତ, ସେତେବେଳେ ତାହାର ଏପରି ଅପ୍ରତ୍ୟାଶିତ ଭାବରେ ଆଗମନକୁ ସେ ଆଶା କରି ନଥିଲା । ମନରେ ତାର ଭୟ ସଂଚରିତ ହେଲା । କାରଣ ସେ ଯୁବତୀ—ତରୁଣୀ, ତହିଁରେ ପୁଣି ଜଣେ ପ୍ରେମିକ ହାତରେ ବନ୍ଦୀ । ବିଚଳିତ ହୋଇ ପଡିଲା ସେ ।

ପଥର ଫାଙ୍କବାଟେ ପାଗଳ ସର୍ଦ୍ଦାରର ମୁହଁକୁ ନିରୀକ୍ଷଣ କରିବାକୁ ଲାଗିଲା । ଦେଖିଲା, ସର୍ଦ୍ଦାରର ମୁଖ ଭାବନାର ସ୍ତରରେ ଭରା ।

ନୀରବତା ଭଂଗ କରି ସର୍ଦ୍ଦାର କହିଲା, 'ଏପରି ସମୟରେ ଆସି ମୁଁ ତୁମର ସୁଖଯାତ୍ରାରେ ବାଧାଦେଲି, ମିସ୍ । ବଡ଼ ଦୁଃଖିତ ସେଥିପାଇଁ । କିନ୍ତୁ ତୁମ ପାଖରେ ବିଶେଷ ଜରୁରୀ କାର୍ଯ୍ୟ ଥିବାରୁ ନଆସି ରହି ପାରିଲି ନାହିଁ । ହଁ, ଆଗରୁ ଖବରଟା ଦେବାକୁ ଆସୁଛି । ଆଜି ରାତି ତିନଟା ବେଳକୁ ଆମକୁ ଏ ସ୍ଥାନ ଛାଡ଼ି ଚାଲି ଯିବାକୁ ହେବ ।'

ଭାବୀ ବିପଦର ଆଶଙ୍କାରେ ଯୁବତୀଟି ଶଙ୍କିତ କଣ୍ଠରେ ପଚାରିଲା, "କୁଆଡ଼କୁ ?"

ଗମ୍ଭୀର ହୋଇ ସର୍ଦ୍ଦାର କହି ଉଠିଲା, 'କୁଆଡ଼େ ସେ ପ୍ରଶ୍ନର ଉତ୍ତର ମୋ ପାଖରୁ ମିଳି ପାରିବ ନାହିଁ । ମୁଁ ଆଦେଶ କରୁଛି ଯିବାକୁ, ତୁମକୁ ଯିବାକୁ ହେବ ।' ଟିକିଏ ରହି ପୁଣି କହିଲା, ଖବର ପାଇଛି, ଏଥିମଧ୍ୟରେ ପୋଲିସ୍ ଖୁବ ଜୋରସୋରରେ ଅନୁସନ୍ଧାନ ଚଳାଇଛନ୍ତି । ବର୍ତ୍ତମାନ ଅବସ୍ଥାରେ ସହର ନିକଟବର୍ତ୍ତୀ ଏ ସ୍ଥାନରେ ରହିବା ନିରାପଦ ନୁହେଁ । ସେଥିପାଇଁ ଆଜି ରାତି ପାହିବା ପୂର୍ବରୁ ଆମକୁ ଏ ସ୍ଥାନ ଛାଡ଼ି ବହୁ ଦୂରକୁ ଅନ୍ୟ ଏକ ଅଧିକ ନିରାପଦ ସ୍ଥାନକୁ ଚାଲି ଯିବାକୁ ହେବ ।" ସର୍ଦ୍ଦାର

ଫେରିଲା । ଫେର ଯାଉଯାଉ କହିଲା, 'ହଁ, ଆଜି ରାତି ଡିନଟାକୁ
ପ୍ରସ୍ତୁତ ହୋଇଥାଅ ।'

ବନ୍ଦିନୀ ଯୁବତୀ ଅଦ୍ଭୁତ ଭାବରେ ପଚାରିଲା, 'ଆଉ ସେ ?'

ପଛକୁ ଫେରପଡ଼ି ସ୍ୱଧାର ରାଗି ଉଠିଲା । କହିଲା, ଓଃ
ନନ୍‌ସେନ୍ସ ! ପୁଣି ସେଇ ତା'ର କଥା ! ସବୁବେଳେ ତା'ର
ନାଁକୁ ଭଜି ହେଉଥାଅ, ଅଥଚ ଥରଟିଏ ଭୁଲରେ ସୁଦ୍ଧା ମୋ
ନାଁକୁ ତୁଣ୍ଡରେ ଧରିବାକୁ ନାହିଁ । ନା, ଦେଖିଛି ତାକୁ ହତ୍ୟା
ନକଲେ ତୁମ ଦୁହିଙ୍କ ମଧ୍ୟରେ ଥିବା ପ୍ରେମଡୋରି ସହଜେ ଛିଡ଼ିବ
ନାହିଁ । ଏତେଥର କହିଲିଣି ତାକୁ ଭୁଲିଯାଅ । ଭାବିନିଅ ସେ
ମରିଛି । ନହେଲେ ମତେ ନିଜ ହାତରେ ତାକୁ ହତ୍ୟା କରିବାକୁ
ହେବ । ନା, ଦେଖୁଛି ତାକୁ ହତ୍ୟା ନକଲେ ତୁମକୁ କଅଁଳ
କଥାରେ ରାଜି କରାଇବା କଷ୍ଟକର ଯାଠ । ବେଶ, ତେବେ ବାକ୍ୟରେ
ହେଲାନାହିଁ, ମତେ ଏଥର ତା'ହେଲେ କାର୍ଯ୍ୟର ପ୍ରଶ୍ରୟ ନେବାକୁ
ହେବ । ଅଜ୍ଞାତକୁଳଶୀଳ ଦାଣ୍ଡର ଭିକାରୀଟାଏ । ସେ ଫେର
ଗୋଟାଏ ମଣିଷ ତୁମକୁ ଭଲପାଇ ବସିବ ? ଜାଣ, ମୁଁ ଧନୀ—
ମୁଁ ବଡ଼ଲୋକ । ଇଚ୍ଛାକଲେ ତା'ଭଳି କଙ୍ଗାଳର ଲୋକଙ୍କୁ ଗଣ୍ଡା
ଗଣ୍ଡା କିଣି ଛାଡ଼ିଦେବି ।" ଯଶୋ ରହି ପୁଣି କହିଲା 'ନା, ଏସବୁ
ମୋର କୋହଳତା ଯୋଗୁଁ । ପ୍ରଥମରୁ ସେଠାକୁ Street Dog
ଭଳି ଗୁଳିକରି ମାରି ଦେବାର ଉଚିତ ଥିଲା । ଆଜିଯାଏ ଦୟା
କରି ତାକୁ ବଞ୍ଚାଇ ରଖିଛି ବୋଲି ତା'ର ଉପରେ ତୁମେ ମୋ
କଥାକୁ ଟିକେ ହେଲେ କାନ ଦେଉନ ।"
—'କିନ୍ତୁ ସେ ଓ ମୁଁ ଦୁହେଁ ପିଲାଟିଦିନୁ ପରସ୍ପରକୁ ଭଲ ପାଇ
ଆସିଛୁ ପରସ୍ପରଙ୍କୁ ମହାପ୍ରସାଦ ଦେଇ ପ୍ରତିଜ୍ଞା କରିଛୁ । ଜୀବନର
ଶେଷସୁଦ୍ଧା ଆମେ ପରସ୍ପରକୁ ଭଲ ପାଇବୁ ।"

ଏ ସବୁ ଅବାନ୍ତର ଯୁକ୍ତି, ମିସ୍। All rubbish and meaningless. ଜୀବନରେ ଜଣକୁ ଭଲ ପାଇବା ପାଇଁ ପ୍ରତିଜ୍ଞା କରିବା ନିହାତି ମୂର୍ଖାମି। ମୁଁ ଅନ୍ତତଃ ଏ ପ୍ରତିଜ୍ଞା ପ୍ରତିଜ୍ଞା ମାନେନା। ଜୀବନାକାଶରେ ଯେତେଥର ନୂତନ ତାରକା ଦେଖା ଦେବେ, ଯେତେ ସୁନ୍ଦର ପ୍ରାର୍ଥୀ ବା ଯୁବତୀ ପ୍ରେୟସୀ ମିଳିବେ, ସମସ୍ତଙ୍କୁ ଖାଲି ପ୍ରେମ କରଯାଅ। ତେବେ ସିନା ଯାଇ ପ୍ରେମର ପ୍ରକୃତ ଆସ୍ୱାଦ ମିଳିବ? ନାହିଁ, ତୁମେ ଧନୀ ଓ ସମ୍ଭ୍ରାନ୍ତବଂଶୀୟା, ତୁମେ ଫେର୍ ପ୍ରେମ କରିବ ଗୋଟାଏ ଅଜ୍ଞାତକୁଳଶୀଳ ବାରବୁଲା ଗପିବଟାକୁ? ଏଇଟା ଆଦୌ ଶୋଭନୀୟ ନୁହେଁ ତୁମ ପକ୍ଷରେ, ମିସ୍। ଏହାଦ୍ୱାରା ତୁମ ବଂଶର ଆଭିଜାତ୍ୟ ଉପରେ କାଳି ଲାଗିବ।'

—"ତୁମ ବକ୍ତୃତା ସେତିକିରେ ବନ୍ଦ ରଖ। ମୁଁ ସେସବୁ ଆଉ ଶୁଣିବାକୁ ଚାହେଁନା। ମୋର ଆଭିଜାତ୍ୟ କ୍ଷୁର୍ଣ୍ଣ ହେବାରେ ତୁମର ଦୁଃଖିତ ହେବାର କିଛି କାରଣ ନାହିଁ। ମୋର ହୃଦୟଙ୍ଗମ କରିବାର ବେଶ୍ ଶକ୍ତି ଅଛି। ପ୍ରକୃତ ପ୍ରେମ କାହାକୁ କହନ୍ତି ତାହା ତୁମେ ବୋଧେ ଜାଣନା। ସେଇଥିପାଇଁ ଏକଥା କହୁଛ।

'ଖାଲି ଜାଣିନାହିଁ ମିସ୍, ସେ ଦିଗରେ ବହୁତ ଅଭିଜ୍ଞତା ମଧ୍ୟ ହାସଲ କରିଛି।'—ହସିହସି ଯୁବକ ସର୍ଦ୍ଦାର ଉତ୍ତର ଦେଲା।

—'ତୁମେ ଯେଉଁମାନଙ୍କୁ ପ୍ରେମ କରିଛ ବୋଲି ଦାବୀକର, ସେମାନଙ୍କୁ ପ୍ରକୃତରେ ତୁମେ ଭଲ ପାଇ ନାହଁ। ସେମାନେ ବରଂ ଭଲ ପାଇଛନ୍ତି ତୁମର ଟଙ୍କାକୁ। ଟଙ୍କା ବଳରେ ପ୍ରେମର ନାଁରେ ତୁମେ ପ୍ରେମ ପ୍ରତି ଅତ୍ୟାଚାର କରିଛ। ନୋହିଲେ ଏହା ତୁମକୁ ଅଜଣା ନଥାନ୍ତା ଯେ ପ୍ରେମ ଧନୀ ଦରିଦ୍ର ବାଛେ ନା। ଏହାର ସ୍ରୋତରେ ଧନୀ ଦରିଦ୍ର ସଭିଏଁ ସମାନ ଭାବରେ ଭାସି ଚାଲନ୍ତି। ଏହା ଗୋଟିଏ ହୃଦୟର ଅନ୍ୟ ଏକ ହୃଦୟ ସହିତ ପବିତ୍ର ମିଳନର

ଆକାଂକ୍ଷା । ଯୁବକଟିର କଥା ଅସଂଲଗ୍ନ ହୋଇ ଉଠିଲା । ସେ କାହାକୁ କଣ କହୁଛି, ସେ କଥା ପ୍ରତି ସେ ଦୃଷ୍ଟି ରଖିନାହିଁ । କଥାର ସ୍ରୋତରେ ସେ ଏତେ ଗୁଡ଼ାଏ କଥା ସର୍ଦ୍ଦାର ସମ୍ମୁଖରେ କହିଗଲା, ପୁଣି ବନ୍ଦୀ ଅବସ୍ଥାରେ ଥାଇ ! ନଚେତ୍ ସାଧାରଣ ଅବସ୍ଥାରେ ସର୍ଦ୍ଦାର ଆଗରେ ସେ ହୁଏତ ଏତେଦୂର ଅଗେଇବାକୁ ସାହସ କରି ନଥାନ୍ତା ।

ସର୍ଦ୍ଦାରର ଆପାଦମସ୍ତକ ଥରି ଉଠିଲା । ରାଗରେ ସେ ଗର୍ଜ୍ଜି ଉଠି କହିଲା, "ଏତେଦୂର ! ଆ-ଚ୍ଛା ! ବେଶ୍, ମୁଁ ତେବେ ଏଇ କ୍ଷଣରେ ତାକୁ ଖୁନ କରିବି । ତା'ପରେ ଦେଖିବି କାହା ଜୋରରେ ତୁମେ ରାଜି ହେବନାହିଁ ।"

ବନ୍ଦୀର ସମସ୍ତ ଦାମ୍ଭିକତା କ୍ଷଣକରେ ପାଣି ଫାଟିଗଲା । ବ୍ୟାକୁଳଭାବରେ ସର୍ଦ୍ଦାରକୁ ପ୍ରାର୍ଥନା କରି ସେ କହିଲା, "ମୋର ଗୋଟିଏ ମାତ୍ର ପ୍ରାର୍ଥନା ତୁମ ପାଖେ । ତାଙ୍କୁ ବଞ୍ଚାଅ— ।" ସର୍ଦ୍ଦାର ବିଦ୍ରୂପ ହସ ହସି ଉଠିଲା । କହିଲା, "ମୋର ଶତଶତ ପ୍ରାର୍ଥନା ତ ବ୍ୟର୍ଥ ହୋଇଛି । କାହିଁ, ଥରେକେ ହେଲେ ତୁମେ ଶୁଣିଲ ନାହିଁ । ଆଉ ଆଜି ଗୋଟାଏ ଦରିଦ୍ର କାଂଗାଳ ପାଇଁ ପ୍ରାର୍ଥନା କରାଯାଉଛି । ଚମତ୍କାର !—"

ରିଷ୍ଟୱାଚକୁ ଚାହିଁ ସର୍ଦ୍ଦାର ବିବ୍ରତ ହୋଇ ପଡ଼ିଲା । ଦୁଆରବନ୍ଧ ଆଡ଼କୁ ଅଗେଇ ଯାଉଯାଉ କହିଲା, 'ଉଃ, ବହୁତ ଗୁଡ଼ାଏ ସମୟ ଏଠି ନଷ୍ଟ ହେଲା' । ତା'ପରେ ବନ୍ଦୀ ଆଡ଼କୁ ଚାହିଁ କହିଲା, ହଁ, ଦେଖ । ସେସବୁ ବାଜେକଥା ଛାଡ଼ । ସେ କାକୁତିମିନତି, ପ୍ରାର୍ଥନା, ଅନୁରୋଧ—ମୁଁ କିଛି ଶୁଣିବାକୁ ଚାହେଁ ନା । ମୁଁ ଯାଉଛି । ତେଣେ ପୁଣି କାମ ବହୁତ ବାକି ପଡ଼ିଛି । ସେସବୁକୁ ଏଇ ଦୁ'ତିନି ଘଣ୍ଟା ଭିତରେ ସାରିବାକୁ ପଡ଼ିବ । ହଉ ଶୁଣ,

କରୁ ପ୍ରସ୍ତୁତ ହୋଇଥିବ ରାତି ତିନିଟାକୁ ।' ସନ୍ଧ୍ୟାର [illegible]ଗଲା ।
ତା' ପଛେ ପଛେ ଦୁଆର ବନ୍ଦ ହୋଇଗଲା ।

ପାଗଲ ସବୁ ଶୁଣିଲା । ସବୁ ଶୁଣି ଆଜି ସେ ପ୍ରକୃତରେ ପାଗଲ ପାଲଟି ଯିବାକୁ ବସିଲା । ସଙ୍ଗେ ସଙ୍ଗେ ଗୁପ୍ତ ପକେଟରୁ ଘଡ଼ିଟି କାଢି ଦେଖିଲା, ରାତି ଦଶ ବାଜି ପନ୍ଦର ମିନିଟ ହୋଇ ଗଲାଣି । ଉଃ ! ଆଉ ମୋଟେ ତିନୋଟି ଘଣ୍ଟାର ବ୍ୟବଧାନ ! ଏହାରି ମଧ୍ୟରେ ବନ୍ଦିନୀକୁ ରକ୍ଷା କରିବାକୁ ହେବ । ନୋହିଲେ ଏତେ ପରିଶ୍ରମ, ଏତେ ସାଧନା ବ୍ୟର୍ଥ ହେବ—ଲକ୍ଷ୍ୟ ଭ୍ରଷ୍ଟ ହୋଇ ଯିବ । ପାଗଲ ଚଞ୍ଚଳ ହୋଇ ଉଠିଲା । ଏଇ ତିନୋଟି ଘଣ୍ଟା ତା' ପକ୍ଷରେ ବର୍ତ୍ତମାନ ଅତି ମୂଲ୍ୟବାନ । ତିନି ଘଣ୍ଟା ପରେ ହୁଏତ ପଞ୍ଜୁରୀ ଛାଡ଼ି ପକ୍ଷୀ ଚାଲି ଯାଇଥିବ ।

ପାଗଲ ତତ୍ପର ହୋଇ ଘଡ଼ିର ପଛପଟ ଖୋଲିଲା । ଏଥର ଦେଖାଗଲା, ତା'ଭିତରେ ଗୋଲାକୃତି ଜାଲିଭଳି ଗୋଟାଏ ମାଇକ୍ରୋଫୋନ ବେତାର ଯନ୍ତ୍ରରେ ଖଞ୍ଜା ହୋଇଛି । ଏହିଭଳି ବେତାର ଘଡ଼ି ଗତ ଦ୍ୱିତୀୟ ମହାସମରବେଳେ ଜର୍ମାନୀ ସୈନ୍ୟମାନେ ବ୍ୟବହାର କରି ବିଭିନ୍ନ ଦେଶରେ ଥାଇ ନିଜ ଦେଶକୁ ସମ୍ବାଦ ପ୍ରେରଣ କରୁଥିଲେ । ସେହି ସମୟରେ ଭାରତରେ ଥିବା ଜଣେ ଜର୍ମାନୀ ଗୁପ୍ତଚରର ମୃତ୍ୟୁ ହେବାରୁ ଏଭଳି ଘଡ଼ି ସେପଟେ ସେ ହସ୍ତଗତ କରିଥିଲେ । ଏହି ଯନ୍ତ୍ରଟିର ଜାଲିଟିକୁ ପାଟି ପାଖରେ ନେଇ ପାଗଲ ଫୁସ୍ ଫୁସ୍ କରି କହିବାକୁ ଲାଗିଲା, 'ହ୍ୟାଲୋ, ମୁଁ M.A. କହୁଛି । ମୁଁ ବର୍ତ୍ତମାନ ଦସ୍ୟୁଦଳ ଦ୍ୱାରା ବନ୍ଦୀ । ଦସ୍ୟୁଦଳ ଆଜି ରାତି ତିନିଟା ସୁଦ୍ଧା ଏ ସ୍ଥାନ ଛାଡ଼ି ଚାଲିଯିବେ । ତରଣୀକୁଳ-କାନ୍ତି ସମ୍ବନ୍ଧରେ ଆମର ପୂର୍ବ ଅନୁମାନ ଠିକ । 'ଅପହୃତା' ଏବେ ସୁଦ୍ଧା ବଞ୍ଚିଛି । ତାକୁ ମଧ୍ୟ ସଙ୍ଗରେ ନେଇ ଅନ୍ୟ ସ୍ଥାନକୁ ଚାଲିଯିବେ ।

ଏଥି ମଧ୍ୟରେ ପାସ୍ୱାଶ୍ୱ ପ୍ରେରକ ଚିଠିଖଣ୍ଡ ପାଇଥିବ । ଚନ୍ଦ୍ର ସଂଗରେ ଥିବା ଖଣ୍ଡି ମଇଳା କାଗଜ ଉପରେ ଅଙ୍କା ହୋଇଥିବା ନକ୍ସା ସାହାଯ୍ୟରେ ବାଟ ଖୋଜି ଏଠାକୁ ଆସିବ । ବର୍ତ୍ତମାନ P.S.ର ସାହାଯ୍ୟ ଏକାନ୍ତ ଲୋଡ଼ା । ଏଣୁ ଅନ୍ୟୁନ ପକ୍ଷେ ଦଶ ପନ୍ଦର ଜଣ ସଶସ୍ତ୍ର ସିପାହି ଆଣିବ । ଦୁଇଟା ସୁଦ୍ଧା ଆସି ଯେପରି ଅଡ୍ଡାସ୍ଥଳୀ ଘେରାଉ କରାଯାଏ । ନଚେତ୍ ଅପହୃତା ସାଥେ ସାଥେ ମତେ ଓ ଅନ୍ୟବନ୍ଦୀ ଜଣକୁ ହରାଇ ବସିବ । ବେତାର ଘଡ଼ି ସାହାଯ୍ୟରେ ସମ୍ବାଦ ପଠାଇ ଦେଇ ପାଗଲା ଘଡ଼ିକୁ ଚୁହିଁଲା । ସାଢ଼େ ବାର ଅସି ବାଜିଲାଣି । ସେ ଅସ୍ଥିର ହୋଇ ଉଠିଲା । ଘଡ଼ିଟିକୁ ଟ୍ରୈଉସ ପକେଟ ମଧ୍ୟରେ ସଙ୍କାଣି ରଖି ଦେଲା ।

କାନ୍ଥର ବାଉଁଶ ଉପରେ ଗୋଡ ଦେଇ ପାଗଲାଟି ଅତି କଷ୍ଟରେ ଉପରକୁ ଧୀରେ ଧୀରେ ଚଢ଼ିବାକୁ ଲାଗିଲା । କାନ୍ଥର ଉପରଅଂଶରେ ହାତ ମାରି ଦେଖିଲା କି ଉପରାଂଶ ପଥର ଗୁଣ୍ଡିକର ଅକୁଡ଼ ଛୋଟ ଛୋଟ । ସେହି ଛୋଟ ପଥରରୁ ଗୋଟିକୁ ଧରି ଟାଣିଲା । ସୌଭାଗ୍ୟ ବଶତଃ ସେ ଖଣ୍ଡି ବାହାରି ଆସିଲା ଏବଂ ସେହି ସ୍ଥାନରେ ଏକ କ୍ଷୁଦ୍ର ଗର୍ତ୍ତ ଦେଖାଗଲା । ପାଗଲା ତଳକୁ ଓହ୍ଲାଇ ସେ ଗୋଟିକୁ ରଖିଦେଇ ପୁଣି ଚଢ଼ିଲା । ଏଥର ତା'ପାଖ ପଥରକୁ ଟାଣିଲା । ସେଇଟି ମଧ୍ୟ ସହଜରେ ଆତ୍ମ ସମର୍ପଣ କରି ବାହାରି ଆସିଲା । ସେ ଉକ୍ତ ଗର୍ତ୍ତବାଟେ ଏଥର ପଦାକୁ ମୁଣ୍ଡ ଗଳାଇଲା । ବାହାରକୁ ମୁଣ୍ଡକାଢି ଦେଖିଲା, ବାହାରେ ଗୋଟାଏ ଅଗଣା । କିଛି ଦୂରରେ ବହୁ ପୁରୁଣାକାଳିଆ ବରଗଛଟାଏ, ତାର ଶାଖା ପ୍ରଶାଖା ବିସ୍ତୃତଭାବେ ବିସ୍ତାର ଲାଭ କରିଛି । ପତ୍ରର ଗହଳି ଫାଙ୍କ ଦେଇ ଛପି ଛପିକା ଚନ୍ଦ୍ରକିରଣ ଅଗଣାରେ ପଡ଼ୁଛି । ଚନ୍ଦ୍ରାଲୋକରେ ପାଗଳା ଦେଖିଲା, କାରାଗୃହର ଦ୍ୱାର ନିକଟରେ ଜଣେ ପ୍ରହରୀ ଶୋଇ

ଘୁଙ୍ଗୁଡ଼ି ମାରୁଛନ୍ତି । ନିଦାରେ ଏଇଟିକୁ ଉପଯୁକ୍ତ ସମୟ ମନେ କରି ସେ ତଳକୁ ଅତି ସାବଧାନ ସହକାରେ ଆସିଲା । ତଳକୁ ଆସି ସେ ପକେଟରୁ ଖଣ୍ଡେ କନା ବାହାରକଲା ଏବଂ ଗୁପ୍ତ ପକେଟରୁ ଗୋଟିଏ ଛୋଟ କ୍ଲୋରୋଫର୍ମ ଶିଶି ବାହାର କରି ସେହି କନା ଉପରେ ତହିଁରୁ ଦୁଇତିନି ବୁନ୍ଦା ଢାଳିଲା । ତତ୍ପରେ ଶିଶିଟିକୁ ପୁନର୍ବାର ପକେଟ ମଧ୍ୟରେ ରଖିଦେଇ ସେ ସୁପ୍ତ ପ୍ରହରୀ ଆଡ଼କୁ ଅଗ୍ରସର ହେଲା ଧୀରେ ଧୀରେ—ଅତି ସନ୍ତର୍ପଣରେ । ତାପରେ ହଠାତ ଉକ୍ତ ପ୍ରହରୀର ନାକ ଉପରେ କନା ସହିତ ମାଡ଼ି ବସିଲା ପ୍ରହରୀଟି ଭୟରେ ଛଟିବଟେଇ ଉଠି ଚିତ୍କାର କରି ଉଠୁଥିଲା । କିନ୍ତୁ ପାଗଳାଟି ମହାନ ଚତୁର ଲୋକ । ସେ ସଂଗେ ସଂଗେ ତା' ଛାତି ଉପରକୁ ଚଢିଯାଇ ଏପରି ଜୋରରେ ଚିପି ଧରିଲା ଯେ ଉକ୍ତ ପ୍ରହରୀଟି ବାକଶକ୍ତିଶୂନ୍ୟ ହୋଇ ପଡ଼ିଲା । ଏସବୁ କ'ଣ ହେଉଛି ବୁଝି ପାରିବା ପୂର୍ବରୁ ସେ ଚେତା ହରାଇଲା । ପାଗଳା ପକେଟରେ ହାତମାରି ଦେଖିଲା, ପାଚିର ଚଢ଼ି ଓ ଗୋଡ଼ରେ ଫାସ ପଡ଼ିଥିବା ଦଉଡ଼ିଖଣ୍ଡି ପକେଟ ମଧ୍ୟରେ ସେମିତି ପଡ଼ିଛି । ସେଇଥିରେ ମୂର୍ଚ୍ଛିତ ପ୍ରହରୀର ହାତଗୋଡ଼ ବାନ୍ଧିଦେଇ ତାକୁ ଲୁଚାଇ ଦେଲା । ବନ୍ଦୀଶାଳାର ବାହାରକୁ ଆସିଲା ସିନା, ହେଲେ ତେଣିକି ସେ ଆଉ କୌଣସି ପଥ ପାଇ ପାରିଲା ନାହିଁ । ଅଜଣା ସ୍ଥାନରେ ତା' ଚାରି ପଟେ ଗୋଟାଏ ମସ୍ତବଡ଼ ମେଘନାଦ ପ୍ରାଚୀର ଘେରି ରହିଥିବାର ସେ ଦେଖିଲା । କ୍ଷଣିକ ପାଇଁ ସେ କିଂକର୍ତ୍ତବ୍ୟ ବିମୂଢ଼ ହୋଇ ପଡ଼ିଲା । କଣ କରିବ ? କିପରି ତେଣେ ବନ୍ଦିନୀକୁ ଉଦ୍ଧାର କରିବ ? ଏଣେ ଯେ ସମୟ ହୋଇ ଯାଉଛି । ସେ ହତଜ୍ଞାନ ହୋଇ ପଡ଼ିଲା । କିଛି ଆଉ ଭାବି ପାରିଲା ନାହିଁ । ଚାରିଆଡ଼କୁ ଆଖି ବୁଲାଇ କୌଣସି ଉପାୟ ଖୋଜିବାରେ ଲାଗିଲା । ହଠାତ୍

ତାଙ୍କୁ ଗୋଟାଏ ବୁଦ୍ଧି ଦିଶିଲା । ସେ ଯେଉଁଠି ଛିଡ଼ା ହୋଇଥିଲା, ସେହି ସ୍ଥାନ ନିକଟରେ ବରଗଛର ଓହଳଟାଏ ତଳକୁ ଲମ୍ବି ଯାଇଥିଲା । ଆଗପଛ କିଛି ବିଚାର ନକରି ସେ ସେହି ଓହଳ ଧରି ଗଛ ଉପରକୁ ଚଢିଗଲା । ଗଛରେ ଚଢି ପାଚେରିର ଅନ୍ୟ ପାର୍ଶ୍ୱରେ ପହଞ୍ଚିଲା ବେଳକୁ ସମୟ ପ୍ରାୟ ସାଢେ ଦ'ଟା ହେବ । ଉଃ, ଆଉ ଅଧଘଣ୍ଟାଏ ମାତ୍ର ! ତଥାପି ସେ ବନ୍ଧୁଙ୍କୁ ରକ୍ଷାକରିବା ଲାଗି ଏପର୍ଯ୍ୟନ୍ତ କିଛି କରି ପାରିଲା ନାହିଁ ! ଭଗବାନଙ୍କ ଠାରେ ଭରସାରଖି ସେ ଆଗେଇ ବାରେ ଲାଗିଲା । ଗଛରୁ ଓହ୍ଲାଇବାକୁ ଯାଉଛି ଶୁଣିଲା, ସେଇ ଗଛତଳେ କେହି ଦୁଇଜଣ କଥାବାର୍ତ୍ତା ହେଉଛନ୍ତି , କାନ ଡେରିଲା ।

ଶୁଣିଲା, ଜଣେ କହୁଛି, "ହଁ, ତିନିଟା ବାଜିଲା ଆସି, ତାଙ୍କୁ ଆଗ ନେଇ ଯିବାକୁ ହେବ । ତା'ପରେ ଅନ୍ୟଜଣଙ୍କ କଥା ବିଚାର କରିବା ।"

ଦ୍ୱିତୀୟ ଜଣକ କହିଲା, "କିନ୍ତୁ ସର୍ଦ୍ଦାର, ତା'କୁ କ'ଣ ଛାଡ଼ିଦେବେ ? ନା ସର୍ଦ୍ଦାର, ଆଗପଛ କଥା ନାହିଁ । ତାଙ୍କୁ ମଧ୍ୟ ଏହାର ସାଙ୍ଗରେ ନିଆଯାଉ, ନୋହିଲେ, ସେ ଏଠାରୁ ଖସିଗଲେ ପୋଲିସରେ ଖବର ଦେଇ ଦେବ । ଫଳରେ ଆମେ ସମସ୍ତେ ଧରା ପଡ଼ିବୁ ।"

ସର୍ଦ୍ଦାର ଟିକେ ଭାବି କହିଲା, "ବେଶ୍, ତା'ହେଲେ ତାଙ୍କୁ ବି ନୂଆ ଅଡ୍ଡାସ୍ଥଳୀକୁ ନେଇ ଯାଅ । ସେଠାରେ ପହଞ୍ଚିସାରିଲା ପରେ ତା' କଥା ବୁଝିବା, "ଟିକଏ ରହି ଅନ୍ୟ ଜଣକୁ ପଚାରିଲା, "ଅଚ୍ଛା ଦୁର୍ଜ୍ଜୟ, ଲଞ୍ଚମନ୍ ଗାଡ଼ି ଠିକ୍ କଲାଣିତ ?"

ଦୁର୍ଜ୍ଜୟ କହିଲା, "ହଁ, ସର୍ଦ୍ଦାର ।"

ସର୍ଦ୍ଦାର କହିଲା, "ହଁ, ତେବେ ଆଉ ଡେରି କାହିଁକି ? ଯେତେ ଚଞ୍ଚଳ ପାରିବା, ଆମକୁ ଏ ସ୍ଥାନ ଛାଡ଼ି ଚାଲିଯିବାକୁ ହେବ । ଦେଖ ଆଉ ଘଣ୍ଟାଏ ବାଦ ପ୍ରାୟ ଫଉଜ ପଡ଼ି ଆସିବ । ତା'ଆଗରୁ ଆମକୁ ଯେମିତି ଚାଲିଯିବାକୁ ପଡ଼ିବ ।" ଦୁର୍ଦ୍ଧର୍ଷ ସହିତ ଆଗେଇ ଯାଉଯାଉ ସର୍ଦ୍ଦାର କହିଲା, "ହଉ, ଲଛମନ ତେତେଣେ ଗାଡ଼ି ଜଗିଥାଉ । ତୁମେ ମୋ ସଙ୍ଗରେ ଏଣେ ଆସ ।"

ଦୁହେଁ ଅଡ଼ାଘର ଆଡକୁ ଚାଲିଗଲେ ।

ଚାରିଆଡକୁ ଥରେ ଭଲଭାବରେ ଚାହିଁଦେଇ ପାଗଳା ଗଛ ଉପରୁ ଶୀଘ୍ରଶୀଘ୍ର ତଳକୁ ଓହ୍ଲାଇଲା । ତଳକୁ ଆସି ଦେଖିଲା, ସେ ଆସି ପହଞ୍ଚିଛି ଜଙ୍ଗଲପଥ ଉପରେ, ମନେମନେ ଭଗବାନଙ୍କୁ ସ୍ମରଣ କରି ଦୀର୍ଘନିଶ୍ୱାସ ଛାଡ଼ିଲା ।

ଆଗରେ କିଛି ଦୂରରେ ଦେଖିଲା, ସେଇ ରାସ୍ତା ଉପରେ ପୂର୍ବର ସେହି କଳାରଙ୍ଗର ଗାଡ଼ିଟି ଆଗକୁ ମୁହଁକରି ଛିଡ଼ା ହୋଇଛି । ପାଗଳା ସବୁ ବୁଝି ପାରିଲା । ବୁଝିପାରିଲା ଏଇ ଗାଡ଼ି କାହାକୁ ଅପେକ୍ଷା କରିଛି ।

ହାତରେ ମୋଟେ ଆଉ ଦଶମିନିଟ । ଆଉ ସମୟ ନଷ୍ଟ ନ କରି ପାଗଳା ଭଙ୍ଗାଗଛଟି ରାସ୍ତାଧାର ବୁଦା ତଳେତଳେ ନୋଇଁ ଚାଲିଲା ସେହି ଗାଡ଼ି ଆଡକୁ । କିଛିବାଟ ଆଗେଇଛି କି ନାହିଁ ହଠାତ୍ ତା'ର ଅତି ନିକଟରେ ଖସ୍‌ଖସ୍ ଶବ୍ଦହେଲା । ସେ ଚମକି ପଡ଼ି ସେଇଠି ସେଇ ବୁଦା ଉପରେ ନିଶ୍ୱାସ ବନ୍ଦକରି ଲେପଟି ପଡ଼ିଲା । ଛାତି ତା'ର ଧଡ଼୍‌ଧଡ଼୍ ହୋଇ ଉଠୁଥାଏ ପଡୁଥାଏ ।

କିନ୍ତୁ ତା'ର ସେ ଭୟ ବେଶୀକ୍ଷଣ ଆଉ ରହିଲା ନାହିଁ । ପରକ୍ଷଣରେ ହଠାତ୍ ତା ମୁଖ ଉଜ୍ଜ୍ୱଳ ହୋଇଉଠିଲା । ଧୀର ସଙ୍କେତ ଶୁଣି ପାଗଳଟି ଉତ୍ତରରେ ସେହିଭଳି ସାଙ୍କେତିକ ଶବ୍ଦକଲା ।

ବୁଢ଼ାଭଳି ନଇଁ ନଇଁ ଲୋକଟାଏ ପାଗଳା ପାଖକୁ ଲାଗିଲାଗି ଆସିଲା । ପାଗଳାଟାକୁ ଚାହିଁଲା । ତା'କାନ ପାଖେ ମୁହଁ ଲଗାଇ କହିଲା, "କ'ଣ ସବୁ ଠିକ୍ ତ ?" ଆରଜଣକ ଫିସ୍ ଫିସ୍ କରି କହିଲା, "ହଁ, ସବୁ ଠିକ୍ ଅଛି ।" ଟିକିଏ ରହି ରାସ୍ତାଉପରକୁ ଚାହିଁ ସେ କହିଲା, "କିନ୍ତୁ ଏ ଗାଡ଼ିଟା କାହିଁକି ଏଠି ଏତେବେଳେ ଛିଡ଼ା ହୋଇଛି ?" ତାକୁ ସେଇଠାରେ ଛାଡ଼ି ଯାଉ ଯାଉ ପାଗଳା କହିଲା, "ତେଣ ସବୁ ବୁଝିପାରିବ । ବର୍ତ୍ତମାନ ହାତରେ ସମୟ ଖୁବ୍ ଅଳ୍ପ । ସମୟ ପ୍ରାୟ ହୋଇଗଲାଣି । ମୁଁ ଆଗ ମୋ କାମ କରେ ।" ଏହାକହି ସେ ବୁଢ଼ାଭଳି ପୂର୍ବପରି ନଇଁ ନଇଁ ଗାଡ଼ି ଆଡ଼କୁ ଚାଲିଗଲା ।

ଗାଡ଼ିଆଡ଼କୁ ଆସି ଦେଖିଲା, ଜଣେ ଲୋକ ଦେହସାରା କଳା ପୋଷାକରେ ଆବୃତ ହୋଇ ବସି ବସି ଢୋଳେଇ ପଡ଼ୁଛି ଡ୍ରାଇଭରର ସିଟ ଉପରେ । ସେହି ତେବେ ଡ୍ରାଇଭର ଲଛମନ୍ ହେବ ପରା । ଏଇ ବେଶ୍ ଉପଯୁକ୍ତ ସମୟ । କିନ୍ତୁ କିପରି ସେ ଲୋକଟାକୁ କାବୁ କରିବ ସେଇକଥା ଚିନ୍ତା କରିବାକୁ ଲାଗିଲା ସୌଭାଗ୍ୟକୁ ସେହିଠାରେ ଗୋଟାଏ ଛୋଟ ମୋଟା ଡାଳଟାଏ ପଡ଼ିଥିଲା । ସେଇଟିକୁ ଗୋଟାଇ ଧରି ସେ ଝଂପଟି ପଡ଼ିଲା ଡ୍ରାଇଭର ଉପରକୁ, ଆଉ ତାପରେ ଏକା ପାହାର ପକେଇଲା ତା'ମୁଣ୍ଡ ଉପରକୁ ସଙ୍ଗେ ସଙ୍ଗେ ଲୋକଟି ମୂର୍ଚ୍ଛାଗଲା । ଯେପର୍ଯ୍ୟନ୍ତ କେହି ପାଗଳକୁ ଆଘାତ କରେ ନାହିଁ, ସେପର୍ଯ୍ୟନ୍ତ ସେ କାହାର ଅନିଷ୍ଟ କରେ ନାହିଁ । ବରଂ ଏସବୁର ବଡ ବିରୋଧୀ ସେ । କିନ୍ତୁ ଲଛମନ୍‌କୁ ପ୍ରଥମେ ଆଘାତ ନ କରିବା ଛଡ଼ା ସେତେବେଳେ ତା'ର ଅନ୍ୟୋପାୟ ନ ଥିଲା । ସେ ବାଧ୍ୟ ହୋଇ ଲଛମନକୁ ଆଘାତ କଲା, ନଚେତ୍ ବନ୍ଦୀମାନଙ୍କୁ ଉଦ୍ଧାର କରିବା ସଙ୍ଗେ ସଙ୍ଗେ ନିଜ ଜୀବନର ଆଶାମଧ୍ୟ ତାକୁ ବିସର୍ଜନ କରିବାକୁ ପଡ଼ିଥାନ୍ତା ।

ଲଛମନର ମୂର୍ଚ୍ଛିତ ଶରୀରକୁ କାନ୍ଧ ଉପରେ ପକାଇ ବୁଦାବଣରେ କୋଉଁଠିନାଇଁ ପାଗଲଟି ପୂର୍ବୋକ୍ତ ବ୍ୟକ୍ତି ନିକଟକୁ ଫେରି ଆସିଲା ଫେରିଆସି କହିଲା, "ଯ୍ୟାଙ୍କୁ ଶୀଘ୍ର ବାନ୍ଧି ଏ ବୁଦା ଭିତରେ ପକାଇ ଦିଅ । କେହି ଯେପରି ନ ଦେଖିବେ ।" ଅପରବ୍ୟକ୍ତିଟି ତତ୍‌କ୍ଷଣାତ୍ ଖଣ୍ଡେ ଲଇ ଗୋଟାଏ ଆଣି ଲଛମନ୍‌ର ଗୋଡ଼ହାତ ବାନ୍ଧିବାରେ ଲାଗିଲା । ପାଗଲା ଇତ୍ୟାବସରରେ ଡ୍ରାଇଭରର କଳା ପୋଷାକ କାଢି ଚଟାପଟ୍ ନିଜ ଦେହରେ ଗଳାଇ ପକାଇଲା । ତା'ପରେ ଅପର ବ୍ୟକ୍ତିଠାରୁ ମଇଳା କାଗଜ ଉପରେ ଅଙ୍କା ହୋଇଥିବା ଗୋଟିଏ ନକ୍‌ସା ମାଗିନେଲା । ତତ୍ପରେ ଶୀଘ୍ରଶୀଘ୍ର ଚାଲିଆସି ନିଜର ପୂର୍ବ ପୋଷାକ ଟେଲିଫୋନ ଓ ବେତାର ଘଣ୍ଟି ଇତ୍ୟାଦି ଉପକରଣ ଗୁଡ଼ିକୁ ଡ୍ରାଇଭର୍‌ର ସିଟ୍ ଗଦି ତଳେ ଲୁଚାଇ ଦେଇ ନିଜେ ଡ୍ରାଇଭରର ସିଟ୍ ଉପରେ ବସି ରହି ପରମୁହୂର୍ତ୍ତିକୁ ଅପେକ୍ଷା କରିବାକୁ ଲାଗିଲା ।

ଅଳ୍ପଦୂରରୁ ସର୍ଦ୍ଦାରର ପାଟି ଶୁଣାଗଲା । ସେ କହୁଥାଏ, 'ହଁ, ଜଲଦି, ଢେର୍‌ଟା ବାଜିଗଲାଣି କେତେବେଳୁ । ଶୀଘ୍ର ନେଇଆସ ।

ଅଳ୍ପ ସମୟ ପରେ ସମସ୍ତେ ଆସି ଗାଡ଼ି ପାଖରେ ପହଞ୍ଚିଲେ । ପାଖରେ ବନ୍ଦୀ ଓ ବନ୍ଦିନୀଙ୍କୁ ବୋହି ଛିଡ଼ା ହୋଇଥିବା ଲୋକ ଦୁଇଟାକୁ ଲକ୍ଷ୍ୟକରି ସର୍ଦ୍ଦାର କଡ଼ା ଆଦେଶ ଦେଲା, "ଚାହିଁଛ କ'ଣ ? ଶୀଘ୍ର ଯ୍ୟାଙ୍କୁ ଗାଡ଼ିରେ ବସାଇ ଦେଇ ଭଲକରି ବାନ୍ଧିଦିଅ ସିଟ୍ ଦେହରେ, ଯେମିତ ହଲଚଲ କହିବାର ଶକ୍ତି ନ ରହିବ ।" ତା ପରେ ଡ୍ରାଇଭର ଉଦ୍ଦେଶ୍ୟରେ କହିଲା, ଦେଖ ଲଛମନ୍, ଯ୍ୟାଙ୍କ ଉପରେ ସର୍ବଦା କଡ଼ା ନଜର ରଖିବ । ବାଟରେ ଯଦି କୌଣସି ଅସୁବିଧାରେ ପକାନ୍ତି, ତେବେ ସାଙ୍ଗେସାଙ୍ଗେ ହାଣି ଫିଙ୍ଗିଦେବ ପଦାକୁ । ଆମେ ପଛେ ପଛେ ଯାଉଛୁ । କ'ଣ ବୁଝିଲ ?"

ଡ୍ରାଇଭରଟି ନୀରବରେ କେବଳ ମୁଣ୍ଡ ହୁଙ୍କାର ଦେଲା ।

ତା'ପରେ ଗାଡ଼ି ଛାଡ଼ିଦେଲା ।

ଏତିକିବେଳେ ଧଇଁସଇଁ ହୋଇ ଗୋଟିଏ ଲୋକ ଦୌଡ଼ିଆସି ସର୍ଦ୍ଦାରଙ୍କୁ ଜଣାଇଲା, ତିନି ନମ୍ବର ବଳୀ କୁଆଡେ ଚମ୍ପଟମାରି ଖସି ପଳାଇଛନ୍ତି । କାରଗ୍ୟାରେଜ ସମ୍ମୁଖରେ ଜଗୁଆଳ ଥିବା ପ୍ରହରୀଟି ହାତ ଗୋଡ଼ ବନ୍ଧାହୋଇ ଅଚେତ ଅବସ୍ଥାରେ ପଡ଼ିଛନ୍ତି । ଆଉ ଲଛମନ ମଧ୍ୟ··· ସର୍ଦ୍ଦାର ଚମକି ଉଠିଥିଲା । ଉଦ୍‌ଗ୍ରୀବ ହୋଇ କହିଲା "କ'ଣ, କ'ଣ ହେଲା ଲଛମନ··· ?"

ଉକ୍ତ ଲୋକଟି କହିଲା, "ଲଛମନ ମଧ୍ୟ ଲଙ୍ଗଳାହୋଇ ଏଇ ବାଟେ କର ବୁଦାତଳେ ବନ୍ଧନାବସ୍ଥାରେ ଅଚେତନ ହୋଇ ପଡ଼ିଛି ।"

ସର୍ଦ୍ଦାର ଆଉ ଶୁଣି ପାରିଲାନାହିଁ । ମୁଣ୍ଡଟାର ଘୁରିବାକୁ ଲାଗିଲା ସେ ଗୋଟାସୁଦ୍ଧା ପାଗଳ ହୋଇ ଯିବାକୁ ବସିଲା ।

ଦୁର୍ଦ୍ଧର୍ଷ ଅସ୍ଥିର ହୋଇ କହି ଉଠିଲା, "ଲଛମନ୍ ଅଚେତନ ଅବସ୍ଥାରେ ପଡ଼ିଛି । ତା'ହେଲେ ସେ ଗାଡ଼ି ଚାଳକ କିଏ ?"

ଉନ୍ମାଦ ହୋଇ ସର୍ଦ୍ଦାର ଚିତ୍କାର କରି ଉଠିଲା, "ଗଲା—ଗଲା—ସବୁ ସରିଲା ଏଥର । ପିଞ୍ଜରାବଦ୍ଧ ପକ୍ଷୀମାନେ ପଞ୍ଜୁରୀ ଛାଡ଼ି ଉଡ଼ି ଯାଇଛନ୍ତି !"

ଗାଡ଼ି ସେତେବେଳକୁ ମୋଟ ଅଳ୍ପବାଟ ଅଗେଇ ଯାଇଛି । ସର୍ଦ୍ଦାର ପାଗଳଙ୍କ ଭଳି ଆଗକୁ ଦଉଡ଼ି ଯାଇ ପକେଟ ଭିତରୁ ପିସ୍ତଲଟେ କାଢି ଗାଡ଼ି ଟାୟାର ପ୍ରତି ଲକ୍ଷ୍ୟ ରଖି ଗୁଳି କରିବାକୁ ଯାଉଥିବା ବେଳେ·········

·········ହଠାତ୍ ପଛ ପଟରୁ 'ଢୋ' 'ଢୋ' ଶବ୍ଦରେ ଗଗନ ପବନ ପ୍ରକମ୍ପିତ ହୋଇ ଉଠିଲା । ଚୂହୁଁ ଚୂହୁଁ ସର୍ଦ୍ଦାର ହାତରେ ଥିବା ବିର୍ଷଣ ମୁଖୀ ପିସ୍ତଲ ଦେହରେ ଗୁଳିମାଡ଼ ବାଜି ତାହା ତଳକୁ

ଖସି ପଡ଼ିଲା । ସଙ୍ଗେ ସଙ୍ଗେ ଘନ ଘନ ହୁଇସିଲ୍ ବାଦନରେ ନିର୍ଜ୍ଜନ ବନଭୂମି କମ୍ପି ଉଠିଲା ।

ସର୍ଦ୍ଦାର ପଛକୁ ବୁଲି ପଡ଼ିଲା । ସେ ଯାହା ଦେଖିଲା, ତହିଁରେ ନିଜକୁ ବିଶ୍ୱାସ କରି ପାରିଲା ନାହିଁ । ଏ ଯେ ମାଖନଲାଲ ହାତର ରିଭଲଭର ସର୍ଦ୍ଦାରର ଛାତିକୁ ଅନାଇ ରହିଛି । ଚାରିଆଡ଼େ ସଙ୍ଗୀନଧାରୀ ସିପାହୀ ଘେରାଉ କରି ଛିଡ଼ା ହୋଇଛନ୍ତି । ସମସ୍ତଙ୍କର ବନ୍ଧୁକ ଅଗ୍ରଭାଗ କେନ୍ଦ୍ରୀଭୂତ ହୋଇଛି ତା'ର ଦଳର ଲୋକଙ୍କର ଠିକ୍ ମୁଣ୍ଡ ଉପରକୁ । ସର୍ଦ୍ଦାରର ପାଟିରୁ ଭୟ ବିହ୍ୱଳିତ ସ୍ୱରରେ ଅଜାଣତରେ ବାହାରି ପଡ଼ିଲା, "ମାଖନଲାଲ ବାବୁ, ଆପଣ ?"

ମାଖନଲାଲ କିନ୍ତୁ ବଜ୍ର ଗମ୍ଭୀର ସ୍ୱରରେ ଆଦେଶ ଦେଲେ, "Hands up first." ଖସି ଯିବାର ଆଉ ବାଟ ନାହିଁ । ହୁକୁମ ନମାନିବା ଛଡ଼ା ସର୍ଦ୍ଦାରର ଅନ୍ୟ କୌଣସି ଉପାୟ ନଥିଲା । ବାଧ୍ୟ ଶିଶୁଟିପରି ସେ ଦୁଇହାତକୁ ଉପରକୁ ଟେକିଲା । ସର୍ଦ୍ଦାରର ଦେଖା ଦେଖି ଅନ୍ୟମାନେ ମଧ୍ୟ ଅସ୍ତ୍ର ସମର୍ପଣ କଲେ । ଅଳ୍ପକ୍ଷଣେ ସମସ୍ତଙ୍କ ହାତରେ ଲୌହ ଶିକୁଳି ପିନ୍ଧାଇ ଦିଆଗଲା । ତା'ପରେ ଆଉଟାସ୍ଥଳୀ ଭିତର ଅଂଚଳ ପ୍ରଦୀପ ଓ ବୁଦା ତଳୁ ଡ୍ରାଇଭର ଲଛମନକୁ ମଧ୍ୟ ଗିରଫ କରାଗଲା ।

× × ×

ଅଳ୍ପ କେତେ ବାଟ ଆଗେଇ ଗଲା ପରେ ସେ ଯେତେବେଳେ ବନ୍ଧୁକର ଆବାଜ୍ ଶୁଣିଲା, ସେତେବେଳେ ସେ ଭାବିବାକୁ ଲାଗିଲା, ଅନ୍ୟ କୌଣସି ଜାଗାରୁ ଦସ୍ୟୁ ଦଳ ଉପରେ ଆକ୍ରମଣ କରି ଦେଇଛି । ତେଣୁ ଉଦ୍‌ଗ୍ରୀବ ହୋଇ ସେ ସେହିଠାରେ ଗାଡ଼ି ରଖି ଦେଇ ବନ୍ଦୀ ଓ ବନ୍ଦିନୀ ଉଭୟଙ୍କୁ ବନ୍ଧନ ମୁକ୍ତ କଲା । ବନ୍ଦୀ ଓ ବନ୍ଦିନୀ ଉଭୟେ ଡ୍ରାଇଭର୍‌ର ଏ ପ୍ରକାର କାର୍ଯ୍ୟ କଳାପ ଦେଖି ଆଶ୍ଚର୍ଯ୍ୟ

ହେଲେ । ସତେ, ଡ୍ରାଇଭର ଏ କ'ଣ କଲା । ସେମାନଙ୍କୁ ବନ୍ଧନ ମୁକ୍ତ କରି ଛାଡ଼ି ଦେଲା । ଦୁହେଁ ଆଚମ୍ବିତ ହୋଇ ଡ୍ରାଇଭର ଆଡ଼କୁ ଚାହିଁ ରହିଲେ ।

ଡ୍ରାଇଭର ହସି ହସି ଯୁବକ ଜଣକୁ କହିଲା, "ଆପଣଙ୍କୁ ଗାଡ଼ି ଚଳାଇ ଆସେ ତ ?"

ଯୁବକ ଜଣକ ଏସବୁ ସ୍ୱପ୍ନ ନା ସତ୍ୟ କିଛି ବୁଝି ନପାରି ନୀରବରେ କେବଳ ମୁଣ୍ଡ ଠୁଙ୍ଗାରି ଦେଲା । ଡ୍ରାଇଭର କହିଲା, "ତେବେ ଆପଣ ଯୁବତୀଙ୍କୁ ନେଇ ଗାଡ଼ି ଚଳାଇ ଚଞ୍ଚଳ ଏଠାରୁ ଚାଲି ଯାଆନ୍ତୁ । ଏଇ ନକ୍ସା ସାହାଯ୍ୟରେ ଗଲେ ଶ୍ରୀକାନ୍ତ ବାବୁଙ୍କ ଘରକୁ ଠିକ୍ ବାଟ ପାଇବେ । ଆପଣ ଶୀଘ୍ର ଯାଆନ୍ତୁ ଭାଇ ।" ଏତିକି କହି ପକେଟରୁ ଖଣ୍ଡେ ମଇଳା କାଗଜ ବାହାର କରି ଯୁବକର ହାତକୁ ବଢ଼ାଇ ଦେଲା । ତାପରେ ପିସ୍ତଲଟିକୁ ସଙ୍ଗରେ ଧରି ଦ୍ରୁତ ଗତିରେ ଆଡ୍ଡାସ୍ଥଳୀ ଆଡ଼କୁ ଫେରିଗଲା । ଯୁବକ ଓ ଯୁବତୀ ଉଭୟେ ଡ୍ରାଇଭରର ଯିବା ବାଟକୁ ଅପଲକ ନୟନରେ ଚାହିଁ ରହିଲେ ।

ଯୁବକ ଜଣକ ଯୁବତୀକୁ ପଚାରିଲା, "ଏ ଲୋକଟି କିଏ ? ଦସ୍ୟୁ ଦଳର ଲୋକ ହୋଇ ମଧ୍ୟ ସେ ଆମକୁ ଏତେ ବଡ ବିପଦରୁ କାହିଁକି ଉଦ୍ଧାର କଲା ?

ଯୁବତୀଟି ଉତ୍ତର ଦେଲା, "ମୁଁ ବି ବୁଝି ପାରୁ ନାହିଁ ଏ କ'ଣ ଘଟି ଯାଉଛି । ବଡ ଆଶ୍ଚର୍ଯ୍ୟ କଥା, ସେ ବାପାଙ୍କୁ ଜାଣେ । ପୁଣି ଆମ ଘରକୁ ବାଟ ବି ଚିହ୍ନେଛି । ଏସବୁ ମତେ ପ୍ରହେଳିକା ପରି ଲାଗୁଛି । ମୁଁ କିଛି ବୁଝି ପାରୁ ନାହିଁ ।"

"ବୁଝି ପାରୁନ ? ଯେଉଁଠି ପବିତ୍ର ପ୍ରେମ, ସେଇଠି ଘଟ

ଭଗବାନ !" —କହି ଯୁବକଟି ହସି ହସି ଯୁବତୀ ଉପରକୁ ଲୋଟି ପଡ଼ିଲା ।

× × ×

ପଶ୍ଚିମ ପଟ ଦୂର ପାହାଡ଼ର ପଥାନ ତଳକୁ ଜହ୍ନ ଧୀରେ ଧୀରେ ବୁଡ଼ି ଯାଉଛନ୍ତି । ଜହ୍ନ ପାଖକୁ ଲାଗିକରି କୁଆଁ ତାରାଟାଏ ଡ଼ବ ଡ଼ବ ଆଖିରେ ଚାହିଁ ରହିଛି । ପାହାନ୍ତିର ଥିର ଥିର ପବନ ସାଥିରେ ଖେଳି ବୁଲୁଛନ୍ତି କେଉଁ ଏକ ଅଜଣା ବନ ଫୁଲରୁ ସୁଗନ୍ଧ ସୌରଭ ।

ନିର୍ଜନ ରାତ୍ରି । ବନ ଗହନର ନୀରବ ନିସ୍ତବ୍ଧତା । ଦିଗ୍‌ବଳୟ କୋଳକୁ ଅଷ୍ଟମୀ ଚନ୍ଦ୍ର ଫେରି ଯାଉଛନ୍ତି । ରାତ୍ରିର ତମସା ଧୀରେ ଧୀରେ ଅପସରି ଯାଉଛନ୍ତି ।

ନିଚ୍ଛୋଳ ବନ୍ୟ ପଥ ଉପରେ ନବ ଯୁବକ ଯୁବତୀ ଧାଉଁଛି । ପରସ୍ପର ପରସ୍ପରର ସାନିଧ୍ୟ ଲାଭ କରୁଛନ୍ତି । ଏତେ ଦିନର ଦୀର୍ଘ ବିଚ୍ଛେଦ ପରେ ଏ ମିଳନ ମାଧୁରୀକୁ ପୂର୍ଣ୍ଣ ଭାବରେ ପିଇ ଦେବାକୁ ଚାହୁଁଛି ତାଙ୍କର ମନ ।

ଉପରେ ଶରତର ମେଘ ମୁକ୍ତ ନୀଳ ଆକାଶ । ତଳେ ପଥ ଧାରରେ ଶିଶିର ସିକ୍ତ ସବୁଜ ଦୁବ । ବହଳିଆ କୁହୁଡ଼ିର ବୁକୁ ଚିରି ଚାଲନ୍ତା ମଟରଗାଡ଼ି ଉଡ଼ି ଚାଲିଛି ।

ଶ୍ରୀକାନ୍ତବାବୁଙ୍କ ଘରକୁ ଅହୁର ଗଦାଏ ବାଟ ।

—ଦଶ—

କଲେଜରେ ଭର୍ତ୍ତି ହେବାର ପ୍ରଥମ କେତୋଟି ମାସ ସେ ବେଶ୍ ଭଲ ପିଲାଟି ପରି ପଢାଶୁଣା କଲା । କିନ୍ତୁ ତା’ପରେ ସହପାଠିନୀ ଛବିଲା, ଗୀତା, ସୁପ୍ରଭା—ଏମାନଙ୍କର ରୂପର ମୋହ ତା’ ଚାରି-ପାଖରେ ଏକ କୁହୁକ ଜାଲ ସୃଷ୍ଟି କରିଥିଲା । ନିଜର ପଢାପଢିରେ ଅବହେଳା କରି ନିତ୍ୟ ଏମାନଙ୍କର ଚରଣପଦ୍ମେନାସ୍ତି ସେବା କାର୍ଯ୍ୟରେ ନିଜକୁ ନିୟୋଜିତ କରି ମଧ୍ୟ ତା’ର ତୃଷ୍ଣା ମେଣ୍ଟିଲା ନାହିଁ । ତା’ର ଏଇ ଦୁର୍ବଳତାର ସୁଯୋଗ ନେଇ ବହୁତ ସୁବିଧାବାଦୀ ଯୁବକ ତା’ର ଅନ୍ତରଙ୍ଗ ହେଲେ । ବନ୍ଧୁମାନଙ୍କର ଚା’, ସିଗାରେଟ୍‌ର ଖର୍ଚ୍ଚ ତାକୁ ତୁଲେଇବାକୁ ପଡେ । ନିଜ ବନ୍ଧୁମାନଙ୍କ ଗହଣରେ ଯାଇ ବେଶ୍ ସ୍ପର୍ଦ୍ଧାରେ ଚା’ ପିଆଇବା ତା’ର ପ୍ରତିଦିନର କାର୍ଯ୍ୟକ୍ରମରୁ ଗୋଟିଏ ହୋଇ ପଡ଼ିଲା । ଦିନକୁ ଦିନ ବନ୍ଧୁଙ୍କର ସଂଖ୍ୟା ବଢି ଚାଲିଥାଏ, ଏଣେ ରୂପସୀମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ଅଜସ୍ର ଅର୍ଥ ବ୍ୟୟିତ ହେଉଥାଏ । ସେମାନଙ୍କୁ ବି, ଏନ୍, ଆର୍ କ୍ୟାଣ୍ଟିନରେ ଖୁଆଇବା, ପ୍ରତିଦିନ ନୂଆ ନୂଆ ଖେଳମାନଙ୍କରେ ସେମାନଙ୍କ ପାଇଁ

ସିନେମାର ବାଲ୍‌କୋନି ସିଟ୍ ରିଜର୍ଭ କରିବା ତା'ର ଭାରି ବଡ଼ କାମ। ହଁ, ଚିନ୍ତା କ'ଣ ଅଛି ? ଟଙ୍କା ପଇସା ପାଇବାର ତ ଅଭାବ ନାହିଁ। ଅଭାବ ଅଛି କେଉଁଥିରେ ? ଘରୁ ଅର୍ଥ ଆସୁଛି। ନିଅଣ୍ଟ ପଡ଼ିଲେ ଅବଶ୍ୟ ପିତୃଦେବଙ୍କର ତହବିଲ୍ ଠେଲି କରି ବଡ଼ ବଡ଼ ନୋଟ୍ ଆଣିବାକୁ ପଡ଼ୁଛି। କିନ୍ତୁ ଏଣେ ଯେ ସୁପ୍ରଭା, ଛଇଲି ଗୀତା ପ୍ରଭୃତି ରୂପସୀମାନଙ୍କର ସାନିଧ୍ୟ ଲାଭ ଘଟୁଛି। ଏପରି ସ୍ୱର୍ଗୀୟ ସୁଖଲାଭ ଅନ୍ୟକଥା ଭାବିବାକୁ ତା'ର ଅବସର କାହିଁ ?

ଆଉ ମହେଶ ? ତା'ପରି ଅବଶ୍ୟ ଧନୀ ତଥାପି ବଡ଼ଲୋକୀ ଆଭିଜାତ୍ୟ ଓ ଗର୍ବ ତାକୁ ସ୍ପର୍ଶ କରି ପାରି ନାହିଁ। ସୁରେନ୍ଦ୍ର ମହେଶର ପିଲାଟି ଦିନରୁ ସାଙ୍ଗ। ଏକା ଗାଁରେ ଏ ଦୁହିଁଙ୍କର ଜନ୍ମ। ପିଲାଦିନେ ଏକାଠି ମିଶି ପୁନେଇଁ ଜହ୍ନ ତଳେ ଗାଁ ଦାଣ୍ଡର ଧୂଳିରେ ନିଜର କେତେ ଧୂଳି-ଘର ଗଢ଼ିଛନ୍ତି; ଏକାଠି ମିଳିମିଶି କେତେ ଲୁଚକାଳି, ବୋହୂଚୋରି ଖେଳିଛନ୍ତି। ପିଲାଟି ଦିନ ଏକା ଚାହାଳୀରେ ସେମାନେ ପଢ଼ିଛନ୍ତି, ଏକା ମାଇନର ଓ ହାଇସ୍କୁଲରେ ପଢ଼ି ଆସିଛନ୍ତି। ଆଉ ଆଜି କଲେଜରେ ମଧ୍ୟ ସେମାନେ ଏକାଠି ପଢ଼ୁଛନ୍ତି। ଏହିପରି ଭାବରେ ଦୁଇଟି ନୀରଳସ ଜୀବନ ପାଖ ପାଖ ହୋଇ ଛନ୍ଦାୟିତ ଭାବରେ ଗତିକରି ଚାଲିଛି। ଏଣୁ ଦୁହିଁଙ୍କ ମଧ୍ୟରେ ଯେ ବେଶ୍ ବନ୍ଧୁତ୍ୱ ଜନ୍ମିଥିଲା, ଏହା ସ୍ୱାଭାବିକ। କିନ୍ତୁ ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ତାହା କ୍ରମଶଃ ଅନୁରାଗରେ ପରିଣତ ହେଲା। ଉଭୟେ ପରସ୍ପର ପ୍ରତି ପ୍ରଣୟାସକ୍ତ ହୋଇ ପଡ଼ିଲେ।

ହଁ, ଉପରୋକ୍ତ ଯୁବକଟି ସୁରେନ୍ଦ୍ରର ସହପାଠୀ ଥିଲା, ତହିଁରେ ପୁଣି ଘର ପାଖକୁ ଘର ଲାଗିଛି। ତେଣୁ ଦୁହିଁଙ୍କ ମଧ୍ୟରେ ଘନିଷ୍ଠତା ଜମି ଉଠିବା ସ୍ୱାଭାବିକ୍। ତଥାପି ସୁରେନ୍ଦ୍ର ତା'ର ଏମିତି ଏମିତି ଚଙ୍ଗବଙ୍ଗ କେମିତି ଅଡୁଆ ଅଡୁଆ ଲାଗେ। ତାକୁ

ଏ ବିଷୟରେ ସେ ଅନେକ ଥର ସତର୍କ କରି ଦେଇଛନ୍ତି । କହନ୍ତି, "ଆରେ, ଏସବୁ ଅଳଡ଼ା ଏଠି ସବୁଦିନେ କ'ଣ ଲାଗିଛି କିରେ ? କ'ଣ ପାଠ ପଢାପଢି ଛାଡ଼ି ଏମିତି ମଜଲିସରେ ମାତିଥିବୁ ? ପରୀକ୍ଷା ପରା ଆସି ମୁଣ୍ଡ ଉପରେ ହେଲାଣି ।" ସେ କିନ୍ତୁ ସୁରେନ୍ଦ୍ରର କଥାକୁ ହାଲୁକା ଭାବରେ ଉଡ଼େଇ ଦିଏ । କହେ, "ହଁରେ ଭାଇ, ଜୀବନରେ ଏମିତି କେତେ ପରୀକ୍ଷା ଆସିବ । ତେବେ ସେ ସବୁ ବିଷୟରେ ଏତେ ଭାବି ମୁଣ୍ଡ ଖରାପ କରିବାରେ ଲାଭ କଣ ? ଏସବୁ ବୟସରେ କିନ୍ତୁ ଲାଇଫ୍‌ଟା ପ୍ରକୃତ enjoy କରିବା କଥା । 'The beauty of life is to enjoy it—ମଜା କରିନେବେ ଲିଭେ ଯେ ଦୁନିଆଁ । ଏମିତି Friends, ଏମିତି Sweet hearts, ଅଳ୍ପ ସ୍ୱଳ୍ପ କଷ୍ଟ ସ୍ୱୀକାରରେ ଯେ ପ୍ରଚୁର ଅର୍ଥ ପ୍ରାପ୍ତି—ଏମିତି ଦିନ କ'ଣ ଆଉ କେବେ ଆସିବ ?" ତଥାପି ସୁରେନ୍ଦ୍ର ତାକୁ ବହୁତ ବୁଝାଏ । କିନ୍ତୁ ତା'ର ଏତେ ବୁଝେଇବା ବୃଥା ହୁଏ ।

ସୁରେନ୍ଦ୍ରର ବନ୍ଧୁତ୍ୱର ପୂର୍ଣ୍ଣ ସୁଯୋଗ ନେଇ ସେ ମହାର୍ଘ ସାହଚର୍ଯ୍ୟ ଲାଭ କରିଥିଲା । ଉଭୟେ କ୍ଲାସ ମେଟ, ତହିଁରେ ପୁଣି ଉଭୟଙ୍କର ଗ୍ରୁପ (ପାଠ୍ୟ ବିଷୟ) ବି ଏକା । ତେଣୁ ଅନେକ ସମୟରେ ପରସ୍ପର ପରସ୍ପରକୁ ସାହାଯ୍ୟ ଲୋଡନ୍ତି । ହେଲେ, ତା' ରାସ୍ତା କିନ୍ତୁ ଭିନ୍ନ । ବହୁ ସାଙ୍ଗରେ ତା'ର ଭୁଲରେ ସୁଦ୍ଧା କେବେ ସମ୍ପର୍କ ନଥାଏ । କଲେଜରେ ଯୁକ୍ତି ପଢିଲେ ସେଇ ତା'ର ଯଥେଷ୍ଟ । ଗୀତା, ଛବିଳା, ସୁସ୍ମିତା ଓ ଅନ୍ୟାନ୍ୟ ବନ୍ଧୁମାନଙ୍କ ମେଳରେ ସେ ସଦା ସର୍ବଦା ମଜ୍ଜି ରହୁଥାଏ । ତାହାର ମତରେ 'ମଜା କରିନେବେ ଲିଭେ ଯେ ଦୁନିଆ—life is to enjoy'. ମହେଶ କିନ୍ତୁ ତାକୁ ଭିନ୍ନ ଆଖିରେ ଦେଖେ । ତା'ର [illegible] ଏଡ଼ାଇବାକୁ ସେ ସର୍ବଦା ସଚେଷ୍ଟ ରହେ ।

ଥିବୁବେଳେ ସେ ଗୃହେଁ ତାର କୁଦୃଷ୍ଟି ପଥରୁ ନିଜକୁ ଲୁଚେଇ ରଖିବାକୁ । ତେଣୁ ତା'ର ଉପସ୍ଥିତି ମନ୍ଦସ୍ସ ପକ୍ଷରେ ଅସହ୍ୟ ହୋଇ ଉଠେ ।

"ସେ କିନ୍ତୁ ଏଣିକି ବେଶୀ ବେଶୀ ମନ୍ଦସ୍ସ ଘରକୁ ଯିବା ଆସିବା କରିବାକୁ ଲାଗିଲା, ଅବଶ୍ୟ ସୁବିଧା ଦେଖି । ଶ୍ରୀକାନ୍ତବାବୁ ଯେତେବେଳେ ବାହାରକୁ ଚାଲିଯାନ୍ତି, ସେ ଠିକ ସେତିକିବେଳେ ଯାଇ ହାଜର ହୁଏ ତାଙ୍କ ଘରେ । ନାନା ଅକଥ୍ୟ କଥାକହି ମନ୍ଦସ୍ସକୁ ପ୍ରଲୋଭିତ କରିବାକୁ ଚେଷ୍ଟା କରେ । ସେ ଗୃହିଁଲା ଗିତା ଛବିଲ ଇତ୍ୟାଦିଙ୍କ ପରି ମନ୍ଦସ୍ସକୁ ଟଙ୍କା ବଳରେ ନିଜର ବଶୀଭୂତ କରିବାକୁ ଗୀତା, ଛବିଲ, ସୁପ୍ରଭା, ଏମାନଙ୍କଠାରୁ ମନ୍ଦସ୍ସ କିନ୍ତୁ ଦେଖିବାକୁ ଅତୁଳ ସୁନ୍ଦର । ଏକଥା ଭାବିଲା ବେଳକୁ ତା'ଛାତି ଭିତରଟା କେମିତି ଖାଲି ଖାଲି ଲାଗେ—ଶୂନ୍ୟ ମହାଶୂନ୍ୟ ! ତାକୁ, ସେଇ ଜଣକୁ ସାଥୀ କରିବାକୁ ମନ ଖୋଜି ବୁଲେ ତା'ର । ମନ୍ଦସ୍ସ ନିକଟରେ ସେ ତା'ର, ପ୍ରାଣର ନିବେଦନ ଜଣାଏ ବ୍ୟାକୁଳ ଭାବରେ —ବହୁ ପ୍ରଲୋଭନ ଦେଖାଏ । କିନ୍ତୁ ମନ୍ଦସ୍ସ ଏସବୁଥିରେ ଭୁଲେ ନାହିଁ । ଗିତା, ଛବିଲାଙ୍କ ପରି ସେ ସେମିତିକା ଧରଣର ଝିଅ ନୁହେଁ । ସମୟ ଓ ସୁବିଧା ଦେଖି ଯୁବକଟି ତାକୁ ପ୍ରବର୍ତ୍ତାଏ । କିନ୍ତୁ ମନ୍ଦସ୍ସ ଭୁଲେନା ।

ଯୁବକଟିର ପିପାସା କିନ୍ତୁ ବଢ଼ି ଚାଲିଛି । ଧନମାନ ଏପରିକି ନିଜର ଜୀବନ ବିନିମୟରେ ମନ୍ଦସ୍ସକୁ ପାଇବାକୁ ହେବ । ସେ ଏପରି ପ୍ରାଣେ ପ୍ରାଣେ ଅନୁଭବ କରିବାକୁ ଲାଗିଲା କି ମନ୍ଦସ୍ସ ବିନା ତା'ର ଜୀବନ ଧାରଣ ଏକାବେଳେ ଅସମ୍ଭବ । ମନ୍ଦସ୍ସ—ମନ୍ଦସ୍ସ—ହିଁ ତା'ର ପ୍ରାଣ ! କୌଣସି ଉପାୟରେ ମନ୍ଦସ୍ସକୁ ପାଇ ନ ପାରି ସେ ଶେଷରେ ଚେଷ୍ଟାକଲା ମନ୍ଦସ୍ସକୁ ଲୁଣ୍ଠନ କରିବାକୁ । କ୍ଷଣକରେ

ଦୁର୍ବୃତ୍ତ ଭାବନା ତା ମନ ମଧ୍ୟରେ ଜାଗି ଉଠିଲା । ମନ୍ଦସ୍ ଆଜି ତା'ର ଅଭିଜାତ୍ୟକୁ ଚୂର୍ଣ୍ଣ କରୁଛି—ପଦାଘାତ କରୁଛି । ତେଣୁ ସେ ମନ୍ଦସ୍‌କୁ ଲୁଣ୍ଠନ କରିବ—ସେ ତାକୁ ହରଣଚାଳ କରିବ । ତାର ଗୁପ୍ତ ଥର ଉଠିଲା ।" ଦେଖ୍, କେଣିକ ଦେଖିବ କେଉଁ ଦାମ୍ଭିକତା ନେଇ ସେ ଗର୍ବ କରିବ !" ମନ୍ଦସ୍ ଜୀବନର ଧ୍ୱଂସ ସାଧନ ପାଇଁ ଆଜି ସେ ଦୃଢ଼ ପ୍ରତିଜ୍ଞା ! ସେହି ଉଦ୍ଦେଶ୍ୟରେ ବହୁ ଅର୍ଥ ବ୍ୟୟ କରି ସେ ଗଢ଼ିଲା ଶକ୍ତ ଦସ୍ୟୁଦଳ ।

ଆଉ ତା'ପରେ ?

ତା'ପରେ ନଭେମ୍ବର ଅଠର ତାରିଖ—

● ସିଭି ଏକ୍ସପ୍ରେସ୍ ଷ୍ଟେସନ ଛାଡ଼ି ଚାଲି ଯାଇଛି

● ଡ୍ରାଇଭରଙ୍କ ସ୍ପିଡ ଉପରେ କଳାରଙ୍ଗର ଗାଡ଼ିଟେ ତୀର ବେଗରେ ଛୁଟିଛି ।

ଆଉ ● ଲେବଲ୍ କ୍ରସିଂ ଗେଟ ପାଖରେ ପଡ଼ି ରହିଛି କ୍ଲୋରୋଫର୍ମରେ ବୁଡ଼ା ହୋଇଥିବା ଖଣ୍ଡିଏ ରୁମାଲ୍……

—ଏଗାର—

ଅଜି 'ମଦନ ଅପହରଣ' ମକଦ୍ଦମା ବିଚାରର ଶେଷ ଦିନ ବିଚାରର ଫଳାଫଳ ଜାଣିବା ପାଇଁ ଆଜି ବିଚାରାଳୟରେ ଲୋକ ଗହଳରେ ଫାଟି ପଡ଼ୁଛି । ବିଶେଷତଃ ବାପ ହାତରେ ପୁଅର ବିଚାର ଦେଖିବା ପାଇଁ ବହୁତ ଲୋକ ରୁଣ୍ଡ ହୋଇଛନ୍ତି ।

× × ×

ରାୟ ଲେଖା ସରିଲା । ବିଚାରର ଫଳାଫଳ ଶୁଣିବା ପାଇଁ ସମସ୍ତେ ନୀରବ ନିଶ୍ଚଳ ହୋଇ ଉଦ୍‌ଗ୍ରୀବ ନୟନରେ ବିଚାରପତିଙ୍କ ଆଡ଼କୁ ଚାହିଁ ରହିଲେ । ରାୟ ପଢ଼ା ହେଲା—

........ନଭେମ୍ବର ଅଠର ତାରିଖର ଘଟଣା । ସେଦିନ ସନ୍ଧ୍ୟା ସମୟରେ ମଦନ ଦେବୀଙ୍କୁ ବାଟରେ ଏକୁଟିଆ ଭେଟି ଆସାମୀ ତାଙ୍କୁ ଭୁଲାଇ ଷ୍ଟେସନ ଆଡ଼କୁ ସାଙ୍ଗରେ ନେଇ ଯାଇ ଥିଲା । ସେଇଦିନୁ ମଦନ ଆଉ ଘରକୁ ଫେରି ନାହାନ୍ତି ।

ତା'ପରେ ପୋଲିସର ଅନୁସନ୍ଧାନ ଖୁବ୍ ଜୋରସୋରରେ ଚାଲିଲା । କିନ୍ତୁ ମଦନଙ୍କ ସମ୍ବନ୍ଧରେ ସେମାନେ କୌଣସି ଠିକ୍ ପାଇପାରିଲେ ନାହିଁ ।

କିନ୍ତୁ ପ୍ରାଇଭେଟ ଡିଟେକ୍ଟିଭ ଅଶୋକବାବୁ ଓ ତାଙ୍କର ସହକାରୀ ଅଜୟ ଦୁହେଁ ସମସ୍ତଙ୍କର ଅଲକ୍ଷରେ ମଦନଙ୍କୁ ଖୋଜାଇ

କରିବାର କାର୍ଯ୍ୟଭାର ଗ୍ରହଣ କଲେ । ପ୍ରଥମେ ସେମାନେ ଶ୍ରୀକାନ୍ତ ବାବୁଙ୍କ ପାଖକୁ ଧମକ ଦେଇ ଲେଖାଯାଇ ପଠାଇଥିବା ଚିଠି ଖଣ୍ଡିକୁ ପରୀକ୍ଷା କରିଥିଲେ । ତହିଁ ଉତ୍ତାରୁ ସେମାନେ ମନ୍ଦିରାଙ୍କର କୋଠରୀ ଭିତର ଅନୁସନ୍ଧାନ କରି ସୁରେନ୍ଦ୍ରଙ୍କର ଦୁଇଟି ଚିଠି ଓ ଫଟୋ ଆଲବମରୁ ସୁରେନ୍ଦ୍ର ଓ ମନ୍ଦିରାଙ୍କର ଏକାଠି-ଫଟୋଟିଏ ପାଇଥିଲେ । ଏଗୁଡ଼ିକୁ ହସ୍ତଗତ କରି ମନ୍ଦିରାଙ୍କ କୋଠରୀ ଫେରି ସେମାନେ ଶ୍ରୀକାନ୍ତବାବୁଙ୍କ କୋଠରୀ ମଧ୍ୟକୁ ପ୍ରବେଶ କରିବାକୁ ଯାଉଛନ୍ତି । ଶୁଣିଲେ କେହି ଜଣେ ମନ୍ଦିରା ସମ୍ବନ୍ଧରେ ଆଉ ଅଧିକ ଅନୁସନ୍ଧାନ ନ ଚଳାଇବାକୁ ଶ୍ରୀକାନ୍ତବାବୁଙ୍କୁ ପ୍ରବର୍ତ୍ତାଉଛି । ସେତିକି ବେଳକୁ ସେହି ଯୁବକ ପ୍ରତି ସେମାନଙ୍କର ସନ୍ଦେହ ଦୃଷ୍ଟି ପଡ଼ିଲା । ସେହି ଯୁବକଟି ହେଉଛି ଏହି ଆସାମୀ ।

ତା'ପରେ ମନ୍ଦିରାଙ୍କର କଣ୍ଠହାର ପାର୍ଶେଲ କରିହୋଇ ପଠା ହୋଇ ଥିବା ଅଙ୍କି କାଗଜ ପରୀକ୍ଷାକରି ଅଶୋକବାବୁ ତହିଁ ଉପରେ ଅଠାରେ ବସିଥିବା ଟିପଚିହ୍ନ ଓ କଣ୍ଠହାର ଉପରେ ଶୁଖିଲା ରକ୍ତ ଉପର ଟିପଚିହ୍ନ—ଏ ଦୁଇଟିର ଫଟୋ ନେଇଥିଲେ । କଣ୍ଠହାର ସହ ସେ ଗୁଡ଼ିକ ଅଦାଲତରେ ଦାଖଲ କରି ଯାଇଛି । କଣ୍ଠହାରଟି ଯେ ମନ୍ଦିରାଙ୍କର ନୁହେଁ, କାରଣ ଏହାର କହୁଣି ତଳକୁ କୌଣସି କଳଙ୍କର ଚିହ୍ନ ନ ଥିଲା—ଏହାହିଁ ଅଶୋକବାବୁଙ୍କ 'ମନ୍ଦିରା ଉଦ୍ଧାର' ପଥରେ ଯଥେଷ୍ଟ ଆଶା ସଞ୍ଚାର କରି ପାରିଥିଲା ।

ତା'ପରେ ଅଜୟ ଶ୍ରୀକାନ୍ତବାବୁଙ୍କର ବନ୍ଧୁ-ପୁତ୍ର ମାଖନଲାଲ ଙ୍କଘରେ ହରଣଚାକର ଘରକୁ ଯିବା ଆସିବା କରିବାକୁ ଲାଗିଲେ । କୌଶଳରେ ସେ ତାର ହସ୍ତାକ୍ଷର ଓ ଟିପଚିହ୍ନ ନେଇ ଆଣି ପାରି ଥିଲେ । ଏଗୁଡ଼ିକ ଓ ଶ୍ରୀକାନ୍ତବାବୁଙ୍କୁ ଧମକ ଦେଇ ଲେଖା ପଠା ଯାଇଥିବା ଚିଠି ଓ ପୂର୍ବ ଟିପଚିହ୍ନ ଗୁଡ଼ିକ ସେ Finger Print

& Handwriting Bureauକୁ ପଠାଇ ଦେଇଥିଲେ । ସେଠାରୁ ରିପୋର୍ଟ ଆସି ସହଥିଲା ଓଯ ସେଗୁଡ଼ିକ ଜଣକର ଟିପଚିହ୍ନ ଓ ହସ୍ତାକ୍ଷର । ତେଣୁ ଅଶୋକବାବୁ ଓ ଅଜୟବାବୁ ଓ ଅଜୟବାବୁଙ୍କର ଦୃଷ୍ଟି ନିବଦ୍ଧ ହେଲା ଏଇ ଅସାମୀ ଉପରେ ।

ତପୂରେ ଦିନେ ସନ୍ଧ୍ୟାବେଳେ ପାଗଳା ଭିକାରୀ ବେଶ ଧରି ଅଶୋକବାବୁ ହରଣଚୁଲକାରୀର ପିଛା ଧରିଲେ । ଗୁପ୍ତ ଆଡ୍ଡା ସ୍ଥଳ ପାଖରେ ତାଙ୍କର ନିଜର ଅସାବଧାନତା ଯୋଗୁଁ ସେ ଦସ୍ୟୁ-ଦଳଦ୍ୱାରା ଧରାପଡ଼ିଗଲେ ସତ, ମାତ୍ର ତାଙ୍କର ଅଲକ୍ଷଣେ ଦୃର୍ବୃତ୍ତ ସମସ୍ତଙ୍କର ଅଗୋଚରରେ ସେ ଖଣ୍ଡିଏ ଚିଠି ଏ ଗୁପ୍ତ ଆଡ୍ଡାସ୍ଥଳୀକୁ ଯାଇଥିବା ରାସ୍ତାର ନକ୍ସା ପାରା ସାହାଯ୍ୟରେ ଅଜୟବାବୁଙ୍କ ନିକଟକୁ ପଠାଇ ଦେଇଥିଲେ ।

ପାରାଦ୍ୱାରା ଆନୀତ ସମ୍ବାଦ ପାଇ ଅଜୟବାବୁ ତତ୍‌କ୍ଷଣାତ ଲେବରେଟରୀଙ୍କ ପାଖକୁ ଯାଇ ଖଣ୍ଡେ ରୁମାଲ ଉଦ୍ଧାର କରିଥିଲେ । ତା'ପରେ ଅସାମୀର ଘର ଚାକର ଭୋଲାଠୁ ତାଙ୍କର ଧୋବାଘରର ଠିକଣା କଥାଚ୍ଛଳରେ ସଂଗ୍ରହ କରି ସେ ଜଣେ ହଳୁଆଣୀଙ୍କର ଛଦ୍ମବେଶ ଧାରଣ କରି ଅସାମୀଘରର ଧୋବା ହାଡ଼ିବନ୍ଧୁର ଘରକୁ ଯାଇ ଧୋବାଘରର ଚିହ୍ନଟିକୁ ମିଳାଇ ନେଇଥିଲେ । ହାଡ଼ିବନ୍ଧୁ ମଧ୍ୟ ସାକ୍ଷ୍ୟ ଦେଇ ଅଜୟବାବୁଙ୍କୁ ଚିହ୍ନଟ କରି ପାରିଛନ୍ତି । ଅଜୟଙ୍କର ସମସ୍ତ ସନ୍ଦେହ ଦୂରୀଭୂତ ହେଲା । କାରଣ ତାଙ୍କର ସନ୍ଦେହୀ ବ୍ୟକ୍ତିର ଲୁଗା ଓ ପ୍ରକୃତ ହରଣକାରୀର ରୁମାଲରେ ଏକପ୍ରକାର ଧୋବାଘର ଚିହ୍ନ ଦିଆଯାଇଥିଲା । ଉକ୍ତ ରୁମାଲଟିକୁ ମଧ୍ୟ ଅଦାଲତରେ ଦାଖଲ କରାଯାଇଛି ।

ତା'ପରେ ଦିନେ ଅର୍ଦ୍ଧରାତ୍ରିରେ ଅଶୋକବାବୁଙ୍କଠାରୁ ହଠାତ୍ କବୁତର ବେତାରବାର୍ତ୍ତା ପାଇ ଅଜୟବାବୁ ତତକ୍ଷଣ ସଶସ୍ତ୍ର

ସିପାହୀଙ୍କ ସାହାଯ୍ୟରେ ଦସ୍ୟୁଦଳର ଗୁପ୍ତ ଅଡ୍ଡାସ୍ଥଳୀକୁ ଗୋପନୀୟଭାବରେ ଘେରାଉ କଲେ । ସେଇଠାରେ ତାଙ୍କର ଅଶୋକବାବୁଙ୍କ ସାଥିରେ ଭେଟ ହୋଇଥିଲା । ଅଶୋକବାବୁ କୌଶଳକ୍ରମେ ଗଛବାଟେ ଚଢି ବନ୍ଦୀଶାଳାରୁ ବାହାରକୁ ଖସି ଆସିଥିଲେ । ବାହାରେ ବନ୍ଦୀ ଓ ବନ୍ଦିନୀଙ୍କୁ ସ୍ଥାନାନ୍ତରିତ କରି-ବାପାଇଁ ମଟର ପ୍ରସ୍ତୁତ ହୋଇଥିଲା । ଅଶୋକବାବୁ ଡ୍ରାଇଭରକୁ ଏକୁଟିଆ ଦେଖି କାବୁ କରି ପାରିଥିଲେ । ତାକୁ ଆଘାତ କରି ମୂର୍ଚ୍ଛିତ ଅବସ୍ଥାରେ ଅଜୟଙ୍କ ପାଖରେ ଛାଡ଼ି ଦେଇଗଲେ ଏବଂ ନିଜେ ଡ୍ରାଇଭରର ଛଦ୍ମବେଶ ଧାରଣ କରି ମଦନ ଓ ସୁରେନ୍ଦ୍ର ଉଭୟଙ୍କୁ ଗୁପ୍ତ ଅଡ୍ଡାସ୍ଥଳୀରୁ ନେଇ ଯାଇଥିଲେ । ଅଶୋକ ବାବୁଙ୍କର ଏ କୌଶଳ କିନ୍ତୁ ତତ୍‌କ୍ଷଣାତ୍ ଦସ୍ୟୁଦଳଦ୍ୱାରା ଧରା ପଡ଼ିଗଲା, କାରଣ ଦସ୍ୟୁଦଳରୁ ଜଣେ ଧାଇଁଆସି ବନ୍ଦୀ ଖସିଯାଇଥିବା ଏବଂ ଲଛମନ୍ ଓ ଧ୍ରୁବଙ୍କ ଅଚେତ ଅବସ୍ଥାରେ ପଡ଼ିଥିବାର ସମ୍ବାଦ ସର୍ଦ୍ଦାରକୁ ଜଣାଇଲା । ସେତେବେଳକୁ ଗାଡ଼ି ମାତ୍ର ଅଳ୍ପବାଟ ଆଗେଇ ଯାଇଥିଲା । ସର୍ଦ୍ଦାର ଗାଡ଼ି ଟାୟାରକୁ ଲକ୍ଷ୍ୟ କରି ଗୁଳି ମାରିବାକୁ ଉଦ୍ୟତ ହେଉଥିଲାବେଳେ ପଛପଟରୁ ଅଜୟଙ୍କ ଗୁଳି ଚୋଟରେ ସର୍ଦ୍ଦାର ହାତରୁ ପିସ୍ତଲ ତଳକୁ ଖସି ପଡ଼ିଲା । ଅଜୟ ଓ ଅନ୍ୟାନ୍ୟ ସିପାହୀମାନେ ସେତେବେଳକୁ ସେମାନଙ୍କର ଚାରିପଟେ ଘେରାଉ କରି ଦେଇଥିଲେ । ଦସ୍ୟୁଦଳ ଅସ୍ତ୍ର ସମର୍ପଣ କଲା । ତା'ପରେ ସେମାନଙ୍କୁ ସମସ୍ତଙ୍କୁ ଗିରଫ କରାଗଲା । ଅଶୋକବାବୁ ଡିକ୍‌ଟାଫୋନ୍ ସାହାଯ୍ୟରେ ସର୍ଦ୍ଦାରର ଯେଉଁ କଥା-ବାର୍ତ୍ତା ରେକର୍ଡିଂ କରିଥିଲେ, ତାହା ଗତକାଲି ଏହି ଅଦାଲତ ଗୃହ ମଧ୍ୟରେ ସମସ୍ତ ଶ୍ରୋତାଙ୍କ ସମ୍ମୁଖରେ ବଜାଇ ଶୁଣାଇ ଦିଆ ଯାଇଥିଲା । ଆସାମୀର କଥାବାର୍ତ୍ତା ଯାହାକି ରେକର୍ଡିଂ ହୋଇଛି, ତାହାହିଁ ତା' ବିରୁଦ୍ଧରେ ପ୍ରଧାନ ପ୍ରମାଣ ।'

ରାୟର ଶେଷରେ ଲେଖା ହୋଇଥିଲା, 'ବିଜୟ ମୋର ପୁତ୍ର ସତ ମାତ୍ର ବିଚାର ଦୃଷ୍ଟିରୁ ତା'ର ଏ ପ୍ରକାର ହୀନକାର୍ଯ୍ୟ ଅକ୍ଷମଣୀୟ। ଜଣକର ପ୍ରେମର ମରୀଚିକା ପଛରେ ଧାଇଁ ଶେଷରେ ସେ ନିଜକୁ ରାକ୍ଷସ ପାଲଟାଇଛି। ହୀନ ପ୍ରବୃତ୍ତିର ବଶବର୍ତ୍ତୀ ହେଲେ ମନରୁ ଦୟା, ମାୟା, କ୍ଷମା, ବିବେକ ଏ ସମସ୍ତ ବିଦାୟ ନିଅନ୍ତି। ଏଭଳି ପୁରୁଷମାନେ ସ୍ତ୍ରୀମାନଙ୍କ ପ୍ରତି ଅବହେଳା ଓ ଦୁର୍ବ୍ୟବହାର କରୁଥିବାରୁ ନିଶ୍ଚୟ ଦୋଷୀ ଏବଂ ସେଥିନିମନ୍ତେ ସେମାନେ ଉଚିତ୍ ଦଣ୍ଡ ପାଇବା ଆବଶ୍ୟକ। ଏଣୁ ମୁଁ ଆଜି ମୋ ନିଜ ହାତରେ ନାରୀହରଣରେ ଅଭିଯୁକ୍ତ ବିଜୟ କୁମାର ରାୟଙ୍କୁ ଦଶବର୍ଷ ସଶ୍ରମ କାରାଦଣ୍ଡ ଓ ତାଙ୍କୁ ଏପରି ଘୃଣ୍ୟ ଓ ନିନ୍ଦନୀୟ କାର୍ଯ୍ୟରେ ସାହାଯ୍ୟ କରିବା ହେତୁ ଦଳର ଦୁର୍ଜ୍ଜୟ ସିଂ, ଲକ୍ଷ୍ମନ୍ ରାମ, କର୍ଣ୍ଣ ସିଂ, ଗୋପୀରାମ ବେହେରା ଓ ମହନା ବାରିକ ପ୍ରତ୍ୟେକଙ୍କୁ ଚାରିବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡ ଆଦେଶ ଦେଉଛି। ଲୋକେ ଜାଣନ୍ତୁ, ଦେଖନ୍ତୁ, ନାରୀ ପ୍ରତି ଦୁର୍ବ୍ୟବହାର ଓ ସେମାନଙ୍କ ଜୀବନକୁ ନେଇ ଖେଳିବାର ପରିଣତି କିପରି ବିଷମୟ ଅଟେ।

ରାୟ ପଢି ଶୁଣାଇ ଦିଆଗଲା। ଉପସ୍ଥିତ ଜନତା ସ୍ତବ୍ଧ ହେଲା। ବିଚାରାଳୟ ଗୃହରେ ନୀରବତା ପୂର୍ଣ୍ଣମାତ୍ରାରେ ବିରାଜୁଥିଲା।

ରାୟ ପଢା ହୋଇସାରି ଜଜ୍‌ଙ୍କ ହାତକୁ ବଢାଇ ଦିଆଗଲା। ଜଜ୍ ସାହେବ ଗୋଟିଏ ହାତରେ କାଗଜକୁ ଧରିଲେ ଏବଂ ଅନ୍ୟ ହାତରେ କଲମକୁ କାମୁଡ଼ି ଦନ୍ତେ ଭାଙ୍ଗିଲେ।

— ଶେଷ —